ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-115 ♦SUNDAY ♦18 OCTOBER 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୧୧୫ ♦ରବିବାର ♦୧୮ ଅକ୍ଟୋବର ୨୦୨୬ ♦ପୃଷ୍ଠା-୧୨+୪(ସିନ୍ଦୂରା) ♦ଟ.୭.୦୦

MMTC-PAMP
Swiss Excellence. Made in India.

ଭାଙ୍ଗିଲା ସବୁ ରେକର୍ଡ! ଗ୍ରାହକଙ୍କ ସୁଅ ଛୁଟୁଛି ଲାଲ୍‌ଚନ୍ଦ୍‌କୁ

LALCHND
Trusted Brand Since 1948

ଏହି ପୂଜାରେ ଓଡ଼ିଶାର ନଂ.୧ ଅଳଙ୍କାର ପ୍ରତିଷ୍ଠାନ!

ଦୁର୍ଗାପୂଜାର ଉତ୍ସବ ଯେତିକି ଜମୁଛି, ଲାଲ୍‌ଚନ୍ଦ୍ ଜୁଏଲର୍ସରେ ସେତିକି ବଢ଼ୁଛି ଗ୍ରାହକଙ୍କ ଅସାଧାରଣ ଭିଡ଼! ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଲାଲ୍‌ଚନ୍ଦ୍ ଶୋ'ରୁମ୍‌କୁ ଗ୍ରାହକମାନେ ସପରିବାର ଛୁଟି ଆସୁଛନ୍ତି, ଭାରତର ଶ୍ରେଷ୍ଠ ଗହଣା କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ପ୍ରକାରର ସଦ୍ୟତମ ଅଳଙ୍କାର ଯେପରିକି ଆକର୍ଷଣୀୟ ଆଣ୍ଟିକ୍, ଡିଜାଇନର୍, ଇଟାଲିଆନ୍, ଫ୍ୟାନ୍ସି ଓ ବ୍ରାଇଡାଲ୍ ଗହଣା ଇତ୍ୟାଦି କିଣିବା ପାଇଁ।

ଲାଲ୍‌ଚନ୍ଦ୍ କାହିଁକି ଓଡ଼ିଶାର ପସନ୍ଦ?

ଉତ୍ତର ଅତି ସରଳ: ବିଶ୍ୱାସ, ଶୁଦ୍ଧତା ଏବଂ ମୂଲ୍ୟ ନିର୍ଦ୍ଧାରଣରେ ସ୍ୱଚ୍ଛତା

ଲାଲ୍‌ଚନ୍ଦ୍‌ରେ 22 କ୍ୟାରେଟ୍ ଏଚ୍‌ୟୁଆଇଡି ବିଆଇଏସ୍ ହଲ୍‌ମାର୍କଡ୍ ସୁନା ଅଳଙ୍କାର ମାତ୍ର ୨.୨୨% ଗଢ଼ା ମଜୁରିରେ ଉପଲବ୍ଧ ଆଉ ସୁନା ଚେନ୍ ମାତ୍ର ୬.୨୨% ଗଢ଼ା ମଜୁରିରେ!

ଆକର୍ଷଣୀୟ ରିହାତିର ମାୟାଜାଲ ପ୍ରତି ସାବଧାନ!

କେତେକ ଜୁଏଲର୍ ଗଢ଼ା ମଜୁରି ଉପରେ 50% ରିହାତିର ଆକର୍ଷଣୀୟ ବିଜ୍ଞାପନ ଦେଉଛନ୍ତି! କିନ୍ତୁ ହିସାବଟି ଥରେ ଦେଖନ୍ତୁ! ଯଦି ଗଢ଼ା ମଜୁରି ପ୍ରଥମରୁ 30% ଥାଏ, ତେବେ 50% ରିହାତି ପରେ ମଧ ଗ୍ରାହକଙ୍କୁ 15% ଗଢ଼ା ମଜୁରି ଦେବାକୁ ପଡୁଛି!

'ଏତେ ବଡ଼' ରିହାତି ପରେ ବି 15% ଗଢ଼ା ମଜୁରି କାହିଁକି ଦେବେ?
ଯେତେବେଳେ ଲାଲ୍‌ଚନ୍ଦ୍‌ରେ ଏହା ମାତ୍ର ୨.୨୨%!

ସମାନ କାରିଗର, ସମାନ ନିର୍ମାତା, ବିଆଇଏସ୍ ହଲ୍‌ମାର୍କର ସମାନ ଶୁଦ୍ଧତା ଏବଂ ପ୍ରାୟ ସମାନ ଡିଜାଇନ୍। ତଥାପି, ଅନେକ ଜାତୀୟ ଜୁଏଲାରୀ ବ୍ରାଣ୍ଡ ବଲିଉଡ୍ ତାରକା, ଆଡ଼ମ୍ବରପୂର୍ଣ୍ଣ ବିଜ୍ଞାପନ ଅଭିଯାନ ଏବଂ ବିପୁଳ କର୍ପୋରେଟ୍ ଖର୍ଚ୍ଚ ପାଇଁ ଶହ ଶହ କୋଟି ଟଙ୍କା ବ୍ୟୟ କରନ୍ତି। ଏହି ଖର୍ଚ୍ଚ ଆପଣଙ୍କଠାରୁ ଅଧିକ ଗଢ଼ା ମଜୁରି ଆକାରରେ ଆଦାୟ କରନ୍ତି—ଯାହା ବେଳେବେଳେ 30%ରୁ 35% ପର୍ଯ୍ୟନ୍ତ ହୋଇଥାଏ। ଲାଲ୍‌ଚନ୍ଦ୍ ଏଭଳି ଅନାବଶ୍ୟକ ଖର୍ଚ୍ଚରୁ ଦୂରେଇ ରହେ ଏବଂ ସେହି ସଞ୍ଚୟର ସିଧାସଳଖ ଲାଭ ଆପଣଙ୍କୁ ଦିଏ।

ସଞ୍ଚୟର ଫରକ ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ!

ଧରନ୍ତୁ, ଆପଣ 5 ଲକ୍ଷ ଟଙ୍କାର ସୁନା ଗହଣା କିଣୁଛନ୍ତି। ଯେଉଁଠି 15% ଗଢ଼ା ମଜୁରି ଦେବାକୁ ପଡ଼ିବ, ସେଠାରେ ଆପଣଙ୍କ ମୋଟ ଖର୍ଚ୍ଚ ହେବ ₹5,75,000। କିନ୍ତୁ ଲାଲ୍‌ଚନ୍ଦ୍‌ରେ **9.99%** ଗଢ଼ା ମଜୁରି ହିସାବରେ ମୋଟ ଖର୍ଚ୍ଚ ମାତ୍ର ₹5,49,950। ଲାଲ୍‌ଚନ୍ଦ୍‌ରେ ଆପଣଙ୍କ ସଞ୍ଚୟ: **₹25,050!** ସୁନା ଚେନ୍ କିଣିଲେ ତ ସଞ୍ଚୟ ଆହୁରି ଅଧିକ ହେବ! 5 ଲକ୍ଷ ଟଙ୍କାର ସୁନା ଚେନ୍ କିଣିଲେ, ଲାଲ୍‌ଚନ୍ଦ୍‌ରେ **6.99%** ଗଢ଼ା ମଜୁରି ଅନୁସାରେ ଆପଣଙ୍କ ମୋଟ ଖର୍ଚ୍ଚ ହେବ ମାତ୍ର ₹5,34,950। ଅନ୍ୟତ୍ର 15% ଗଢ଼ା ମଜୁରି ଦେଲେ ଖର୍ଚ୍ଚ ହେବ ₹5,75,000। ଲାଲ୍‌ଚନ୍ଦ୍‌ରେ ଆପଣଙ୍କ ସଞ୍ଚୟ: **₹40,050**!

୧୯୪୮ରୁ ଭରସାର ଏକ ପରମ୍ପରା

ଅନେକ ପିଢ଼ି ଧରି, ଓଡ଼ିଶାର ବିବାହ, ପର୍ବପର୍ବାଣି ଓ ପରିବାରର ଅମୂଲ୍ୟ ଉତ୍ସବରେ, ଲାଲ୍‌ଚନ୍ଦ୍ ଅବିଚ୍ଛେଦ୍ୟ ଅଂଶ ଭାବେ ରହିଆସିଛି। ଏଠାରେ ଗ୍ରାହକ କେବଳ କ୍ରେତା ନୁହଁନ୍ତି; ସେମାନେ ଆମ ପରିବାରର ଅଂଶ। ନା ଜଟିଳ ହିସାବ, ନା ବଡ଼ ରିହାତିର ଆଢୁଆଳରେ ଅଧିକ ଗଢ଼ା ମଜୁରି। କେବଳ ମନମୁଗ୍ଧକର ଗହଣା, ସୁନାର ନିଶ୍ଚିତ ଶୁଦ୍ଧତା ଓ ସଚ୍ଚୋଟ ମୂଲ୍ୟ।

ପାର୍ବଣର ଭିଡ଼ ହିଁ କହୁଛି ସବୁ କିଛି!

ଓଡ଼ିଶାର ପରିବାରମାନେ ଏବେ ବୁଦ୍ଧିମତ୍ତାର ସହ ପସନ୍ଦ କରୁଛନ୍ତି—ଅଧିକ ସୁନା, କମ୍ ଗଢ଼ା ମଜୁରି ଓ ଅଧିକ ସଞ୍ଚୟ। ଏହି ପୂଜାରେ ଉତ୍ସବକୁ କରନ୍ତୁ ମନୋରମ, କିଣନ୍ତୁ ଭାବିଚିନ୍ତି, ସଞ୍ଚୟ କରନ୍ତୁ ଅଧିକ!

ଲାଲ୍‌ଚନ୍ଦ୍ – ଓଡ଼ିଶାର ନିଜସ୍ୱ ପାରିବାରିକ ଜୁଏଲର୍!

କାରଣ ଆପଣଙ୍କ ପରିବାରର କଷ୍ଟ ଉପାର୍ଜିତ ଟଙ୍କାର ମୂଲ୍ୟ ଖୁବ ଅଧିକ, ଆଉ ପ୍ରତ୍ୟେକ ମୂଲ୍ୟବାନ ଉତ୍ସବ ଶ୍ରେଷ୍ଠତମ ଅନୁଭୂତିର ହକ୍‌ଦାର୍।

ସମସ୍ତଙ୍କ ପାଇଁ ଏକ ଆନ୍ତରିକ ପରାମର୍ଶ: ସୁନା ଗହଣା କିଣିବା ପୂର୍ବରୁ ବିଭିନ୍ନ ଦୋକାନର ଚୂଡ଼ାନ୍ତ ଗଢ଼ା ମଜୁରି ନିଶ୍ଚୟ ତୁଳନା କରନ୍ତୁ

6.99% ଗଢ଼ା ମଜୁରି ସମସ୍ତ 22 କ୍ୟାରେଟ୍ ଏଚ୍‌ୟୁଆଇଡି ସୁନା ଚେନ୍ ଉପରେ

9.99% ଗଢ଼ା ମଜୁରି ଅନ୍ୟ ସମସ୍ତ 22 କ୍ୟାରେଟ୍ ଏଚ୍‌ୟୁଆଇଡି ସୁନା ଅଳଙ୍କାର ଉପରେ

25% ରିହାତି ସମସ୍ତ ଆଇଜିଆଇ ସର୍ଟିଫାଏଡ୍ ହୀରା ମୂଲ୍ୟ ଉପରେ

50% ରିହାତି ସମସ୍ତ ରୂପା ଅଳଙ୍କାର ଗଢ଼ା ମଜୁରି ଉପରେ

UP TO ₹5,000 EXTRA CASHBACK# SBI card

#Min. Trxn.: ₹50,000; Max. Cashback: ₹5,000 per card account; Validity: 13 Oct - 19 Oct 2026. T&C Apply.

SHOP. CELEBRATE. WIN BIG. KAUN BANEGA LAKHPATI

SONE PE SUHAGA ମାସିକ ଯୋଜନା — 0 ଗଢ଼ା ମଜୁରି ସମସ୍ତ 22 କ୍ୟାରେଟ୍ ଏଚ୍‌ୟୁଆଇଡି ସୁନା ଓ ଆଇଜିଆଇ ସର୍ଟିଫାଏଡ୍ ହୀରା ଗହଣା ଉପରେ

ସ୍କାନ୍ କରନ୍ତୁ ଏବଂ ତୁରନ୍ତ ସମ୍ପର୍କ କରନ୍ତୁ

ସ୍ମାର୍ଟ ଗୋଲ୍ଡ ପ୍ରି-ବୁକିଂ
ଆପଣ କ୍ରୟ କରିବାକୁ ଚାହୁଁଥିବା ଏଚ୍‌ୟୁଆଇଡି ସୁନାର ଆନୁମାନିକ ଓଜନର ଅଗ୍ରିମ ଦେଇ ସୁନା ମୂଲ୍ୟକୁ ଲକ୍ କରନ୍ତୁ। କିଣିବା ଦିନର ମୂଲ୍ୟ ଏବଂ ବୁକିଂ ଦିନର ମୂଲ୍ୟ ମଧ୍ୟରେ ଯେଉଁଟି କମ୍, ସେହି ଦାମ୍‌ରେ ସୁନା କିଣନ୍ତୁ।

୨୨୨.୨ ଶୁଦ୍ଧ ଏମ୍ଏମ୍‌ଟିସି ସୁନା ଓ ରୂପା ମୁଦ୍ରା କେବଳ ଲାଲ୍‌ଚନ୍ଦ୍‌ରେ ଉପଲବ୍ଧ | ପୁରୁଣା ଏଚ୍‌ୟୁଆଇଡି ସୁନା ଏକ୍ସଚେଞ୍ଜରେ ପାଆନ୍ତୁ 100% ସୁନା ମୂଲ୍ୟ

aarouhi BY LALCHND
ଲାଇଟ୍‌ୱେଟ୍ ଡାଇମଣ୍ଡ ଜୁଏଲାରୀ
ମାଷ୍ଟର୍ କ୍ୟାଣ୍ଟିନ୍, ଭୁବନେଶ୍ୱର

ଲାଲ୍‌ଚନ୍ଦ୍ ପ୍ରତିଶ୍ରୁତି: ✓ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ✓ ସର୍ବନିମ୍ନ ଗଢ଼ାମୂଲ୍ୟ ✓ ଆଜୀବନ ରକ୍ଷଣାବେକ୍ଷଣ ✓ ବାଏବ୍ୟାକ୍‌ର ଗ୍ୟାରେଣ୍ଟି ✓ ଉଚ୍ଚ ଶୁଦ୍ଧତା ପରିମାପକ କ୍ୟାରେଟ୍ ମିଟର୍

ଭୁବନେଶ୍ୱର ମାଷ୍ଟର୍ କ୍ୟାଣ୍ଟିନ୍ 0674-2534016/17/18 | ଭୁବନେଶ୍ୱର ରଘୁନାଥପୁର 0674-2469149/150/151 | ବ୍ରହ୍ମପୁର ଧର୍ମ ନଗର 0680-2229401/02/04 | କଟକ କ୍ୟାଣ୍ଟନମେଣ୍ଟ ରୋଡ୍ 0671-2302505/3505/4505 | କଟକ ସିଡିଏ ସେକ୍ଟର-୬ 0671-2503371/72/73 | ନୂଆଦିଲ୍ଲୀ ଲାଜପତ୍ ନଗର 011-45769564

ଆପଣମାନଙ୍କ ସୁବିଧା ପାଇଁ ମାଷ୍ଟର୍ କ୍ୟାଣ୍ଟିନ୍ ଶୋ'ରୁମ୍‌ର ପଚ୍ଛପାର୍ଶ୍ୱସ୍ଥ ଦ୍ୱାରଠାରେ ପର୍ଯ୍ୟାପ୍ତ ପାର୍କିଂର ସୁବ୍ୟବସ୍ଥା ସହ ସମ୍ମୁଖ ଦ୍ୱାର ନିକଟରେ ଭାଲେ ପାର୍କିଂ ଉପଲବ୍ଧ

ସକାଳ THE SAKALA

କଟକ ରୋଭର୍ସ ଷ୍ଟ୍ରିଟ୍ ପୂଜା ମଣ୍ଡପରେ ବିରାଜିତ ମା’ ଦଶଭୂଜା

ଭୁବନେଶ୍ୱରରେ ପହଞ୍ଚିଲେ ନବନିଯୁକ୍ତ ରାଜ୍ୟପାଳ ଡ. ବ୍ରଜମୋହନ ରାମ

ବିମାନ ବନ୍ଦରରେ ଗାର୍ଡ ଅଫ୍ ଅନର୍ ପ୍ରଦାନ, ଆଜି ନେବେ ଶପଥ

ଭୁବନେଶ୍ୱର,୧୭।୧୦(ସମିସ): ନବନିଯୁକ୍ତ ରାଜ୍ୟପାଳ ଡକ୍ଟର ବ୍ରଜମୋହନ ରାମ ଶନିବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଗାର୍ଡ ଅଫ୍ ଅନର ସହ ଭବ୍ୟ ସ୍ୱାଗତ କରାଯାଇଛି। ଆସନ୍ତାକାଲି ଲୋକଭବନରେ ରାଜ୍ୟପାଳ ଭାବେ ସେ ଶପଥ ଗ୍ରହଣ କରିବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଚାଲିଛି।

ଶନିବାର ଦିନ ସାଢ଼େ ୧୧ଟାରେ ଡକ୍ଟର ବ୍ରଜମୋହନ ରାମ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାପରେ ସେ ପରିବାର ସହ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ। ଆସନ୍ତାକାଲି (ରବିବାର) ସକାଳ ୧୧ଟାରେ ଲୋକଭବନର ନୂଆ ଅଭିଷେକ ହଲ୍‌ରେ ତାଙ୍କର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ। ଏହି ସମାରୋହରେ ଝାଡ଼ଖଣ୍ଡରୁ ପ୍ରାୟ ୩୦୦ ଅତିଥିଙ୍କ ସମେତ ରାଜ୍ୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଏସିଆନ୍ ଗେମ୍‌ସରେ ସ୍ୱର୍ଣ୍ଣପଦକ ଜିତିଥିବା ଭାରତୀୟ ପୁରୁଷ ଓ ମହିଳା ହକି ଦଳର ଖେଳାଳିଙ୍କୁ ଶନିବାର ନବୀନ ନିବାସରେ ସମ୍ବର୍ଦ୍ଧିତ କରୁଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହି ଅବସରରେ ହକି ଇଣ୍ଡିଆ ଅଧ୍ୟକ୍ଷ ଦିଲ୍ଲୀପ ତିର୍କୀ ଉପସ୍ଥିତ ଥିଲେ।

ରାଜ୍ୟବାସୀଙ୍କୁ ନବୀନଙ୍କ ଦୁର୍ଗାପୂଜା ଶୁଭେଚ୍ଛା

ଭୁବନେଶ୍ୱର, ୧୭।୧୦ (ସମିସ): ଦୁର୍ଗାପୂଜା ତଥା ଦଶହରା ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକ ବାର୍ତ୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ପବିତ୍ର ଦଶହରା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟର ବିଜୟ ବାର୍ତ୍ତା ଦେଇଥାଏ। ଅସତ୍ୟ, ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ ହିଁ ହେଉଛି ମା’ଙ୍କ ଶ୍ରେଷ୍ଠ ଆରାଧନା। ମା’ ଦୁର୍ଗାଙ୍କ ଆଶୀର୍ବାଦ ସମସ୍ତଙ୍କ ଜୀବନକୁ ଖୁସି ଓ ଆନନ୍ଦରେ ଭରିଦେଉ ଏବଂ ପ୍ରତି ପରିବାର ପାଇଁ ସୁଖ ଓ ସମୃଦ୍ଧି ଆଣି ଦେଉ ବୋଲି ନବୀନ କାମନା କରିଛନ୍ତି।

ଛାତ୍ର ସଂସଦ ନିର୍ବାଚନରେ ସରକାରୀ କଳର ଦୁରୁପଯୋଗକୁ ନେଇ ସୁଜାତାଙ୍କ କ୍ଷୋଭ

ଭବିଷ୍ୟତ ପିଢ଼ିଙ୍କୁ କେଉଁ ବାର୍ତ୍ତା ଦେଲେ ଆତ୍ମସମୀକ୍ଷା କରନ୍ତୁ

■ ସବୁ ପ୍ରତିକୂଳ ସ୍ଥିତି ସତ୍ତ୍ୱେ ୭୦%ରୁ ଊର୍ଦ୍ଧ୍ୱ କଲେଜରେ ବିସିଜେଡିର ବିଜୟ
■ ଏହି ବିଜୟ ସତ୍ୟ, ନ୍ୟାୟ, ଅହିଂସା ଏବଂ ନବୀନ ପଟ୍ଟନାୟକଙ୍କ ଆଦର୍ଶର ଜୟ

ଭୁବନେଶ୍ୱର,୧୭।୧୦(ସମିସ): ସଦ୍ୟ ସମାପ୍ତ ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ସମସ୍ତ ଛାତ୍ର ନେତା ଓ ଛାତ୍ର ସମାଜକୁ ବିଜେଡି ନେତ୍ରୀ ସୁଜାତା ରାଉତ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

ଚଳିତ ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳର ବିପୁଳ ବିଜୟକୁ ନେଇ ସେ ଖୁସି ପ୍ରକାଶ କରିଛନ୍ତି। ଏହି ଅବସରରେ ସୁଜାତା କହିଛନ୍ତି, ସବୁ ପ୍ରତିକୂଳ ପରିସ୍ଥିତି, ରାଜ୍ୟ ବିଜେପି ସରକାରଙ୍କ ଷଡ଼ଯନ୍ତ୍ର ସତ୍ତ୍ୱେ ବିସିଜେଡିର ଛାତ୍ରନେତାମାନେ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ କଲେଜରେ ବିଜୟ ଲାଭ କରିଛନ୍ତି। ସେହିପରି ନିର୍ବାଚନରେ ବିଜେପି ନେତାମାନେ ସରକାରୀ କଳ ଓ ବଳର ବ୍ୟାପକ ଦୁରୁପଯୋଗ ସହ ଗୁଣ୍ଡାଗର୍ଦ୍ଦି କରି ଆମର ଭବିଷ୍ୟତ ପିଢ଼ିଙ୍କୁ କେଉଁ ବାର୍ତ୍ତା ଦେଲେ ସେ ନେଇ ଆତ୍ମସମୀକ୍ଷା କରନ୍ତୁ ବୋଲି ସୁଜାତା କ୍ଷୋଭର ସହ କହିଛନ୍ତି।

ଶନିବାର ଶଙ୍ଖ ଭବନରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ସେ କହିଲେ ଯେ ଓଡ଼ିଶାର ସମସ୍ତ ଛାତ୍ର ସମାଜକୁ ଶୁଭେଚ୍ଛା ଜଣାଉଛି। ବିଜୁ ଜନତା ଦଳ ସବୁବେଳେ ଛାତ୍ର ସମାଜ ସହ ଛିଡ଼ା ହୋଇଛି। ଓଡ଼ିଶାରେ ବିଜେପି ସରକାରର ଦକ୍ଷତା ଏବଂ ତାଙ୍କ ଉଦ୍ଦେଶ୍ୟମୂଳକ କାର୍ଯ୍ୟକୁ ଓଡ଼ିଶାବାସୀ ଭଲଭାବରେ ଜାଣି ସାରିଲେଣି। ମାତ୍ର ଚଳିତ କଲେଜ ନିର୍ବାଚନରେ ସେମାନେ ନିମ୍ନତାର ସବୁସ୍ତରକୁ ଟପିଗଲେ। ପୁଲିସ ପ୍ରଶାସନର ଭରପୂର ଉପଯୋଗ କଲେ। ଆମ ଛାତ୍ରମାନଙ୍କୁ ଧମକ ଦିଆଗଲା। ମହିଳା କଲେଜ ମଧ୍ୟକୁ ଗୁଣ୍ଡାମାନେ ପଶିଲେ। ବିସିଜେଡିର ଛାତ୍ରମାନଙ୍କୁ ପୁଲିସ ଅନ୍ୟାୟ ଭାବରେ ଉଠାଇ ନେଲା। କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ଚାପ ସୃଷ୍ଟି କରାଗଲା। ପ୍ରବଳ ଟଙ୍କା ବଣ୍ଟାଗଲା। ମାତ୍ର ସବୁ ପ୍ରତିକୂଳ ସ୍ଥିତି ସତ୍ତ୍ୱେ ବିସିଜେଡିର ପ୍ରାର୍ଥୀମାନେ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ କଲେଜରେ ବିଜୟ ଲାଭ କରିଛନ୍ତି। ଏହି ବିଜୟ ସତ୍ୟ, ନ୍ୟାୟ, ଅହିଂସା ଏବଂ ନବୀନ ପଟ୍ଟନାୟକଙ୍କର ଆଦର୍ଶର ଜୟ ଅଟେ ବୋଲି ସେ କହିଛନ୍ତି।

ସେହିପରି ରମାଦେବୀ ବିଶ୍ୱ ବିଦ୍ୟାଳୟରେ ଯେପରି ଜାଣିଶୁଣି ଫଳ ପ୍ରକାଶକୁ ବିଳମ୍ବିତ କରାଗଲା, ତାହାକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଗୋଟିଏ କଲେଜରେ ବିଜେପି ସରକାର ମାତ୍ର ୧୫୦୦ ଭୋଟ ଗଣିବା ପାଇଁ ୧୫ ଘଣ୍ଟା ଲଗାଇଲେ। ଏହାଦ୍ୱାରା ସେମାନେ ନିଜ ଦକ୍ଷତାର ଏକ ନୂଆ ପ୍ରମାଣ ବିଶ୍ୱକୁ ଦେଲେ ବୋଲି ସେ ଦର୍ଶାଇଛନ୍ତି।

ଠିକାଦାରଙ୍କଠାରୁ ଲାଞ୍ଚ ଆଦାୟ

ଭିଜିଲାନ୍ସ ଜାଲରେ ଅଧୀକ୍ଷଣ ଯନ୍ତ୍ରୀ

ଭୁବନେଶ୍ୱର, ୧୭।୧୦(ସମିସ): ରାତି ଅଧରେ ଲୁଚକାଳି ଖେଳର ଅବସାନ ଘଟିଛି। ଦୀର୍ଘ ସମୟଧରି ପିଛା କରିବା ପରେ ମହାନଦୀ ଉତ୍ତର ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ପ୍ରସନ୍ନଜିତ ଦାସଙ୍କୁ ଧରିଛି ଭିଜିଲାନ୍ସ। କାରରୁ ୭ ଲକ୍ଷ ୨୮ ହଜାର ୬୨୦ ଟଙ୍କା ଜବତ ହୋଇଥିବା ବେଳେ ଘାଟିକିଆସ୍ଥିତ ଭଡ଼ାଘରୁ ଆଉ ୧୪ ଲକ୍ଷ ୬୦ ହଜାର ଟଙ୍କା ମିଳିଛି। ଏହିପରି ତାଙ୍କଠାରୁ ମୋଟ ୨୧ ଲକ୍ଷ ୮୮ ହଜାର ୬୨୦ ଟଙ୍କା ଜବତ କରିଛି ଭିଜିଲାନ୍ସ। ଏନେଇ ଭିଜିଲାନ୍ସ ମାମଲା ରୁଜୁ କରିବା ସହ ପ୍ରସନ୍ନଜିତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ଭିଜିଲାନ୍ସ ସୂଚନାନୁଯାୟୀ, ପ୍ରସନଜିତ ଜଗତପୁର ସ୍ଥିତ ଜଳସେଚନ ବିଭାଗର ଇରିଗେସନ୍ ଇନ୍ସପେକ୍ସନ୍ ବଙ୍ଗଳାକୁ କିଛି ଠିକାଦାରଙ୍କୁ ଡକାଇ ଲାଞ୍ଚ ଆଦାୟ କରିଥିବା ଭିଜିଲାନ୍ସକୁ ଖବର ମିଳିଥିଲା। ଖବର ପାଇବା ପରେ କଟକ ଓ ଭୁବନେଶ୍ୱରର ଦୁଇଟି ଭିଜିଲାନ୍ସ ଟିମ୍ ପ୍ରସନଜିତଙ୍କ ଗତିବିଧି ଉପରେ କଡ଼ା ନଜର ରଖିଥିଲେ। ପ୍ରସନଜିତ ବାରମ୍ବାର ସ୍ଥାନ ପରିବର୍ତ୍ତନ କରି ଭିଜିଲାନ୍ସକୁ ଭୁଆଁ ବୁଲାଇଥିଲେ। କିନ୍ତୁ ମୋବାଇଲ୍ ଫୋନ୍ ଟ୍ରାକିଂ କରିବା ପରେ ପ୍ରସନଜିତ ଡେଲ୍ଟା ଛକରେ ଥିବା ନିଶ୍ଚିତ ହୋଇଥିଲା। ଡେଲ୍ଟା ଛକ ସ୍ଥିତ ଜଳସେଚନ ବିଭାଗର ଆଇବି ଠାରେ ହେଉଥିବା ଭୋଜିଭାତ କାର୍ଯ୍ୟକ୍ରମରେ ପ୍ରସନଜିତ ଯୋଗ ଦେଇଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା। ସେତେବେଳକୁ ସେ ନିଜର ଭଡ଼ା ଗାଡ଼ି ବଦଳାଇ ସାରିଥିଲେ। ପ୍ରସନଜିତଙ୍କୁ ଚିହ୍ନଟ କରିବାକୁ ଭିଜିଲାନ୍ସର ଦୁଇ ଅଧିକାରୀ ସେହି ଭୋଜିଭାତରେ ସାମିଲ୍ ହୋଇ ତାଙ୍କ ଉପରେ ନଜର ରଖିଥିଲେ।

■ ଗାଡ଼ିରୁ ୭.୨୮ ଲକ୍ଷ, ଘରୁ ମିଳିଲା ଆଉ ୧୪.୬୦ ଲକ୍ଷ
■ ସାଦା ପୋଷାକରେ ଯାଇ ଚିହ୍ନିଲେ; ରାତି ଅଧରେ ଗୋଡ଼ାଇ ଧରିଲେ

ଭୋଜି ସରିବା ପରେ ପ୍ରସନଜିତ ଆଉଜଣେ ଠିକାଦାରଙ୍କ ଠାରୁ ଟଙ୍କା ଆଣିବାକୁ ନିଜ ସରକାରୀ ବୋଲେରୋରେ ବାହାରି ଯାଇଥିଲେ।

ଭିଜିଲାନ୍ସ ଟିମ୍ ତାଙ୍କୁ ଡେଲ୍ଟା ଛକରୁ ଗୋଡ଼ାଇ ଏଜି ଛକରେ ଅଟକାଇଥିଲା। ଯାଞ୍ଚ କରିବା ପରେ ଗାଡ଼ି ଭିତରୁ ୭ ଲକ୍ଷ ୨୮ ହଜାର ୬୨୦ ଟଙ୍କା ଜବତ ହୋଇଥିଲା। ଏହି ଟଙ୍କାର ଉତ୍ସ ସମ୍ପର୍କରେ ପ୍ରସନଜିତ ସନ୍ତୋଷଜନକ ହିସାବ ଦେଇପାରି ନଥିଲେ। ଫଳରେ ଟଙ୍କା ସହ ବୋଲେରୋ ଗାଡ଼ିକୁ ଜବତ କରାଯାଇଥିଲା। ଏହାପରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ତାଙ୍କ ଭୁବନେଶ୍ୱର ଘାଟିକିଆସ୍ଥିତ ଟ୍ରାଇଡେଣ୍ଟ ଗାଲାକ୍ସିର ଡି-୪୦୧ ନମ୍ବର ଭଡ଼ା ଫ୍ଲାଟ୍ ଓ ବରଗଡ଼ ଜିଲ୍ଲାରେ ଥିବା ପୈତୃକ ଘରେ ଚଢ଼ଉ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ଫ୍ଲାଟ୍‌ରୁ ଆଉ ୧୪ ଲକ୍ଷ ୬୦ ହଜାର ଟଙ୍କା ଜବତ ହୋଇଥିଲା। ଏହି ଘଟଣାକୁ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନା - କେସ୍ ନଂ - ୨୪/୨୬ରେ ଦୁର୍ନୀତି ନିବାରଣ ଆଇନର ଧାରା ୧୩(୨) ସହ ୧୩(୧)(ବି) ଅନୁଯାୟୀ ମାମଲା ରୁଜୁ କରିଥିଲା। ସୂଚନାଯୋଗ୍ୟ, ପ୍ରସନ୍ନଜିତ ଦାସ ୨୦୧୬ ମାର୍ଚ୍ଚ ୧୮ରେ ଜଳସମ୍ପଦ ବିଭାଗରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ସେତେବେଳେ ତାଙ୍କର ମାସିକ ଦରମା ପ୍ରାୟ ୨୫ ହଜାର ଟଙ୍କା ଥିଲା। ପରବର୍ତ୍ତୀ ସମୟରେ ବରଗଡ଼ ଓ ବିଜେପୁରରେ କାର୍ଯ୍ୟ କରିବା ପରେ ୨୦୨୬ ଜୁନ୍‌ରେ ପଦୋନ୍ନତି ପାଇ କଟକ ଜଗତପୁରସ୍ଥିତ ମହାନଦୀ ଉତ୍ତର ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ।

ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

ଖୋର୍ଦ୍ଧା ନିକଟସ୍ଥ ଆର୍‌ବିଆଇର ଗ୍ରୀନ୍‌ଫିଲ୍ଡ ଡାଟା ସେଣ୍ଟର ଓ ପ୍ରଶିକ୍ଷଣ ସଂସ୍ଥାର କରିବେ ଉଦଘାଟନ

ଭୁବନେଶ୍ୱର,୧୭।୧୦(ସମିସ): ଚଳିତ ୨୮ ଓ ୨୯ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦିନିଆ ଓଡ଼ିଶା ଗସ୍ତରେ ଆସି ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୫ ତାରିଖରେ ଖୋର୍ଦ୍ଧା ନିକଟସ୍ଥ ଭାରତୀୟ ରିଜର୍ଭ ବ୍ୟାଙ୍କର ଡାଟା ସେଣ୍ଟର ଓ ପ୍ରଶିକ୍ଷଣ ସଂସ୍ଥାର ଶୁଭ ଉଦଘାଟନ କରିବେ। ଏହି ପରିପ୍ରେକ୍ଷୀରେ ଶନିବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରୁ ପ୍ରାପ୍ତ ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ୨୫ ତାରିଖ ଅପରାହ୍ନରେ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସୂର୍ଯ୍ୟାସ୍ତ ପୂର୍ବରୁ ଖୋର୍ଦ୍ଧା ହେଲିପ୍ୟାଡରେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ ଯାଇ କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚି ଆରବିଆଇର ଗ୍ରୀନ୍ ଫିଲ୍ଡ ଡାଟା ସେଣ୍ଟର ଓ ପ୍ରଶିକ୍ଷଣ କେନ୍ଦ୍ରର ଉଦଘାଟନ କରିବେ। ସେଠାରେ ପ୍ରଧାନମନ୍ତ୍ରୀଙ୍କର ପ୍ରାୟ ୧ ଘଣ୍ଟା ଧରି କାର୍ଯ୍ୟକ୍ରମ ରହିଛି। ଏହା ପରେ ପ୍ରଧାନମନ୍ତ୍ରୀ ସଡ଼କ ପଥରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ସଂଧ୍ୟାରେ ପ୍ରତ୍ୟାବର୍ତ୍ତନ କରିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ ପ୍ରସ୍ତୁତି ନେଇ ସୁରକ୍ଷା ବ୍ୟବସ୍ଥା, କାର୍କେଡ ପ୍ଲାନ୍, ଜରୁରୀ କାଳୀନ ଚିକିତ୍ସା ସେବା, ଆବଶ୍ୟକ ସଡ଼କ ମରାମତି, ପରିମଳ, ନିରବଚ୍ଛିନ୍ନ ବିଦ୍ୟୁତସେବା ଓ ପାନୀୟ ଜଳ ବ୍ୟବସ୍ଥା ମଞ୍ଚ ପ୍ରସ୍ତୁତି, ଗଣମାଧ୍ୟମକୁ ସମ୍ବାଦ ସରବରାହ ବ୍ୟବସ୍ଥା ଓ ଅନ୍ୟ ଆନୁଷଙ୍ଗିକ ପ୍ରସ୍ତୁତି ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ସେହିପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୮ ଓ ୨୯ ତାରିଖରେ ଯୋଗ ଦେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ପ୍ରସ୍ତୁତି ନେଇ ଆଲୋଚନା ହୋଇଛି। ରାଷ୍ଟ୍ରପତି ୨୮ ତାରିଖ ପୂର୍ବାହ୍ନରେ ପହଞ୍ଚି ଦାଣ୍ଡବୋଶ ଏୟାରପୋର୍ଟରୁ ସଡ଼କ ପଥରେ ଯାଇ ମୟୂରଭଞ୍ଜ ଜିଲ୍ଲା ବହଳଦାସ୍ଥିତ ମା କୀଚକେଶ୍ୱରୀ ମନ୍ଦିର ପରିଦର୍ଶନ କରି ସେଠାରେ ପୂଜାର୍ଚ୍ଚନା କରିବାର କାର୍ଯ୍ୟକ୍ରମ ରହିଛି। ପରେ ପରେ ସେ ରାଇରଙ୍ଗପୁର

■ ଆସନ୍ତା ୨୫ରେ ଆସିବେ ପ୍ରଧାନମନ୍ତ୍ରୀ
■ ୨୮ ଓ ୨୯ ତାରିଖରେ ରାଷ୍ଟ୍ରପତିଙ୍କ ୨ ଦିନିଆ ଗସ୍ତ
■ ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ
■ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ବସିଲା ପ୍ରସ୍ତୁତି ବୈଠକ

ମହୁଲଡିହା ସ୍ଥିତ ଲକ୍ଷ୍ମୀ ମଣ୍ଡପରେ ପହଞ୍ଚି ପୂଜାର୍ଚ୍ଚନା କରିବେ। ସେଦିନ ଅପରାହ୍ନରେ ରାଷ୍ଟ୍ରପତି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରି ଅକ୍ଟୋବର ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ରାଇରଙ୍ଗପୁରଠାରେ ଅନୁଷ୍ଠିତ ମେଗା ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇଥିବା ଅଧିକାରୀ, ଷ୍ଟାଫ ଓ ହିତାଧିକାରୀଙ୍କୁ ସାକ୍ଷାତ କରିବେ। ୨୮ ତାରିଖ ଅପରାହ୍ଣରେ କଚେରୀ ରୋଡ୍, ରାଇରଙ୍ଗପୁରରେ ରାଷ୍ଟ୍ରପତି ଏକ ଜନ ସମାବେଶରେ ଯୋଗଦେଇ ଆଭାସୀ ମାଧ୍ୟମରେ ଆଇଆଇଏଫଏମ୍ (ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫରେଷ୍ଟ ମ୍ୟାନେଜମେଣ୍ଟ) କ୍ୟାମ୍ପସର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଆହୁରି ମଧ୍ୟ ସେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରାଳୟ ଅଧିନରେ ମଞ୍ଜୁରୀ ହୋଇଥିବା ‘ପ୍ରସାଦ’ ଯୋଜନାରେ ମା କୀଚକେଶ୍ୱରୀ ମନ୍ଦିର, ଖିଚିଂର ପୁନରୁଦ୍ଧାର ଓ ଉନ୍ନତିକରଣ ପାଇଁ ଶିଳାନ୍ୟାସ କରିବେ। ସେହିପରି ଉକ୍ତ ଦିନ ରାଷ୍ଟ୍ରପତି ନବ ନିର୍ମିତ ରାଇରଙ୍ଗପୁର ଓ ବାଦାମ ପାହାଡ଼ ‘ଅମୃତ ଭାରତ’ ରେଲୱେ ଷ୍ଟେସନର ଉଦଘାଟନ କରିବା ସହିତ ରାଇରଙ୍ଗପୁର ଠାରେ ଗୋଶାଳା ଏବଂ ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଘକୋଠାର ଶିଳାନ୍ୟାସ କାର୍ଯ୍ୟକ୍ରମ ରହିଛି। ୨୯ ତାରିଖ ସକାଳେ ରାଷ୍ଟ୍ରପତି ସ୍ପୋର୍ଟସ କମ୍ପ୍ଲେକ୍ସ, ରାଇରଙ୍ଗପୁର, ବହୁମୁଖୀ-ଦକ୍ଷତା ବିକାଶ କେନ୍ଦ୍ର ଏବଂ ଗୋରୁ ମହିଷାଣୀ ଇସ୍ପାତ କଲେଜ ପରିଦର୍ଶନ କରିବେ। ପରେ ପରେ ରାଇରଙ୍ଗପୁର ଟାଉନ ହଲ ଠାରେ ସ୍ୱାସ୍ଥ୍ୟ ବିଭାଗ ସଂପର୍କିତ ଆଲୋଚନା, ସଭା ଓ ସଚେତନତାମୂଳକ କାର୍ଯ୍ୟକ୍ରମରେ ଯୋଗଦେଇ ସେଦିନ ଅପରାହ୍ନରେ ପ୍ରତ୍ୟାବର୍ତ୍ତନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତ ପରିପ୍ରେକ୍ଷୀରେ ସମସ୍ତ ଆନୁଷଙ୍ଗିକ ପ୍ରସ୍ତୁତି ନେଇ ମୁଖ୍ୟ ଶାସନ ସଚିବ ସଂପୃକ୍ତ ବିଭାଗୀୟ ସଚିବ, କେନ୍ଦ୍ରାଞ୍ଚଳ ଆରଡିସି, ଉଭୟ ଜିଲ୍ଲାର ଜିଲ୍ଲାପାଳ, ଏସ୍ପି ଏବଂ ରାଜ୍ୟସ୍ତରୀୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିଛନ୍ତି। ସମସ୍ତ ସଚିବ ଓ ଅଧିକାରୀମାନଙ୍କୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟସୂଚୀର ପ୍ରତ୍ୟେକ କାର୍ଯ୍ୟକୁ ନିର୍ଭୁଲ ଭାବେ ପରିଚାଳନା, ବ୍ୟକ୍ତିଗତ ଭାବେ ତଦାରଖ, ଅନୁଧ୍ୟାନ ଓ ପ୍ରସ୍ତୁତି କରିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ, ରାଜ୍ୟ ପୁଲିସ ମହା ନିର୍ଦ୍ଦେଶକ, ଭାରତୀୟ ରିଜର୍ଭ ବ୍ୟାଙ୍କର ପଦାଧିକାରୀ, ସଂପୃକ୍ତ ବିଭିନ୍ନ ସଂସ୍ଥାର କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ।

ଓଲଟ ପାଲଟ



ଓଡିଶା ସୀମାନ୍ତ କୋଟିଆ ପାଇଁକି
ଢିଲା ଜିଲ୍ଲା ପ୍ରଶାସନ,
ଆନ୍ଧ୍ର କରୁଛି ସଡ଼କ ନିର୍ମାଣ
ଦେଉଛି ଭତ୍ତା ରାସନ।
ଏଥିପାଇଁ ନାହିଁ ଧ୍ୟାନ,
ଆନ୍ଧ୍ର କହିଲାଣି କୋଟିଆରେ ହେବ
ପଞ୍ଚାୟତ ନିର୍ବାଚନ।
ମୋହିବ ଭୋଟର ମନ,
ଲୋକ ଦେଖାଣିଆ ବିକାଶ ବାଣ୍ଟୁଥା
ମୋହନ-ମନମୋହନ।

- ଯାଯାବର

ପୁଣି ଭୁବନେଶ୍ୱର ଏୟାରପୋର୍ଟରୁ ଗଞ୍ଜେଇ ଜବତ

କୁକୁର ଖାଦ୍ୟ ଡବାରୁ ବାହାରିଲା ୨କୋଟିର ଗଞ୍ଜେଇ

ଭୁବନେଶ୍ୱର,୧୭।୧୦(ସମିସ): ପୁଣି ଭୁବନେଶ୍ୱର ଏୟାରପୋର୍ଟରୁ ଗଞ୍ଜେଇ ଜବତ। ବ୍ୟାଙ୍କକରୁ ଆସୁଥିବା ୪ଜଣ ଯାତ୍ରୀଙ୍କ ଠାରୁ ୫.୨୯୧ କେଜି ହାଇଡ୍ରୋପୋନିକ୍ ଗଞ୍ଜେଇ ଜବତ ହୋଇଛି। ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ଏବଂ କଷ୍ଟମ୍ସ ବିଭାଗ ସେମାନଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅନ୍ତର୍ଜାତୀୟ ବଜାରରେ ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୨କୋଟି ଟଙ୍କା ହେବ ବୋଲି ଅଧିକାରୀମାନେ କହିଛନ୍ତି। ଗଞ୍ଜେଇ ଚାଲାଣକାରୀମାନେ ସୁରକ୍ଷା କର୍ମୀଙ୍କଠାରୁ ନିଜକୁ ବଞ୍ଚାଇବା ପାଇଁ ଗଞ୍ଜେଇକୁ କୁକୁର ଖାଦ୍ୟ ସହ ମିଶାଇ ଆଣୁଥିଲେ।

ମିଳିଥିବା ସୂଚନା ମୁତାବକ, ବ୍ୟାଙ୍କକରୁ ଯାତ୍ରୀମାନେ ହାଇଡ୍ରୋପୋନିକ୍ ଗଞ୍ଜେଇ ଆଣୁଥିବା ଖବର ମିଳିଥିଲା। ଡିଆରଆଇ ଭୁବନେଶ୍ୱର ଆଞ୍ଚଳିକ ୟୁନିଟ୍ ଅକ୍ଟୋବର ୧୭ ତାରିଖରେ ଯାତ୍ରୀମାନଙ୍କୁ ଅଟକାଇ କଷ୍ଟମ୍ସ ଅଧିକାରୀଙ୍କ ସହ ମିଶି ସେମାନଙ୍କ ବ୍ୟାଗ୍ ଯାଞ୍ଚ କରିଥିଲା। ତିନି ଜଣ ଯାତ୍ରୀଙ୍କ ବ୍ୟାଗ୍ ଯାଞ୍ଚ ବେଳେ ସ୍ୱତନ୍ତ୍ର ଭାବେ ତିଆରି ହୋଇଥିବା ଗୁପ୍ତ ଚାମ୍ବର ମଧ୍ୟରୁ ୬ଟି ପ୍ୟାକେଟ୍‌ରେ ୪.୮୭୭ କେଜି ସବୁଜ ରଙ୍ଗର ପଦାର୍ଥ ମିଳିଥିଲା। ଚତୁର୍ଥ ଯାତ୍ରୀଙ୍କ ବ୍ୟାଗରୁ ପ୍ରଥମେ କୌଣସି ସନ୍ଦେହଜନକ ଜିନିଷ ମିଳି ନଥିଲା। କିନ୍ତୁ

ବ୍ୟାଙ୍କକ୍‌ରୁ ଆସିଥିବା ୪ ଯାତ୍ରୀ ଅଟକ



ବ୍ୟକ୍ତିଗତ ଯାଞ୍ଚ ବେଳେ ଅଧିକାରୀମାନେ କୁକୁର ଖାଦ୍ୟ ଲେବଲ୍ ଲାଗିଥିବା ଏକ ଟିଣ ଡବା ପାଇଥିଲେ। ଯାତ୍ରୀ ଜଣକ ଏହି ଡବା ବିଷୟରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଅଧିକ ଯାଞ୍ଚ କରାଯାଇଥିଲା। ଏହାପରେ ବିମାନ ବନ୍ଦରରେ ଥିବା ଭାରତୀୟ କଷ୍ଟମ୍ସ କ-୯ ସ୍କ୍ୱାଡ୍‌ର ‘ରୁବେଲ’ ନାମକ ଡିଟେକ୍ଟର କୁକୁରକୁ ଡବା ଯାଞ୍ଚ ପାଇଁ ନିୟୋଜିତ କରାଯାଇଥିଲା। ଅନ୍ୟ ଜଣେ ଯାତ୍ରୀଙ୍କଠାରୁ ମିଳିଥିବା ସନ୍ଦିଗ୍ଧ ନିଶା ପ୍ୟାକେଟ୍ ଶୁଙ୍ଘାଇବା ପରେ କୁକୁରଟିକୁ ଟିଣ ଡବା ପାଖକୁ ନିଆଯାଇଥିଲା। ସେ ସକାରାତ୍ମକ ସଙ୍କେତ ଦେଇଥିଲା। ଏହି ସଙ୍କେତ ପରେ ଅଧିକାରୀମାନେ ଡବା ଖୋଲି ଏଥିରୁ ଆହୁରି ୪୧୪ ଗ୍ରାମ ସବୁଜ ରଙ୍ଗର ପଦାର୍ଥ ଜବତ କରିଥିଲେ। ଜବତ ପଦାର୍ଥକୁ ନିଶା ଦ୍ରବ୍ୟ ପରୀକ୍ଷଣ କିଟ୍‌ରେ ପରୀକ୍ଷା କରାଯିବାରୁ ଏହା ଗଞ୍ଜେଇ ବୋଲି ନିଶ୍ଚିତ ହୋଇଥିଲା। ଚାରି ଜଣ ଯାତ୍ରୀଙ୍କ ଠାରୁ ମୋଟ ୫.୨୯୧ କେଜି ଗଞ୍ଜେଇ ଜବତ ହୋଇଛି।

ବ୍ୟାଙ୍କକ୍‌ରୁ ଭୁବନେଶ୍ୱରକୁ ନିୟମିତ ଭାବେ ହାଇଡ୍ରୋଫୋନିକ୍ ଗଞ୍ଜେଇ ଚାଲାଣ କରାଯାଉଛି। ଭୁବନେଶ୍ୱର ବିମାନବନ୍ଦର ଏଥିପାଇଁ ଏକ ସୁରକ୍ଷିତ ପ୍ରବେଶ ପଥ ଭାବେ ଉଭା ହେଉଛି। ହେଲେ କିଛି ଯାତ୍ରୀ ଧରାପଡୁଛନ୍ତି, ଆଉ କିଛି ଗଞ୍ଜେଇ ଚାଲାଣ କରିବାରେ ସଫଳ ହୋଇଛନ୍ତି। ଭୁବନେଶ୍ୱର ବିମାନ ବନ୍ଦର ଦେଇ ଦେଶକୁ ଗଞ୍ଜେଇ ଚାଲାଣ ସୁରକ୍ଷା କର୍ମୀଙ୍କ ପାଇଁ ମୁଣ୍ଡବଥାର କାରଣ ପାଲଟିଛି। ସୂଚନାଯୋଗ୍ୟ, ଗତ ଜୁଲାଇ ମାସରେ ବ୍ୟାଙ୍କକ୍‌ରୁ ୫କୋଟି ଟଙ୍କାର ୧୧ କେଜି ହାଇଡ୍ରୋଫୋନିକ୍ ଗଞ୍ଜେଇ ମିଳିଥିଲା।

■ ଛାତ୍ର ସଂସଦ ନିର୍ବାଚନରେ ଏବିଭିପିର ସଫଳତା

ଅଭିନନ୍ଦନ ଜଣାଇଲେ ଗୃହମନ୍ତ୍ରୀ

ଭୁବନେଶ୍ୱର,୧୭।୧୦(ସମିସ): ରାଜ୍ୟରେ ସଦ୍ୟସମାପ୍ତ ଛାତ୍ର ସଂସଦ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିବି)ର ସଫଳତାକୁ ନେଇ ଖୁସି ପ୍ରକଟ କରିଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା। ଏହି ଫଳାଫଳ ଦେଶବିରୋଧୀ ଶକ୍ତିମାନଙ୍କ ପାଇଁ ଏକ କଡ଼ା ଜବାବ ବୋଲି ସେ କହିଛନ୍ତି।

ସାମାଜିକ ଗଣଣାଧ୍ୟମ ଏକ୍ସରେ ଏନେଇ ଉଲ୍ଲେଖ କରି ଶ୍ରୀ ଶାହା କହିଛନ୍ତି ଯେ ଓଡ଼ିଶାର ଛାତ୍ରସଂସଦ ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିବା ଏବିଭିପିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ପ୍ରଥମେ ପଞ୍ଜାବ ବିଶ୍ୱବିଦ୍ୟାଳୟ, ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏବଂ ଏବେ ଓଡ଼ିଶାର ୧୩ଟି ବିଶ୍ୱବିଦ୍ୟାଳୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଏହି ବିଜୟ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ, ଦେଶର ଯୁବଶକ୍ତି ମିଥ୍ୟା, ଭ୍ରମ ଓ ବିଶୃଙ୍ଖଳା ସୃଷ୍ଟି କରୁଥିବା ଶକ୍ତିମାନଙ୍କ ସହ ନୁହେଁ; ବରଂ ‘ରାଷ୍ଟ୍ର ପ୍ରଥମ’ ବିଚାରଧାରା ସହ ଦୃଢ଼ତାର ସହ ଛିଡ଼ା ହୋଇଛନ୍ତି ବୋଲି ସେ କହିଛନ୍ତି।

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-115 ◆SUNDAY ◆18 OCTOBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୧୫ ◆ରବିବାର ◆୧୮ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨+୪(ସିନ୍ଦୂରା) ◆ଟ.୭.୦୦

ଇଣ୍ଟରନେଟ୍ ବ୍ୟବହାର ଏକ ମୌଳିକ ଅଧିକାର

ପିଲାଙ୍କ ପାଇଁ ଇଣ୍ଟରନେଟ୍ ନିଷେଧ ନୁହେଁ; ସୁରକ୍ଷା ଜରୁରୀ

ଅଶ୍ଳୀଳ ଶୋଷଣ ସାମଗ୍ରୀ ହଟାଇବାକୁ କେନ୍ଦ୍ରକୁ ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ସୁପ୍ରିମ କୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ କହିଛନ୍ତି ଯେ ଇଣ୍ଟରନେଟ୍ ବ୍ୟବହାର ହେଉଛି ପ୍ରତ୍ୟେକ ନାଗରିକର ମୌଳିକ ଅଧିକାର। ବୟସ ଆଧାରରେ କାହାରିକୁ ଏହି ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ। ଶିଶୁମାନଙ୍କ ଇଣ୍ଟରନେଟ୍ ବ୍ୟବହାର ଉପରେ ବୟସ ଆଧାରିତ ସମ୍ପୂର୍ଣ୍ଣ କଟକଣା ଲଗାଇବା ପ୍ରସ୍ତାବକୁ ସୁପ୍ରିମକୋର୍ଟ ଖାରଜ କରି ଏହି ରାୟ ଶୁଣାଇଛନ୍ତି। ଜଷ୍ଟିସ ଜେବି ପରଡିୱାଲା ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ବିଧାନର ଧାରା ୨୧ ଏବଂ ୧୯(୧)ର ଉଲ୍ଲେଖ କରି ▶ପୃଷ୍ଠା-୭

ପୂଜା ମଣ୍ଡପରେ ଦଳାଚକଟା; ୧୮ ମୃତ

■ କୋଲକାତା, ୧୭।୧୦ (ଏଜେନ୍ସି): କୋଲକାତାରେ ଦୁର୍ଗାପୂଜାକୁ ନେଇ ଆନନ୍ଦ ଉଲ୍ଲାସର ମାହୋଲ ଥିବା ବେଳେ ଶନିବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ପରିବେଶକୁ ଶୋକାକୁଳ କରିଦେଇଛି। ପ୍ରବଳ ବର୍ଷା ସମୟରେ ମଣ୍ଡପରେ ଦଳାଚକଟା ଯୋଗୁଁ ୧୮ ଜଣ ପ୍ରାଣ ହରାଇଛନ୍ତି ଏବଂ ୪୦ରୁ ଅଧିକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୩ ଜଣ ମହିଳା, ୪ ଜଣ ପୁରୁଷ ଓ ଜଣେ ଶିଶୁ ଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଓଡ଼ିଶାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ▶ପୃଷ୍ଠା-୭

ଶୋକ ବ୍ୟକ୍ତ କଲେ ମୋଦୀ, ନବୀନ

ପାର୍ବଣରେ ଶୋକ

ମଣ୍ଡପରେ ଆଲୋକ ସଜ୍ଜା ବେଳେ ବିଦ୍ୟୁତ୍ ଆଘାତରେ ଯୁବକ ମୃତ

■ ଦିଗପହଣ୍ଡି, ୧୭।୧୦ (ସମିସ): ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମ ଜଗନ୍ନାଥ ମନ୍ଦିର ନିକଟ ବିଷୋୟୀ ସାହିର ଜଗନ୍ନାଥ ବିଷୋୟୀ(୧୮) ନାମକ ଜଣେ ଯୁବକ ବିଦ୍ୟୁତ ତାର ସଂସ୍ପର୍ଶରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ଶନିବାର ଭୋର ପ୍ରାୟ ୩ଟାରେ ଗ୍ରାମର ଦୁର୍ଗାପୂଜା ମଣ୍ଡପରେ ଜଗନ୍ନାଥ ଲାଇଟ୍ ଲଗାଉଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ▶ପୃଷ୍ଠା-୭

ସରକାରୀ ଷଡ଼ଯନ୍ତ୍ର ଓ ଚାପ ସତ୍ତ୍ୱେ ବିସିଜେଡିର ବିପୁଳ ବିଜୟ ହୋଇଛି

- ନବୀନ ନିବାସରେ ଦିନ ସାରା ବିଜୟୀ ଛାତ୍ରନେତାଙ୍କ ଭିଡ଼
- ଭଲ ପାଠପଢ଼ା ଏବଂ କଲେଜର ଉନ୍ନତି ଉପରେ ଗୁରୁତ୍ୱ ଦେବାକୁ ନବୀନଙ୍କ ପରାମର୍ଶ
- ୬୦ ପ୍ରତିଶତରୁ ଅଧିକ କଲେଜ ଓ ୫୦ ପ୍ରତିଶତରୁ ଅଧିକ ବିଶ୍ୱବିଦ୍ୟାଳୟରେ ବିସିଜେଡିର ବିଜୟ
- ୧୭୩ କଲେଜ ଓ ୫ ବିଶ୍ୱବିଦ୍ୟାଳୟରେ ଜିତିଛି ବିସିଜେଡି

■ ଭୁବନେଶ୍ୱର, ୧୭।୧୦ (ସମିସ): ସଦ୍ୟ ସମାପ୍ତ ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ ୬୦ ପ୍ରତିଶତରୁ ଅଧିକ କଲେଜରେ ଓ ୫୦ ପ୍ରତିଶତରୁ ଅଧିକ ବିଶ୍ୱବିଦ୍ୟାଳୟରେ ବିଜୟ ଲାଭ କରିଛି। ରାଜ୍ୟ ବିଜେପି ସରକାରଙ୍କ ଅର୍ଥବଳ, ବାହୁବଳ ଓ ପ୍ରବଳ ଚାପ ସତ୍ତ୍ୱେ ପିଲାମାନେ ବିଜୁ ଜନତା ଦଳର ଆଦର୍ଶରେ ବିଶ୍ୱାସ ରଖି ଏହି ବିପୁଳ ବିଜୟ ଲାଭ କରିଛନ୍ତି ବୋଲି ବିଜେଡି ସୁପ୍ରିମୋ

ନବୀନ ପଟ୍ଟନାୟକ କହିଛନ୍ତି। ଛାତ୍ର ସଂସଦ ନିର୍ବାଚନରେ ରାଜ୍ୟର ବିଭିନ୍ନ ଅଞ୍ଚଳର ବିଜୟୀ ବିଜୁ ଛାତ୍ର ଜନତା ଦଳ(ବିସିଜେଡି) ନେତାମାନେ ଶନିବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟି ତାଙ୍କ ଆଶୀର୍ବାଦ ନେଇଛନ୍ତି। ଏହି ଅବସରରେ ଶ୍ରୀ ପଟ୍ଟନାୟକ ପିଲାମାନଙ୍କୁ ପାଠପଢ଼ା ଉପରେ ଗୁରୁତ୍ୱ ଦେବା ସହ ନିଜ କଲେଜର ଉନ୍ନତି ପାଇଁ କାମ କରିବାକୁ ପରାମର୍ଶ ଦେଇଛନ୍ତି।

ସୂଚନା ଯୋଗ୍ୟ, ରାଜ୍ୟରେ ୩୪୪ କଲେଜରେ ▶ପୃଷ୍ଠା-୭

କେନ୍ଦ୍ରକୁ ସୁପ୍ରିମକୋର୍ଟ ବିଚାରପତିଙ୍କ ଧମକ: ପାଦଚଲା ରାସ୍ତା ନ କଲେ ଧାରଣା ଦେବୁ | ପୃ ୧୦ | ସର୍ତ୍ତମୂଳକ ଜାମିନରେ ଜେଲ୍‌ରୁ ମୁକୁଳିଲେ ସେଜେପି ନେତା ଅଭିଜିତ୍ ଦୀପ୍‌କେ

15001/117/2627

ଦୁର୍ଗାପୂଜା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶାରଦୀୟ ଦୁର୍ଗାପୂଜା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି।

ମା' ଦୁର୍ଗା ହେଉଛନ୍ତି ମାତୃଶକ୍ତିର ପ୍ରତୀକ। ଦୁର୍ଗାପୂଜା ହେଉଛି ଅଧର୍ମ ଉପରେ ଧର୍ମର ଓ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ। ଏହି ସାମୂହିକ ଉତ୍ସବ ସମାଜରେ ଭାଇଚାରା, ଏକତା ଓ ଆତ୍ମୀୟତାକୁ ପ୍ରତିଫଳିତ କରିଥାଏ। ଗାଁରୁ ସହର ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧିଥାଏ। ମା'ଙ୍କ ଧରାବତରଣ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ।

ପବିତ୍ର ଦୁର୍ଗାପୂଜା ଅବସରରେ ଶକ୍ତି ସ୍ୱରୂପିଣୀ ମା' ଦୁର୍ଗାଙ୍କ ଆଶୀର୍ବାଦରେ ସଂସାରରୁ ଦୁଃଖ, ଅନ୍ୟାୟ ଓ ଅଶାନ୍ତି ଦୂର ହୋଇ ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠା ହେଉ, ମା'ଙ୍କ ନିକଟରେ ଏହା ହିଁ ମୋର ପ୍ରାର୍ଥନା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0116

ସଞ୍ଚୟ କରନ୍ତୁ ବିଦ୍ୟୁତ୍ ବିଲ୍ ଉପରେ !

TPNODL
ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)



ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା

ଆଜି ହିଁ ସୋଲାର ପ୍ୟାନେଲ ସ୍ଥାପନ କରନ୍ତୁ

୩୦୦* ୟୁନିଟ୍ ପର୍ଯ୍ୟନ୍ତ ସଞ୍ଚୟ

- ସ୍ୱଳ୍ପ ବିଦ୍ୟୁତ୍ ବିଲ୍, ଅଧିକ ସଞ୍ଚୟ
- ଦୀର୍ଘସ୍ଥାୟୀ, ସ୍ୱଳ୍ପ ରକ୍ଷଣାବେକ୍ଷଣ
- ସରକାରୀ ସହାୟତା, ଗ୍ରୀଡ୍ ସଂଯୁକ୍ତ
- ପରିବେଶ ଅନୁକୂଳ

ଅଧିକ ବିବରଣୀ ପାଇଁ ସ୍କାନ କରନ୍ତୁ

ସ୍ଥାପନା ପାଇଁ ସରକାରୀ ସବସିଡି ବ୍ୟବସ୍ଥା

କିଲୋୱାଟ୍	କେନ୍ଦ୍ର ସରକାର		ରାଜ୍ୟ ସରକାର		ସମୁଦାୟ
୧	୩୦,୦୦୦ ଟଙ୍କା	+	୨୫,୦୦୦ ଟଙ୍କା	=	୫୫,୦୦୦ ଟଙ୍କା
୨	୬୦,୦୦୦ ଟଙ୍କା	+	୫୦,୦୦୦ ଟଙ୍କା	=	୧,୧୦,୦୦୦ ଟଙ୍କା
୩ ଓ ଊର୍ଦ୍ଧ୍ୱ	୭୮,୦୦୦ ଟଙ୍କା	+	୬୦,୦୦୦ ଟଙ୍କା	=	୧,୩୮,୦୦୦ ଟଙ୍କା

*ସର୍ତ୍ତାବଳୀ ଲାଗୁ

ଟିପିଏନ୍‌ଓଡିଏଲ୍ ଗ୍ରାହକ ସେବା: ୧୮୦୦-୩୪୫୬-୭୧୮/୧୯୧୨ | ଆବେଦନ କରନ୍ତୁ: www.pmsuryaghar.gov.in

ସକାଳ
THE SAKALA

ଦୁର୍ଗାପୂଜା ପାଇଁ ପଟ୍ଟାମୁଣ୍ଡାଇ ଉତ୍ସବ ମୁଖର

ପଟ୍ଟାମୁଣ୍ଡାଇ, ୧୭।୧୦(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନନ୍ୟ ଗଣପର୍ବ ଶାରଦୀୟ ଦୁର୍ଗାପୂଜା ପାଇଁ ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇପଡିଛି। ପ୍ରାୟ ୬୦/୭୦ ବର୍ଷର ପୁରୁଣା ଏହି ଶାରଦୀୟ ଉତ୍ସବର ଲମ୍ବା ଇତିହାସ ରହିଛି। ଚଳିତବର୍ଷ ପୂଜା ଉତ୍ସବକୁ ଆନନ୍ଦ ଉଲ୍ଲାସର ସହିତ ପାଳନ ପାଇଁ ପଟ୍ଟାମୁଣ୍ଡାଇ ବଣିକ ସଂଘ, ବିଭିନ୍ନ ପୂଜା କମିଟି ଓ ପ୍ରଶାସନ ପୂରା ଦମରେ ଲାଗିପଡିଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ସାଜସଜ୍ଜା କରାଯାଇଛି। ପୋଖରୀଆପଡା ଦୁର୍ଗା, ବଙ୍ଗାଳି ଦୁର୍ଗା, ନୀଳମାଧବ, ଦଶ ଅବତାର, ମହାବୀର ପ୍ରଭୃତି ମେଢ଼ ସାଜସଜ୍ଜା ଅତ୍ୟନ୍ତ ଆକର୍ଷଣୀୟ ହୋଇଛି। ପଟ୍ଟାମୁଣ୍ଡାଇ ସହରରେ ବଙ୍ଗାଳୀ ଦୁର୍ଗା, କଚେରୀ ଦୁର୍ଗା, ପୋଖରୀଆପଡା ଦୁର୍ଗା, ମା' ଶାରଳା, ମହାବୀର, ଲକ୍ଷ୍ମୀନାରାୟଣ, ଗୃହଲକ୍ଷ୍ମୀ, ରାମଓଭିଷେକ, ନିତାଇ ଗୌର, ହରଗୌରୀ, ଲକ୍ଷ୍ମୀବରାହ, ମା' ଗାୟତ୍ରୀ, ମା' ସନ୍ତୋଷୀ, ଦଶ ଅବତାର, ମା' ଅନ୍ନପୂର୍ଣ୍ଣା, ହରିହର ଭେଟ, ନୀଳମାଧବ, ସୂର୍ଯ୍ୟଦେବତା, ନୃସିଂହନାଥ, କୃଷ୍ଣ ବଳରାମ, ପଞ୍ଚମୁଖୀ ହନୁମାନ, ବାଳ ହନୁମାନ, ହରପାର୍ବତୀ, ବନଦୁର୍ଗା ରାଧାକୃଷ୍ଣ, ଗଙ୍ଗାମାତା ଆଦି ୨୬ଟି ମେଢ଼ ପୂଜା ଉତ୍ସବର ଶୋଭା ମଣ୍ଡନ କରିଛନ୍ତି। ଆଜି ସପ୍ତମୀ

▸▸ ୨୬ ମଣ୍ଡପରେ ପୂଜା ପାଉଛନ୍ତି ମା'
▸▸ ଆକର୍ଷଣୀୟ ତୋରଣ ଓ ଆଲୋକମାଳାରେ ଝଲସୁଛି ସହର

ପୂଜା ଥିବାରୁ ବିଭିନ୍ନ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ଅଳପୁଆ, ତରଡ଼ିପାଳ, ଅମୃତମଣୋହି, ଚୌଦକୁଳାଟ ନୀଳକଣ୍ଠପୁର, ମାଳିପୁର, କଣ୍ଟାବଣ, ମଦନପୁର ଆଦି ବିଭିନ୍ନ ସ୍ଥାନରେ ଶାରଦୀୟ ଦୁର୍ଗାପୂଜାର ମାହୋଲ ସମଗ୍ର ଅଞ୍ଚଳକୁ ଉତ୍ସବମୁଖର କରିଦେଇଛି। ଶାରଦୀୟ ଦୁର୍ଗାପୂଜା ଅବସରରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ କିଶୋର ତରାଇ, ଅଂଶୁମାନ ମହାନ୍ତି, ଅଲେଖ କୁମାର ଜେନା, ବିଜେପି ନେତା ଲଳିତ ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ପୌର ଅଧ୍ୟକ୍ଷ ହେମନ୍ତ ସାହୁ ପଟ୍ଟାମୁଣ୍ଡାଇବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ତେବେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଐତିହ୍ୟ ସମ୍ପନ୍ନ ଶାରଦୀୟ ଦୁର୍ଗାପୂଜା ଉତ୍ସବରେ ଦିନରାତି ଗାଈଗୋରୁ ଓ ଷଣ୍ଢ ବୁଲିବା ଫଳରେ ଅବ୍ୟବସ୍ଥା ଦେଖା ଦେଇଛି। ପଥଚାରୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ବିଭିନ୍ନ ମଣ୍ଡପରେ ପୂଜା ପାଇଲେ ମା'

ଡେରାବିଶ, ୧୭।୧୦(ସମିସ): ଡେରାବିଶ ବ୍ଲକ୍‌ର ବିଭିନ୍ନ ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଛି। ଚାନ୍ଦୋଳ ପଞ୍ଚାୟତର ଖରିଦାସାହି, ମୁକୁନ୍ଦପୁର ପଞ୍ଚାୟତର ମୁକୁନ୍ଦପୁର, ବସପୁର ପଞ୍ଚାୟତର ଜହ୍ନିମୂଳ, ହରିଅଙ୍କ ପଞ୍ଚାୟତର ଭୋଳହାଟ, ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ କଣିପଡ଼ାସ୍ଥ ସାଥୀସମାଜ ପରିସର, ପଲେଇ ଗ୍ରାମର ନାଲୁବାବା ଆଶ୍ରମ ଓ ବାବାଜୀ ଆଶ୍ରମ, ଖମୋଳ ପଞ୍ଚାୟତର ଜହ୍ନିମୂଳସ୍ଥ ବଟମହାପୁରୁଷଙ୍କ ପୀଠ, ବଙ୍ଗାଳପୁର ପଞ୍ଚାୟତର ହୁରାସାହି, ଏଣ୍ଡର ପଞ୍ଚାୟତର ଏଣ୍ଡର, ନରସିଂହପୁର ପଞ୍ଚାୟତର ତିଳଙ୍ଗ, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଛଚିଣା ପୂଜା ମଣ୍ଡପରେ ଷଷ୍ଠୀ ପୂଜା ଅନୁଷ୍ଠିତ ହୋଇଯାଇଛି।

ରାଜକନିକାରେ ମା' ଦୁର୍ଗାଙ୍କ ପୂଜା ଆରମ୍ଭ

ରାଜକନିକା,୧୭।୧୦(ସମିସ): ଚଳିତ ଶାରଦୀୟ ଦୁର୍ଗା ଉତ୍ସବରେ ରାଜକନିକାର ପୁରପଲ୍ଲୀରେ ମା' ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଛି। ମହାସପ୍ତମୀ ତିଥିରେ ରାଜକନିକାର ଅଚ୍ୟୁତପୁର, କର୍ଣ୍ଣପଡା, ଅଶୋକବଜାର, ଚନ୍ଦନପୋଖରୀ ଛକ, କାଟଣା, ପିମ୍ପୁଡ଼ି, କୋଠସାହି ଆଦି ମଣ୍ଡପରେ ମା'ଙ୍କ ଆରାଧନା ଆରମ୍ଭ ହୋଇଛି। ଏ ସମସ୍ତ ପୀଠରେ କେଉଁଠି ଆଜି ମା'ଙ୍କ ପୂଜା ଆରମ୍ଭ ହୋଇଥିବାବେଳେ ଅଧିକାଂଶ ମଣ୍ଡପରେ ଆସନ୍ତାକାଲି ପ୍ରତ୍ୟୁଷରେ ପୂଜା ପାଇବେ ମା' ଜଗତଜନନୀ। ସାରା କନିକାରେ ଦୁର୍ଗାପୂଜା ମାହୋଲ ବେଶ ଆକର୍ଷଣୀୟ ହୋଇଛି।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ହଜାର ହଜାର ଛାତ୍ର ଜଣାଇଲେ ଶ୍ରଦ୍ଧାଞ୍ଜଳି

ରାଜନଗର,୧୭।୧୦(ସମିସ): ରାଜନଗର ବ୍ଲକ ହାତିନା ପଞ୍ଚାୟତ ଖଣ୍ଡାମରା ଗ୍ରାମର ଗଣେଶ ପ୍ରସାଦ ନାୟକଙ୍କ ଆଜି ଭୋର ସମୟରେ ୬୭ ବର୍ଷ ସମୟରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମଗ୍ର ରାଜନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ନାୟକ ହାତିନା ଲକ୍ଷ୍ମୀବରାହ ଉଚ୍ଚବିଦ୍ୟାଳୟରେ ଦୀର୍ଘ ୩୯ ବର୍ଷ ଧରି ଶିକ୍ଷକତା କରି ପ୍ରଧାନଶିକ୍ଷକ ଭାବେ ୭ ବର୍ଷ ତଳେ ଅବସର ନେଇଥିଲେ। ୩୯ ବର୍ଷର ଶିକ୍ଷକତା ସମୟରେ ଛାତ୍ରବତ୍ସଳ ଶିକ୍ଷକ ଭାବେ ସମଗ୍ର ଅଞ୍ଚଳରେ ପରିଚିତ ଥିଲେ। ଆଜି ତାଙ୍କ ମରଶରୀରକୁ ପ୍ରଥମେ ଗର୍ଜନପୁରସ୍ଥ ସତସଙ୍ଗ କେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ଶୋଭାଯାତ୍ରରେ ରାଜନଗର ଦେଇ ତିଅର, କୁରୁଣ୍ଟି ଦେଇ ହାତିନାସ୍ଥ ଲକ୍ଷ୍ମୀବରାହ ଉଚ୍ଚବିଦ୍ୟାଳୟକୁ ନିଆଯାଇଥିଲା। ସେଠାରୁ ଜୁଣ୍ଡୁପାଙ୍ଗରାସ୍ଥ ପବ୍ଲିକ ସ୍କୁଲ ପରିସରକୁ ନିଆଯାଇଥିଲା। ହଜାର ହଜାର ଛାତ୍ର ଶୋଭାଯାତ୍ରାରେ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ଶୋଭାଯାତ୍ରା ତାଙ୍କ ଗାଁ ଖଣ୍ଡାମରାରେ ପହଞ୍ଚିଥିଲା। ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ଶିବାନନ୍ଦ ନାୟକ ମୁଖାଗ୍ନି ଦେଇଥିଲେ। ଶବାଧାରାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ନିରଞ୍ଜନ ପଲାଇ, ତ୍ରିନାଥ ବେହେରା, ଅଳକା କୁମାରୀ ଖଟୁଆ, କୁନ୍ତଳା କୁମାରୀ ଜେନା, ଶେଖ ନିୟାମତୁଲ୍ଲା, ଅଭଦୂତ ସାମଲ, ଚିତ୍ତରଞ୍ଜନ ଜେନା, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ନରୋତ୍ତମ ପାଇଟଲ, ରମେଶ ଚନ୍ଦ୍ର ରାଉତ, ବ୍ରହ୍ମାନନ୍ଦ ରାଉତ, ବିଜୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆଇନଜୀବୀ ନଳିନୀକାନ୍ତ ମଙ୍ଗରାଜ, ସରପଞ୍ଚ ସମୀର ସେଠୀ, ପୂର୍ବତନ ସରପଞ୍ଚ ଶ୍ରୀକାନ୍ତ କୁମାର ପ୍ରଧାନ, ଦେବେନ୍ଦ୍ର କୁମାର ଜେନା, ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ରାଜ୍ୟ ଉପସଭାପତି ସୁଶାନ୍ତ ପ୍ରଧାନ, ପୂର୍ବତନ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ଜେନା, ଓଲଷ୍ଟାର ସମ୍ପାଦକ ଚିତ୍ତରଞ୍ଜନ ସାହୁ, ଓଷ୍ଟାର ସଭାପତି ମାନସ ମିଶ୍ର, ସମ୍ପାଦକ ସମୀରନ ମଣ୍ଡଳ, ଉପଦେଷ୍ଟା କ୍ଷୀରୋଦ ମଲ୍ଲିକଙ୍କ ସହ ଶିକ୍ଷକ ସୁବ୍ରଜ ବରାଳ, ଦିବ୍ୟସିଂହ ପଢିହାରୀ, ଗୋଲକ ଚନ୍ଦ୍ର ସାମଲ, ବିଚିତ୍ର ସାମଲ, ଦିଲ୍ଲୀପ ରାଉତ ଓ ବିଦ୍ୟାଳୟର ପଞ୍ଚଶଖା ଶିକ୍ଷାସେତୁର ସଭାପତି ଅରକ୍ଷିତ ସାହୁ, ୱାର୍ଡ ସଭ୍ୟ ମନୋଜ ସାହୁ, ଅରୁଣ ରାଉତଙ୍କ ସହ ହଜାର ହଜାର ଜନସାଧାରଣ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ।

ଠକେଇ ଅଭିଯୋଗରେ ଯୁବକ ଗିରଫ

ରାଜକନିକା,୧୭।୧୦(ସମିସ): ରାଜକନିକା ଥାନା ଅଧୀନ ରାଉତବର୍ତ୍ତନୀ ଗ୍ରାମର ଯୁବକ ସୁଧାଂଶୁ ନାଥଙ୍କୁ ଠକେଇ ମାମଲାରେ ଆଜି ରାତିରେ ପୁଲିସ ଘରୁ ଉଠେଇ ନେଇଛି। ପେସାଦାର ଠକ ଭାବେ ଏକ ହଜାର ଲୋକଙ୍କଠାରୁ ବିଭିନ୍ନ ଅର୍ଥ ଲଗାଣ ସମିତି ନାଁରେ ଅର୍ଥ ସଞ୍ଚୟ କରିବାର ଲୋଭ ଦେଖାଇ ୪ ବର୍ଷ ମଧ୍ୟରେ ୧୭ କୋଟିରୁ ଅଧିକ ଟଙ୍କା ଠକି ନେଇ ବିଭିନ୍ନ ଆଡେ ସ୍ଥାବର ଅସ୍ଥାବର ସମ୍ପତ୍ତି କରିବା ଭଳି ଅନୈତିକ କାମ ଜାରି ରଖିଛନ୍ତି। ଜମାକାରୀ ଠକାମୀର ଶିକାର ହୋଇ ଟଙ୍କା ମାଗିବାରୁ ଦିନ ଗଡାଇବା, ଜୀବନରୁ ମାରି ଦେବା ଧମକ ଦେଉଥିବା ବହୁ ଜମାକାରୀ ରାଜକନିକା ଥାନାରେ ଏତଲା ଦେବାର ୨୪ ଘଣ୍ଟା ମଧ୍ୟରେ ପୁଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଆଜି ରାତି ୮ଟା ବେଳେ ସୁଧାଂଶୁକୁ ଗିରଫ କରି ସମସ୍ତ କାଗଜପତ୍ର ଜବତ କରିଛି।

ଶ୍ରୀବଳଦେବଜୀଉ ପାଲା ମଣ୍ଡଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା,୧୭।୧୦(ସମିସ): କେନ୍ଦ୍ରାପଡ଼ାର ସିଦ୍ଧ ବଳଦେବଜୀଉ ପାଲା ମଣ୍ଡଳ ପକ୍ଷରୁ ଗାୟକ ଭୂଷଣ ସ୍ୱର୍ଗତ ଗୋପବନ୍ଧୁ ନାଥଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରଦ୍ଧାଞ୍ଜଳି ସଭା ଦୁହୁରିଆ ଯଜ୍ଞେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଦେଷ୍ଟା ଗାୟକ ଚିନ୍ମୟ ଦାଶ ସଭାପତିତ୍ୱ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଗାୟକ ସୁଶାନ୍ତ କୁମାର ମଲ୍ଲିକ, ଗାୟକ ସୁବାସ ଚନ୍ଦ୍ର ଶତପଥି, ଗାୟକ ପ୍ରକୃତିବନ୍ଧୁ ଗଗନ ବିହାରୀ ସିଂହ, ଗାୟକ ଆକାଶବାଣୀ ଶିଳ୍ପୀ କ୍ଷୀରୋଦ କୁମାର ନାଥ, ଗାୟକ ଦଶରଥ ରାଉତ, ବାୟକ ବାନାମ୍ବର ଦାସ, ସୁଦର୍ଶନ ମଲ୍ଲିକ, ସଂଗୀତ ନିର୍ଦ୍ଦେଶକ ଶାରଦା ପ୍ରସନ ନାଥ, ଗଙ୍ଗାଧର ବାରିକ, କୁଳମଣି ନାୟକ, ଅକ୍ଷୟ କୁମାର ସ୍ୱାଇଁ, ଶଙ୍କର ନାଥ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାଥଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗାୟକ ରମାକାନ୍ତ ପଣ୍ଡା ବେଦ ପାଠ କରିଥିଲେ। ପରେ ଗାୟକ ଭୂଷଣଙ୍କ ସ୍ୱଲିଖିତ ପୁସ୍ତକରୁ ସଂଗୀତ ପରିବେଷଣ କରାଯାଇଥିଲା। କଣ୍ଠଶିଳ୍ପୀ ଗୁରୁ ବସନ୍ତ କୁମାର ପତି, ମହେଶ୍ୱର ମଣ୍ଡଳ, କେଶବ ମହାରଣା, ତବଲା ବାଦକ ଭକ୍ତି ରଞ୍ଜନ ପ୍ରଧାନ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ। ଗାୟକ ଶ୍ରୀଧର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବଜ୍ର ମହାକାଳୀ ଆଞ୍ଚଳିକ ଯୁବ ନାଟ୍ୟ ପରିଷଦର ସୁବର୍ଣ୍ଣ ଜୟନ୍ତୀ

ରାଜକନିକା,୧୭।୧୦(ସମିସ): ଗ୍ରାମାଞ୍ଚଳର ଜନଜୀବନରେ ସାଂସ୍କୃତିକ ଚେତନା ଭରି ଲୋକକଳାକୁ ବଞ୍ଚାଇ ରଖି କ୍ରମାଗତ ଭାବେ ନାଟକ ପରିବେଷଣ କରିଆସୁଥିବା ପିମ୍ପୁଡିର ବଜ୍ର ମହାକାଳୀ ଆଞ୍ଚଳିକ ଯୁବନାଟ୍ୟ ପରିଷଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆଜି ଉଦଘାଟିତ ହୋଇଛି। ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦଘାଟନୀ ପର୍ବରେ ସମ୍ ଅଲଟିମେଟ ହସ୍ପିଟାଲ ଓ ଗ୍ରାମ ଉତ୍ଥାତର ମିଳିତ ପ୍ରୟାସରେ ଆଜି ମେଗା ସ୍ୱାସ୍ଥ୍ୟ ଶିବିର ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନ ୧୦ଟାରେ ଏହି ଶିବିରକୁ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଡଃ ଦେବସ୍ମିତା ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରି ନିଜେ ରୋଗୀ ଦେଖି ସ୍ୱାସ୍ଥ୍ୟ ଶିବିରକୁ ଉଦଘାଟନ କରିଥିଲେ। ୬ଟି ପ୍ରମୁଖ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ରୋଗୀ ସେବା କରାଯିବା ସହ ସ୍ଥାନୀୟ ଯୁବକଙ୍କ ଦ୍ୱାରା ରକ୍ତଦାନ କରାଯାଇ ସାମାଜିକ ଦାୟିତ୍ୱବୋଧ ଆପଣାଇଥିବା ପରିଷଦର ଉଦଘାଟନୀ ସନ୍ଧ୍ୟାରେ ୫୦ ବର୍ଷର ନାଟ୍ୟ ଅଭିନୟରେ ପାରଦର୍ଶିତା କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପିମ୍ପୁଡି, ପୋରଳ, କାଳିସୀପଡା, ଆଖୁଳିପଡା ଓ କୁହୁଡି ଗାଁର ଏହି ପରିଷଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ ୫ ଦିନ ଧରି ପାଳନ କରାଯିବ।

କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଡେରାବିଶ, ୧୭।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ପକ୍ଷରୁ ଚାଲିଥିବା ୩୪ତମ କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ଖୋ-ଖୋ, କବାଡ଼ି, ଭଲିବଲ, ବିଚ୍ ଭଲିବଲ୍, ନେଟ୍ ବଲ୍ ଓ ଯୋଗାସନ ଆଦି ପ୍ରତିଯୋଗିତା ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଡେରାବିଶ ଉଚ୍ଚବିଦ୍ୟାଳୟରେ ଶକ୍ରବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡେରାବିଶ ବ୍ଲକ୍ ଶିକ୍ଷାଧିକାରୀ ମଦନମୋହନ କର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ନୋଡାଲ ପ୍ରଧାନଶିକ୍ଷୟିତ୍ରୀ ଡଃ କାନନବାଳା ନାୟକ, ସିଆରସିସି ନିରଞ୍ଜନ ମଲିକ ପ୍ରମୁଖ ଯୋଗ ଦେଇଥିଲେ। ଦୁଇଦିନ ଧରି ଅନୁଷ୍ଠିତ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଜିଲ୍ଲାର ୯ଟି ବ୍ଲକରୁ ୪୭୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ସେମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ପ୍ରତିଯୋଗିତାକୁ ମଧୁସୁଦନ ଦାସ, ଡେରାବିଶ ବ୍ଲକ୍ କ୍ରୀଡ଼ା ସମ୍ପାଦକ ମୁନା ମଲିକ, ରାଜକିଶୋର ନାୟକ, ମନୋଜ ସାହୁ, ଶିବପ୍ରସାଦ ବଳ, ସତ୍ୟପ୍ରକାଶ ମହାନ୍ତି, ନରେନ୍ଦ୍ର ଗୋଛାୟତ, ଅରବିନ୍ଦ ତରାଇ, ମିର୍ଜା ସଲିମ ବେଗ୍, ଝିଲ୍ଲି କାଣ୍ଡି, ମାନସ ସାହୁଙ୍କ ସମେତ ୯ଟି ବ୍ଲକର ସମ୍ପାଦକ ଓ କ୍ରୀଡ଼ା ଶିକ୍ଷକ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଟିକିଲି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ବଳଦେବଜୀଉ ମନ୍ଦିର ହୁଣ୍ଡିରୁ ୧.୩୪ ଲକ୍ଷ ଆୟ

କେନ୍ଦ୍ରାପଡ଼ା,୧୭।୧୦(ସମିସ): କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉ ମନ୍ଦିରର ଜଗମୋହନ ଦେଉଳ ଓ ମହାଲକ୍ଷ୍ମୀଙ୍କ ଦେଉଳରେ ସ୍ଥାପିତ ହୁଣ୍ଡିରୁ ବାହାରିଥିବା କେବଳ ଖୁଚୁରା ମୁଦ୍ରା (କଏନ୍)କୁ ଗଣତି କରାଯାଇ ୧,୩୪,୭୬୦ (ଏକଲକ୍ଷ ଚଉତିରିଶି ହଜାର ସାତଶହ ଷାଠିଏ ଟଙ୍କା)କୁ ଏଣ୍ଡାଉମେଣ୍ଟ ପାଣ୍ଠି ଭୁକ୍ତ କରାଯାଇଛି। ଦେବୋତ୍ତର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟ୍ରଷ୍ଟ ବୋର୍ଡ ସଭ୍ୟ ପୂର୍ବତନ ପୌରାଧ୍ୟକ୍ଷ ଧିରେନ ସାହୁ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ ପ୍ରମୁଖଙ୍କ ଉପସ୍ଥିତିରେ ଗଣତି କାର୍ଯ୍ୟ କରାଯାଇଥିଲା। ଉକ୍ତ ଗଣତି କାର୍ଯ୍ୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଶ୍ରୀଧର ବେହେରା, ପତିତପାବନ ଲେଙ୍କା, ରାଜକିଶୋର ରାଉତ, ହରିହର ମହାନ୍ତି, ରାଜକିଶୋର ମହାନ୍ତି, ବଳରାମ ଦାସ, ନାରାୟଣ ଚନ୍ଦ୍ର ଜେନା ଓ ମନ୍ଦିର କର୍ମଚାରୀ ଶ୍ରୀଧର ବେହେରା, ହରେକୃଷ୍ଣ ମେକାପ, ଭକ୍ତଚରଣ ପଣ୍ଡା, ଭ୍ରମରବର ବିଶ୍ୱାଳ, ହରେକୃଷ୍ଣ ବେହେରା ପ୍ରମୁଖ ସହଯୋଗ କରିଥିଲେ।

ଅପମିଶ୍ରିତ ଖାଦ୍ୟ ଯାଞ୍ଚ କଲେ ଜିଲ୍ଲାପାଳ

ପଟ୍ଟାମୁଣ୍ଡାଇ,୧୭।୧୦(ସମିସ): ପଟ୍ଟାମୁଣ୍ଡାଇ ଦୁର୍ଗାପୂଜା ସମୟରେ ପ୍ରଶାସନ ପକ୍ଷରୁ ଖାଦ୍ୟ ସୁରକ୍ଷା ଅଭିଯାନ କରାଯାଇଛି। ପୂଜା ସମୟରେ ଅପମିଶ୍ରିତ ଖାଦ୍ୟ ବିକ୍ରି ଅଭିଯୋଗ ହେଉଛି। ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ପଟ୍ଟାମୁଣ୍ଡାଇ ଆସି ଦୁର୍ଗାପୂଜା ସମୟରେ ଅପମିଶ୍ରିତ ଖାଦ୍ୟ ଯାଞ୍ଚ କରିବା ପାଇଁ ବିଭିନ୍ନ ଜଳଖିଆ ଦୋକାନ ଓ ହୋଟେଲକୁ ଯାଇ ଯାଞ୍ଚ କରିଥିଲେ। ଜିଲ୍ଲାପାଳଙ୍କ ସହିତ ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର, ଆଦର୍ଶ ଥାନା ଆଇଆଇସି ମାନସ ରଞ୍ଜନ ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାସ ପ୍ରମୁଖ ପ୍ରଶାସନିକ ଅଧିକାରୀ ସାମିଲ ଥିଲେ।

ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଲେ ନବନିର୍ବାଚିତ ଛାତ୍ରନେତା

ନବୀନ ପଟ୍ଟନାୟକଙ୍କୁ ଜଣାଇଲେ କୃତଜ୍ଞତା

ରାଜନଗର, ୧୭।୧୦(ସମିସ): ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଛାତ୍ର ସଂସଦ ନବନିର୍ବାଚିତ ସଭାପତି ରାକେଶ ଦାସ, ସମ୍ପାଦିକା ରୁପାଲୀ ସ୍ୱାଇଁ, ଉପସଭାପତି ନଳିନୀକାନ୍ତ ପ୍ରଧାନ, ସହସମ୍ପାଦିକା ଗାୟତ୍ରୀ ମାଝୀ, ପ୍ରଥମବର୍ଷ ଶ୍ରେଣୀ ପ୍ରତିନିଧି ପ୍ରଭୁଜିତ ବିଶ୍ୱାଳ, ଦ୍ୱିତୀୟ ବର୍ଷ ଶ୍ରେଣୀ ପ୍ରତିନିଧି ଦୀପ୍ତିମୟୀ ରାଉତ, ତୃତୀୟ ବର୍ଷ ଶ୍ରେଣୀ ପ୍ରତିନିଧି ସୌରଭ ଦାସ, ସାଂସ୍କୃତିକ ସମ୍ପାଦିକା ବର୍ଷାରାଣୀ ଚଣ୍ଡ, କ୍ରୀଡା ସମ୍ପାଦକ ଭକ୍ତ ବତ୍ସଳ ପରିଡା, ସହ କ୍ରୀଡ଼ା ସମ୍ପାଦକ ଦିପୁଙ୍କର ଦାସ, ଡିଏସଏ ସମ୍ପାଦିକା ସୁସ୍ମିତା ସେଠୀ ଆଜି ଭୁବନେଶ୍ୱରରେ ପହଞ୍ଚି ରାଜନଗର ବିଧାୟକଙ୍କୁ ଭେଟି ଶୁଭେଚ୍ଛା ଓ କୃତଜ୍ଞତା ଜନାଇଛନ୍ତି। ବିଧାୟକଙ୍କ ମାର୍ଗଦର୍ଶନ ଓ ଲୋକପ୍ରିୟତା ଯୋଗୁ ବିପୁଳ ବିଜୟ ସମ୍ଭବ ହୋଇପାରିଲା ବୋଲି ଛାତ୍ରନେତାମାନେ କହିଥିଲେ। ଏହାପରେ ବିଜୟୀ ଛାତ୍ରନେତା ବିଧାୟକଙ୍କ ସହିତ ନବୀନ ନିବାସରେ ପହଞ୍ଚି ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟି କୃତଜ୍ଞତା ଜଣାଇଥିଲେ। ଛାତ୍ରନେତାଙ୍କ ସହିତ ଛାତ୍ର ନେତା ତଥା ବିସିଜେଡି ରାଜ୍ୟ ଉପସଭାପତି ବୈବ୍ରତ ନାରାୟଣ ବିଶ୍ୱାଳ, ପ୍ରକାଶ କୁମାର ତାଡୁ, ବ୍ଲକ ସଭାପତି ମନୋଜ ମଲିକ, ପ୍ରଭାତ ସୁନୀଲ ରାଉଳ, ଅଂଶୁମାନ ପରିଡା, ପରମେଶ୍ୱର ଦାସ, ଅଂଶୁମାନ ସେଠୀ, ସୁଭାଶିଷ ରାଉତ, କୈଳାସ ଜେନା, ଅବିନାଶ ଦାସ, ଶୁଭେନ୍ଦୁ ଓଝା, ପୀତବାସ ବିଶ୍ୱାଳ, ପ୍ରଭାତ ପ୍ରଧାନ, ସୁଦର୍ଶନ ପ୍ରଧାନ, ଅବିନାଶ ଦାସ, କୈଳାସ ଜେନା, ଯୁବ ନେତା ଆର୍ତ୍ତବନ୍ଧୁ ମହାନ୍ତି, ସରୋଜ ରାଉତ, ରାକେଶ ନାୟକ, ବିଜ୍ଞାନ ରଞ୍ଜନ ଜେନା, ପ୍ରମୋଦ ବେହେରା, ସମୀର ଜେନା, ସୁରେଶ ପାତ୍ର, ଅଶୋକ ମହାନ୍ତି, କ୍ଷୀରୋଦ ରାଉତ, କୈଳାସ କୁମାର ପରିଡା, ରଞ୍ଜନ ମହାନ୍ତି ପ୍ରମୁଖ ବିଧାୟକ ଓ ନବୀନ ପଟ୍ଟନାୟକଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି।

ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ଅନିୟମିତତା ଅଭିଯୋଗ

ରାଜକନିକା,୧୭।୧୦(ସମିସ): ରାଜକନିକା ବ୍ଲକର ପ୍ରାୟ ଅଧିକାଂଶ ପଞ୍ଚାୟତରେ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା କାମରେ ଅନିୟମିତତା ହେଉଥିବା ଦେଖିବାକୁ ମିଳିଛି। ସ୍ଥିତି ଏମିତି ହୋଇଛି ଯେ ପୁରୁଣା ସିସି ରାସ୍ତା ଉପରେ ଇଞ୍ଚେ ଦୁଇ ଇଞ୍ଚର ଢଳେଇ କରି ପୂରା ବିଲ୍ ହେଉଥିବା ସତ୍ୟନାରାୟଣ ନାୟକ ଅଭିଯୋଗ କରିଛନ୍ତି। ଏହି ଯୋଜନାରେ ନିୟମ ଅନୁଯାୟୀ ୧୦ ଫୁଟ ଓସାର ଓ ୬୫ ଫୁଟ ଲମ୍ବର ରାସ୍ତା ଅର୍ଥାତ ୬୫୦ ବର୍ଗ ଫୁଟ ରାସ୍ତା ପାଇଁ ଏକଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିବାବେଳେ ରାଜକନିକା ବ୍ଲକର କୌଣସି ବି ଗୋଟିଏ ସିସି ରାସ୍ତାରେ ଏହା କରାଯାଇ ନ ଥିବା ଭିଯୋଗ ହୋଇଛି। ବିକଶିତ ଗାଁ ବିକଶିତ ଓଡିଶା ଯୋଜନାର ରାସ୍ତାରେ ନିର୍ମାଣ ହେବାକୁ ଥିବା ରାସ୍ତାରେ ୬ ଇଞ୍ଚ ଧସା ବାଲି, ୪ ଲଞ୍ଚ ହାର୍ଡ ମେଟାଲ ପରେ ୩ ଇଞ୍ଚର ୩/୪ ଇଞ୍ଚର ଗୋଡି ଦେଇ କଂକ୍ରିଟ ହେବା ସହ ସାଇଡ୍‌ରେ ଗାର୍ଡୱାଲ ରହିବା ବିଧେୟ। ମାତ୍ର ରାଜକନିକା ବ୍ଲକରେ ଏହି ଭାଗମାପରେ କୌଣସି ଗୋଟିଏ ବି କାମ କରାଯାଇ ନ ଥିବାବେଳେ ଆଗକୁ ନିର୍ବାଚନ ଥିବାବେଳେ ବ୍ଲକ ପ୍ରଶାସନ ଏଥିରୁ ଯନ୍ତ୍ରୀ ପ୍ରଶାସକ ମଧୁଚନ୍ଦ୍ରିକାରେ ସବୁ ରାସ୍ତାକୁ ପୁରୁଣା କାମ ଉପରେ କରାଯାଇ ଯୋଜନାର ସିଂହଭାଗ ଲୁଟ ହେଉଥିବା ବ୍ଲକ୍ କଂଗ୍ରେସ ସଭାପତି ପଙ୍କଜ ଦାସ ଅଭିଯୋଗ କରିବା ସହ ଏହି ଯୋଜନାର ଫଳକ ଲଗାଇ କରାଯାଇଥିବା ସମସ୍ତ କାମର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

ରାଜନଗର ବ୍ଲକ୍ ଆତ୍ମା କମିଟି ବୈଠକ

ରାଜନଗର,୧୭।୧୦(ସମିସ): ରାଜନଗର ବ୍ଲକ ଆତ୍ମା କମିଟି ବୈଠକ କୃଷି ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଆତ୍ମା ସଭାପତି କୈଳାସ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ଆତ୍ମା ଆବାହିକା ତଥା ବ୍ଲକ କୃଷି ଅଧିକାରିଣୀ ନମିତା ମହାନ୍ତି ପରିଚାଳନା କରିଥିଲେ। ସହକାରୀ ବ୍ଲକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଶ୍ୟାମଚରଣ ମାଝି, ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ମୋନାଲିସା ମହାନ୍ତି, ବିଟିଏମ ଶୈଳେନ୍ଦ୍ର ସ୍ୱାଇଁ ଯୋଗଦେଇ କୃଷକଙ୍କ ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଆସିଥିବା ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଗୋ-ପାଳନ, କୁକୁଡା ଓ ବତକ ଚାଷ, ମେଣ୍ଢା ଓ ଛେଳି ପାଳନ ପ୍ରଭୃତି ସମ୍ପର୍କରେ ରହିଥିବା ସବସିଡି ସହ ବିଭିନ୍ନ ଦିଗ ଉପରେ ପ୍ରାଣୀ ଚିକିତ୍ସା ବିଭାଗ ଆଲୋଚନା କରାଯାଇଥିଲା। ସେହିପରି ଉଦ୍ୟାନ ବିଭାଗ ପକ୍ଷରୁ ଆସନ୍ତା ଖରିଫ ଋତୁରେ ଫଳ ଓ ପନିପରିବା ଚାଷ, ମହୁ, ଛତୁଚାଷ ପାଇଁ ରହିଥିବା ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ଉଦ୍ୟାନ କୃଷି ଅଧିକାରିଣୀ ଶ୍ରମତୀ ମହାନ୍ତି ସୂଚନା ଦେଇଥିଲେ। ଆଗାମୀ ଦିନରେ ଆଗ୍ରହୀ ଚାଷୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ସହ ସରକାରୀ ସୁବିଧା ନେଇ ଆଲୋଚନା କରାଯାଇଥିଲା। ସଦସ୍ୟ ତଥା ସାମ୍ବାଦିକ ଜଗନ୍ନାଥ ଦାସ, ଆର୍ତ୍ତବନ୍ଧୁ ମହାନ୍ତି, ପ୍ରମୋଦ ପ୍ରଧାନ ଚାଷୀଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ସୁବିଧା ସୁଯୋଗ ସଂପର୍କରେ ଆଜି ବି ଚାଷୀ ଅବଗତ ନାହାଁନ୍ତି ବୋଲି ଅଭିଯୋଗ କରିବା ସହ ପ୍ରଶାସନିକ ଅଧିକାରୀ ସହଯୋଗ କରିବାକୁ ଦାବି କରିଥିଲେ। କାର୍ଯ୍ୟକ୍ରମକୁ ପ୍ରିୟଙ୍କା ଖଣ୍ଡେଇ, କିସ୍ମତ କୁମାର ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ପଟ୍ଟାମୁଣ୍ଡାଇ,୧୭।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ସିଦ୍ଧ ପରମହଂସ ନୋଡାଲ ଉପ୍ରା ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟରର ୧୧ଟି ବିଦ୍ୟାଳୟରୁ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଗଙ୍ଗାରାମପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ କବିଙ୍କ ପୌରୋହିତ୍ୟ ଓ ସିଆରସିସି ରଞ୍ଜନ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଗଙ୍ଗାରାମପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟ ସଭାପତି ବଙ୍ଗାଳୀ ଚରଣ ତରାଇ ଉଦ୍‌ଘାଟକ, ଆଳି ବ୍ଲକର ପ୍ରାକ୍ତନ ପୂର୍ବତନ ଏବିଇଓ ଉଦକର ସାମଲ ମୁଖ୍ୟଅତିଥି, ଲୋକନାଥପୁର ପ୍ରୋଜେକ୍ଟ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଦାସ ମୁଖ୍ୟବକ୍ତା, ସିଦ୍ଧ ପରମହଂସ ନୋଡାଲ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ସଞ୍ଜୟ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ସନ୍ତୋଷ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଉଦଯାପନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ୍ ବିଆରସିସି ସୁନୀତ ଦାଶ ମୁଖ୍ୟଅତିଥି, ଗଙ୍ଗାରାମପୁର ସମିତି ସଭ୍ୟ ବିଶ୍ୱରଞ୍ଜନ ଭୂୟାଁ, ପ୍ରାକ୍ତନ ସ୍କୁଲ ଏସଆଇ ବିଜୟ ଜେନା, ପ୍ରଧାନଶିକ୍ଷକ ଅକ୍ଷୟ ନନ୍ଦ, ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅରକ୍ଷିତ ସାହୁ, ସିଆରସିସି ଅରବିନ୍ଦ ବଳ, ପୂର୍ବତନ ସିଆରସିସି ପ୍ରଦୀପ ତରାଇ, ପ୍ରଶାନ୍ତ ସାହୁ, ଅଜୟ ମଲିକ, ସିଦ୍ଧ ପରମହଂସ ନୋଡାଲ ସ୍କୁଲ ପ୍ରଧାନଶିକ୍ଷକ ରମେଶ ମହାନ୍ତି, ନିର୍ମଳ ଗାହାଣ, ପ୍ରମୋଦ ଗାହାଣ, ବନମାଳୀ ତରାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷକ ଉତ୍କଳ ସେଠୀ, ଶିକ୍ଷକ ଭରତ ସ୍ୱାଇଁ, ସତ୍ୟବ୍ରତ ସ୍ୱାଇଁ, ପ୍ରମୋଦ ତ୍ରିପାଠୀ, ଶିଶିର ସାହୁ, ସୁଚିତ୍ରା ବେହେରା, ବର୍ଷା ପ୍ରିୟଦର୍ଶିନୀ ବାରିକ, ସରୋଜଲକ୍ଷ୍ମୀ ଜେନା, ସସ୍ମିତା ତରାଇ, ହରିହର ବାରିକ, ସତ୍ୟବାନ୍ ତରାଇ ପ୍ରମୁଖ ପରିଚାଳନା କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିବାବେଳେ ଶିକ୍ଷକ ବିଜୟ ନାୟକ ଧନ୍ୟବାଦ ଦେଇଥିଲେ।

ମା' ଥାନପତି ଦୁର୍ଗା,ରାଜନଗର

ମା' ବନଦୁର୍ଗା,ରାଜନଗର

ମା' ଶାରଳା, ସାନବଡ଼ ଗୋପାଳପୁର

ପୀର ବାବାଙ୍କ ବାର୍ଷିକ ଉତ୍ସବ ପାଇଁ ଡେରାବିଶ ଚଳଚଞ୍ଚଳ

ପୂରଣ ହେଲା ନବୀନ ସରକାର ଦେଇଥିବା ପ୍ରତିଶ୍ରୁତି

କେନ୍ଦ୍ରାପଡ଼ା/ପଞ୍ଚୁପାଣ୍ଡବ,୧୭।୧୦(ସମିସ)

- ୨୧ରେ ପୀର ବାବାଙ୍କ ନୂତନ ଗୃହ ଉଦ୍‌ଘାଟନ
- ପୂଜା କରନ୍ତି ମୁସଲମାନ, ହିନ୍ଦୁ ପ୍ରସ୍ତୁତି କରନ୍ତି ଭୋଗ

କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରହାଟ ଗ୍ରାମରେ ଥିବା ହଜରତ ସୟଦ ଜମାଲ ଶାହା ପୀର ବାବାଙ୍କ ବାର୍ଷିକ ଉତ୍ସବ ପାଳନ ପାଇଁ ଡେରାବିଶ ଅଞ୍ଚଳ ଚଳଚଞ୍ଚଳ ଥିବା ଦେଖିବାକୁ ମିଳୁଛି। ବାବାଙ୍କ ବାର୍ଷିକ ଉତ୍ସବ ୨୧ ତାରିଖ ବୁଧବାର ଦିନ ଅନୁଷ୍ଠିତ ହେବ। ଏଥିସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ପ୍ରତିଶ୍ରୁତି ବାବାଙ୍କ ନୂତନ ସମାଧି ପୀଠ ଉଦ୍‌ଘାଟନ ହେବ ବୋଲି ମୌଲାନା ଜାଫର ଅଲ୍ଲୀ ଖାଁ କହିଛନ୍ତି।

ଦୁଇବର୍ଷ ତଳେ ପୂର୍ବତନ '୫-ଟି' ଅଧ୍ୟକ୍ଷ ଭିକେ ପାଣ୍ଡିଆନ୍ ଆସି ବାବାଙ୍କ ନୂତନ ଗୃହ କରିବା ପାଇଁ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ବାବାଙ୍କ ସମାଧି ପୀଠରେ ନୂତନ ଗୃହ କରିବା ପାଇଁ ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ପାଟକୁରା ନିର୍ବାଚନମଣ୍ଡଳୀର ବିଧାୟକ ଅରବିନ୍ଦ ମହାପାତ୍ର ସେତେବେଳେ ୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏହି ବାବାଙ୍କ ଛୋଟିଆ ପୀଠରେ ଦୀର୍ଘ ବର୍ଷ ଧରି ହିନ୍ଦୁ, ମୁସଲମାନ ଭାଇଚାରକୁ ଅତୁଟ ରଖି ଆସିଛି। ଏହି ପୀଠରେ ମୁସଲମାନ ପୂଜା କରନ୍ତି। କିନ୍ତୁ ହିନ୍ଦୁ ଭୋଗ (ସିରିଣି) ପ୍ରସ୍ତୁତ କରିଥାଆନ୍ତି। ପୀର ସୟଦ୍ ଜମାଲ ଶାହା ବାବାଙ୍କୁ ପ୍ରାୟ ୩୦୦ ବର୍ଷ ତଳେ ଆଳି ରାଜା ଆଣି ଡେରାବିଶ ଅଞ୍ଚଳରେ ରଖି ବାବାଙ୍କ ପୀଠସ୍ଥଳୀ ଅଞ୍ଚଳରେ ୨ ଏକର ସମ୍ପତ୍ତି ସମେତ ତାଙ୍କ ଚଳାଚଳ ପାଇଁ ୧୬ ଏକର ଚାଷ ଜମି ପ୍ରଦାନ କରିଥିଲେ। କାଳକ୍ରମେ ବାବା କବର ନେଇଥିବା ସ୍ଥାନକୁ ଅଞ୍ଚଳବାସୀ ସୁରକ୍ଷିତ ରଖି ସେହିଦିନଠରୁ ପୂଜାର୍ଚ୍ଚନା କରିଆସୁଛନ୍ତି। ଏହି ବାବାଙ୍କ ପୀଠରେ ପ୍ରତି ଗୁରୁବାର ଦିନ ଶତାଧିକ ହିନ୍ଦୁ ମୁସଲମାନ ମାନେ ଭୋଗ କରନ୍ତି। ଏହି ବାବାଙ୍କ ପୀଠରେ ମାନସିକ କଲେ ମାନସିକ ପୂରଣ ହୁଏ ବୋଲି ପୂର୍ବତନ ସରପଞ୍ଚ ମହେନ୍ଦ୍ର ସିଂହଙ୍କ ସହ ଅଞ୍ଚଳବାସୀ କହିଛନ୍ତି।କିଛି ବର୍ଷ ପୂର୍ବେ ଡେରାବିଶ ବ୍ଲକ ଅଧିନ ୯ ଟି ମୁସଲମାନ ବସ୍ତିର ମୁରବୀ ମାନଙ୍କ ସହ ଯୁବକ ମାନଙ୍କୁ ନେଇ ଏକ ଟ୍ରଷ୍ଟ ଗଠନ କରି ପ୍ରତି ବର୍ଷ ଏହି ଉତ୍ସବ ପାଳନ କରାଯାଉଛି।ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇଥିବାରୁ ସୟଦ ଜମାଲ୍ ଶାହା ବାବା ଚ୍ୟାରିଟେବୁଲ ଟ୍ରଷ୍ଟ ର ସଭାପତି ସୟଦ ଅରମାନ ଅଲ୍ଲୀ, ସମ୍ପାଦକ ମହମ୍ମଦ ମହେଫୁଜ ଖାଁ ସଦସ୍ୟ ଲୋକମାନ ଅଲ୍ଲୀ,ସେକ୍ ରିଆସତ୍ ଏବଂ ସମସ୍ତ ସଦସ୍ୟ କୃତଜ୍ଞତା ଜଣାଇଛନ୍ତି।ଏହି ଉତ୍ସବକୁ ୯ ଟି ଗ୍ରାମର ସଦସ୍ୟ ଏବଂ ଗ୍ରାମର ଲୋକେ ସହଯୋଗ କରୁଛନ୍ତି।

ବିବି ମଡେଲ ହାଇସ୍କୁଲରେ ସୁରଭି କାର୍ଯ୍ୟକ୍ରମ

ଡେରାବିଶ, ୧୭।୧୦(ସମିସ): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଲୀସ୍ଥ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ବିଦ୍ୟାଳୟ ପରିସରରେ ମୁକୁନ୍ଦପୁର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଉଦ୍‌ଘାଟନୀ ଉତ୍ସବରେ ବିବି ମଡ଼େଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ ସଭାପତିତ୍ୱ କରିଥିବାବେଳେ ଅତିଥି ଭାବେ ଲାଲବାହାଦୂର ଶାସ୍ତ୍ରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ଦାସ, ପଞ୍ଚାୟତ ବିଦ୍ୟାପୀଠ ମୁକୁନ୍ଦପୁରର ପ୍ରଧାନଶିକ୍ଷକ ମନୋରଞ୍ଜନ ଦାଶ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚୌଧୁରୀ ସରୋଜକାନ୍ତ ପ୍ରହରାଜ ଓ ମୁକୁନ୍ଦପୁର କ୍ଲଷ୍ଟରର ସଂଯୋଜକ ବିଶ୍ୱଜିତ ମୁଦୁଲି ଯୋଗଦେଇ କୁନିକୁନି ଛାତ୍ରଛାତ୍ରୀଙ୍କଠାରେ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଓ ତାହାର ବିକାଶ ପାଇଁ ଏହି ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କହିଥିଲେ। କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ପ୍ରତିଯୋଗୀଙ୍କୁ ନେଇ କନିଷ୍ଠ ଓ ବରିଷ୍ଠ ବର୍ଗରେ ବିତର୍କ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇଥିଲା। ଅପରାହ୍ନରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ମଦନମୋହନ କର, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ ସଂଗଠନର ସଭାପତି ବିଧୁଭୂଷଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ବିଆରସିସି ଦେବଦତ୍ତ ଶତପଥି, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ପୂର୍ବତନ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସଚ୍ଚିକାନ୍ତ ମିଶ୍ର, ପୂର୍ବତନ ସିଆରସିସି ପ୍ରଶାନ୍ତ ଶତପଥି, ଶିକ୍ଷକ ରମେଶ ବଳ, ପୂର୍ବତନ ସରପଞ୍ଚ ଉମେଶ ତ୍ରିପାଠୀ, ସମିତିସଭ୍ୟା ପ୍ରିୟତମା ଦାଶ, ଏସ୍‌ଏମ୍‌ସି ସଭାପତି ଶୁଭେନ୍ଦୁ ପ୍ରତାପ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଚଳିତ ବର୍ଷ ରାଜ୍ୟସ୍ତରୀୟ ଟ୍ୱାଏକ୍ୱେଣ୍ଡୋ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଜିତିଥିବା ନବମ ଶ୍ରେଣୀ ଛାତ୍ରୀ ସାଗରିକା ଭଦ୍ର ଓ ଏମ୍‌ବିବିଏସ୍ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବିଦ୍ୟାଳୟର ପୂର୍ବତନ ଛାତ୍ର ଅଭିଷେକ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ବ୍ରଜେନ୍ଦୁ କର, ପବିତ୍ର ଦାସ, ସଦାନନ୍ଦ ସାହୁ, ଦେବାଶିଷ ବେହେରା, ପ୍ରକାଶ ଦାଶ, ଶିକ୍ଷୟିତ୍ରୀ ଅନୀତା ପଣ୍ଡା, ମମତା ମହାନ୍ତି, ସୀମା ମଲିକ, ତବସୁମ ବେଗମ୍, ସୁଚିସ୍ମିତା ତ୍ରିପାଠୀ, ପ୍ରଜ୍ଞାପରମିତା ମିଶ୍ର, ମଧୁସ୍ମିତା ପଣ୍ଡା, ଦୀପକ ବାରିକ ଓ ବିଦ୍ୟାଳୟର ବରିଷ୍ଠ ସହାୟକ ମଳୟ କୁମାର ରଥ ପ୍ରମୁଖ ପରିଚାଳନା କରିଥିଲେ। ଉଭୟ ଅଧିବେଶନରେ ଶିକ୍ଷକ କିଶୋର ମହାନ୍ତି ମଞ୍ଚ ସଂଯୋଜନା କରିଥିବାବେଳେ ସିଆରସିସି ବିଶ୍ୱଜିତ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

ଭାରତ ରତ୍ନ ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ

ଡେରାବିଶ,୧୭।୧୦(ସମିସ): ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଡେରାବିଶ ପାଠାଗାର ପରିସରରେ ଭାରତର ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ପାଠାଗାରର ସଭାପତି ଡଃ ଭକ୍ତକବି ଦାସ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାକର ସାମଲ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟାପକ ନଗେନ ଦାସ ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ହଳଧର ଦାଶ ଯୋଗ ଦେଇଥିଲେ। ଡେରାବିଶ ମଣ୍ଡଳସ୍ତରୀୟ ଉଚ୍ଚବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୂର୍ବରୁ କିରଣକୁଞ୍ଜସ୍ଥ ପାଠଗାର ପ୍ରାଙ୍ଗଣରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇଥିଲା। ତର୍କ ବିଭାଗରେ ବିବି ମଡ଼େଲ ହାଇସ୍କୁଲର ଛାତ୍ରୀ ସ୍ୱର୍ଣ୍ଣସିଦ୍ଧା ରଥ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ରୋଜାଲିନ୍ ମହାପାତ୍ର ଓ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠ ଛାତ୍ରୀ ଲିପ୍‌ସାରାଣୀ ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ସେହିପରି ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ସେଣ୍ଟ ଜାଭିୟର ହାଇସ୍କୁଲର ସୋନାକ୍ଷୀ ସାହୁ, ବାଲୁଙ୍କେଶ୍ୱର ନୋଡାଲ୍ ବିଦ୍ୟାପୀଠର ହରିଶ ବେହେରା ଓ ବିବି ମଡ଼େଲ ହାଇସ୍କୁଲର ସ୍ୱର୍ଣ୍ଣସିଦ୍ଧା ରଥ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡେରାବିଶ ପାଠାଗାରର ବରିଷ୍ଠ କର୍ମକର୍ତ୍ତା ବ୍ୟାସକବି ଦାସ, ତାରାକାନ୍ତ ପ୍ରଧାନ, ଦୀପକ ଓଝା, ରବିନ୍ଦ୍ର ଖଟୁଆ, ମହେନ୍ଦ୍ର ଖଟୁଆ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ସଦସ୍ୟ ପ୍ରମୋଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

'ଦୁର୍ବଳତାକୁ ଶକ୍ତିରେ ପରିଣତ କଲେ ଛାତ୍ରଛାତ୍ରୀ ସଫଳତା ପାଇବେ'

ପଟ୍ଟାମୁଣ୍ଡାଇ,୧୭।୧୦(ସମିସ)

ଛାତ୍ରଛାତ୍ରୀ ନିଜ ଦୁର୍ବଳତାକୁ ପରଖି ଏହାକୁ ଶକ୍ତିରେ ପରିଣତ କଲେ ସାମ୍ପ୍ରତିକ ପ୍ରତିଯୋଗିତାମୂଳକ ଦୁନିଆଁରେ ସବୁ କ୍ଷେତ୍ରରେ ସଫଳତା ହାସଲ କରିପାରିବେ ବୋଲି ମତପ୍ରକାଶ କରିବା ସହିତ ଛାତ୍ରଛାତ୍ରୀ ଶୃଙ୍ଖଳା,

ଏଡିଏସର ବାର୍ଷିକ ଉତ୍ସବ

ଅଧ୍ୟବସାୟ ଓ ପ୍ରତିବଦ୍ଧତା ବଜାୟ ରଖିବା ଓ ପିତାମାତା, ଗୁରୁଜନଙ୍କୁ ଭକ୍ତି କରିବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ଏଡିଏସ ଇନଷ୍ଟିଚ୍ୟୁଟର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପରାମର୍ଶ ଦେଇଛନ୍ତି।

ଏଡିଏସ ଅଧ୍ୟକ୍ଷ ଇଂ କାମାକ୍ଷା ନାୟକଙ୍କ ପୌରୋହିତ୍ୟ ଓ ମୁନିଫା ପରବିନଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟବକ୍ତା ଓ ଶିକ୍ଷାବିତ ବିଶ୍ୱରଞ୍ଜନ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଉତ୍ତମ ଅଧ୍ୟୟନ କରି ସଫଳତା ହାସଲ କରିବା ସହିତ ଶିକ୍ଷାନୁଷ୍ଠାନ ଓ ଅଞ୍ଚଳର ଗୌରବ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଏଡିଏସ ଅଧ୍ୟକ୍ଷ ଇଂ କାମାକ୍ଷା ନାୟକ ଉଚ୍ଚପଦବୀର ମୋଟା ଦରମା ଛାଡି ନିଜ ଅଞ୍ଚଳର ଗରିବ ପିଲାଙ୍କୁ କମ ଖର୍ଚ୍ଚରେ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରିବା ପାଇଁ ପ୍ରୟାସ ଆରମ୍ଭ କରିଥିବାରୁ ଏ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶିକ୍ଷାବିତ ରବିନାରାୟଣ ନନ୍ଦ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ଏହି ଅନୁଷ୍ଠାନର ଏନଆଇଟି ପାଇଥିବା ରାଜକୁମାର ଦାଶ ଓ ଖଡ଼ଗପୁର ଆଇଆଇଟି ପାଇଥିବା ସୂର୍ଯ୍ୟକାନ୍ତ ମଣ୍ଡଳଙ୍କ ସମେତ ପୁରାତନ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। କାଳୀପଦ ଗିରି, ଶାଳିନୀ ସ୍ୱାଇଁ, ଅମିତ ସୂତାର, ସୁରଜ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରଦ୍ୟୁମ୍ନ ଲେଙ୍କା, ଅର୍ଚ୍ଚିତା ସୂତାର, ସୁମିତ୍ରା ମଲ୍ଲିକ, ରଶ୍ମିତା ଦଳାଇ ସହଯୋଗ କରିଥିଲେ।

'ସଂସ୍କୃତ ଭାଷାର ପ୍ରଚାର ପାଇଁ ଲୋକଭାଷା ପ୍ରଚାର ସମିତିର ଉଦ୍ୟମ ପ୍ରଶଂସନୀୟ'

ରାଜନଗର,୧୭।୧୦(ସମିସ): ରାଜନଗର ବ୍ଲକ ସଦର ମହକୁମାସ୍ଥ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଲୋକଭାଷା ପ୍ରଚାର ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ୧୦ ଦିନ ବ୍ୟାପୀ ସଂସ୍କୃତ ସମ୍ଭାଷଣ ଶିବିର ଉଦଯାପିତ ହେବା ସହ ମହାବିଦ୍ୟାଳୟର ମୁଖପତ୍ର ଅନ୍ୱେଷା ଲୋକାର୍ପିତ ହୋଇଛି। ଅଧ୍ୟକ୍ଷ ଡ.ଘନଶ୍ୟାମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରଶାନ୍ତ କୁମାର ମହାପାତ୍ର ଯୋଗଦେଇ ଶିବିରାର୍ଥୀଙ୍କୁ ଉଦବୋଧନ ଦେଇ ସଂସ୍କୃତ ଭାଷା ହିଁ ଆଧୁନିକ ଭାରତୀୟ ଭାଷା ସମୂହର ଜନନୀ ବୋଲି କହି ସଂସ୍କୃତ ଭାଷା ଜାଣିଲେ ହିଁ ବେଦ ଉପନିଷଦକୁ ବୁଝି ହେବା ସହ ନିଜ ଜୀବନକୁ ସହଜ ଓ ସରଳ କରିହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପୁରସ୍କୃତପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ଶରତ ମହାପାତ୍ର, ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ ହାତି ଓ ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ ମିଶ୍ର ଯୋଗଦେଇ ଲୋକଭାଷା ସମିତି ସଂସ୍କୃତ ଭାଷାରେ କଥାବାର୍ତ୍ତା କରିବା ପାଇଁ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ପାଇଁ ଯେଉଁ ଉଦ୍ୟମ କରୁଛନ୍ତି, ତଦ୍ୱାରା ସଂସ୍କୃତ ଭାଷା ସାଧାରଣରେ ଗ୍ରହଣୀୟ ହେଉଥିବା କହିଥିଲେ। ଏ ଅବସରରେ ପ୍ରଥମଥର ପାଇଁ ମହାବିଦ୍ୟାଳୟର ମୁଖପତ୍ର ଅନ୍ୱେଷାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶିବିରାର୍ଥୀ ସଂସ୍କୃତ ଭାଷାରେ ସଙ୍ଗୀତ ଓ ନାଟକ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ନିହାର ରଞ୍ଜନ ପରିଡ଼ା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶିକ୍ଷକ କାହ୍ନୁଚରଣ ପ୍ରଧାନ ସମ୍ଭାଷଣ ଶିବିରରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ତନୁଶ୍ରୀ ମିଶ୍ର ସଂଯୋଜନା କରିଥିଲେ। ଅଧ୍ୟାପକ ଆଦିତ୍ୟ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରଭାତ କୁମାର ମହାପାତ୍ରଙ୍କ ପ୍ରଥମ ରାଜନଗର ଗସ୍ତ ଅବସରରେ ବ୍ଲକରେ ଥିବା ତିନୋଟି ସଂସ୍କୃତ କଲେଜ ଏସଏନ ସଂସ୍କୃତ କଲେଜ, ଅଷ୍ଟଶମ୍ଭୁ ସଂସ୍କୃତ କଲେଜ, ଚନ୍ଦ୍ରଶିଖର ଓ ଏନକେଏନକେ ସଂସ୍କୃତ କଲେଜ, ଏଣ୍ଡୁଳାପୁରର ଅଧ୍ୟକ୍ଷ ଓ ଅଧ୍ୟାପକ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ଅସ୍ପୃଶ୍ୟ



ଶ୍ରୁତକୀର୍ତ୍ତି ତ୍ରିପାଠୀ

କୁମ୍ଭକାର ବସ୍ତିର ତାରପୋଲିନ୍ ଛାଉଣି ତଳେ ଠାକୁରଙ୍କ ମୂର୍ତ୍ତିକୁ ଶେଷସ୍ପର୍ଶ ଦେଉଥିଲା ମୂର୍ତ୍ତିକାର ରଘୁଆ । ମୂର୍ତ୍ତି ଗଢ଼ିବା ସମୟରେ ସେ ଭୋକଶୋଷ ଭୁଲିଯାଏ । ଗୋଟିଏ ଅଜବ ନିଶା ସବାର ଥାଏ ତା' ମୁଣ୍ଡ ଉପରେ । ମୂର୍ତ୍ତି ଗଢୁ ନ ଥାଏ ତ, ଗୋଟିଏ ନିଷ୍ପ୍ରାଣ ପଥରଖଣ୍ଡ ଭିତରେ ଜୀବନ ଭରି ଦେଉଥାଏ ସେ । ପ୍ରତିଥର ନିଜର ସର୍ବୋତ୍ତମ ଚେଷ୍ଟା ଦ୍ୱାରା ଗଢ଼ି ଦିଏ, ଚମତ୍କାର ମୂର୍ତ୍ତିସବୁ । ଶେଷରେ ମୂର୍ତ୍ତିକୁ ଆଖି ପୂରେଇ ଦେଖିଲା ବେଳେ ଝରିଆସେ ତା' ଆଖିରୁ ଧାର ଧାର ଲୁହ ।

ଥରେ ମାଆ ଦୁର୍ଗାଙ୍କର ମୂର୍ତ୍ତିଟିଏ ଗଢ଼ିବାରେ ରଘୁଆ ତଲ୍ଲୀନ ଥାଏ । ତା' ହାତର ଯାଦୁକରୀ ସ୍ପର୍ଶରେ ଗୋଟିଏ ପରେ ଗୋଟିଏ ରଙ୍ଗର ପରସ୍ତ ପାଇ ମାଆଙ୍କ ମୃଣ୍ମୟୀ ମୂର୍ତ୍ତି ଜୀବନ୍ତ ହୋଇ ଉଠୁଥାଏ । ମଝି ମଝିରେ ଗୋଟିଏ ଉଦାସ ଭାବ ତା'ର ଶାନ୍ତ ମୁଖମଣ୍ଡଳକୁ ମଳିନ କରି ଦେଉଥାଏ । ଯାହା ରଘୁଆର ସ୍ତ୍ରୀ ରାଇମା ଆଖିରୁ ବାଦ୍ ଯାଇ ନ ଥିଲା । ଜଣାକଥା ଯେ, ପ୍ରତିଥର ମୂର୍ତ୍ତିଟିଏ ଗଢ଼ିଲା ପରେ ସେହି ମୂର୍ତ୍ତିକୁ ଅନ୍ୟ ହାତକୁ ଟେକି ଦେବାକୁ ହେବ, ତଥାପି ରଘୁଆର କାହିଁକି ଏତେ ମୋହ ସେହି ନିର୍ଜୀବ ମୂର୍ତ୍ତି ପ୍ରତି !

ସାହସ କରି ରାଇମା ଗଲା ରଘୁଆ ପାଖକୁ । କେମିତି କଥାଟି ଆରମ୍ଭ କରିବ, ତା' ପାଟିରୁ ଯେ ଶବ୍ଦ ସ୍ଫୁରୁ ନାହିଁ । କ'ଣ କହିବ ବୋଲି ଭାବି ହେଉ ହେଉ, କହିପକେଇଲା, "ଖାଇବ ଆସ, ସେତିକି ଥାଉ ମୂର୍ତ୍ତିଗଢ଼ା ।" ରଘୁଆ ଯେମିତି ମନ ପଢ଼ି ପାରିଲା ରାଇମାର । ଆଜି କାହିଁକି ତା କଥାବାର୍ତ୍ତାରେ ଅସନ୍ତୋଷ ଓ ଅଭିମାନର ବାସ୍ନା ବାରି ହେଉଛି ? ନିଶ୍ଚୟ କିଛି ପ୍ରଶ୍ନ କିମ୍ବା ଦ୍ୱନ୍ଦ ରାଇମାକୁ ବିଚଳିତ କରିଛି ।

ରଘୁଆ, ରାଇମାକୁ କହିଲା- "ମୋ କାମ ନ ସରିଲା ଯାଏଁ ତ କେବେ ମୋତେ ତୁ ଡାକିବାକୁ ଆସୁନି, କାଳେ ମୋ' କାମରେ ବାଧା ଉପୁଜିବ ବୋଲି ପିଲାଙ୍କୁ ବି ଆକଟ କରି ମୂର୍ତ୍ତିଶାଳକୁ ଛାଡୁନା । କିଛି ଅସୁବିଧା ହୋଇଛି କି ?"

ରାଇମା ଯେମିତି ସୁଯୋଗ ଖୋଜୁଥିଲା । ସାଙ୍ଗେସଙ୍ଗେ ପଚାରିଲା, "ମୂର୍ତ୍ତିକୁ ଶେଷ ସ୍ପର୍ଶ ଦେଉଥିବା ବେଳେ ମୂର୍ତ୍ତିକାର ଆଖିରେ ଲୁହଧାର ପଛର କାରଣ କ'ଣ ହୋଇପାରେ । ଏତେ ଆସକ୍ତି, ଏତେ ମମତା, କଣ ପାଇଁ ?"

ପିଲାଦିନେ ଥରେ ଗୋଟିଏ ମୂର୍ତ୍ତି ତିଆରି କରିବାରେ ଜେଜେଙ୍କୁ ପୂରା ସାହାଯ୍ୟ କରିଥିଲା ରଘୁଆ । ଆରମ୍ଭରୁ ଶେଷଯାଏଁ ସବୁ ସ୍ତରରେ ତା'ର ହାତ ଲାଗିଥିଲା ବୋଲି ସେଇ ମୂର୍ତ୍ତି ପ୍ରତି ଖୁବ ଗୋଟିଏ ମମତା ଆସିଯାଇଥାଏ ତା'ର । ମୂର୍ତ୍ତିଗଢ଼ା ସରିଲା ପରେ ଗ୍ରାହକ ଆସି ତାକୁ ନେଇଗଲେ । ଟିକି ରଘୁଆ କିନ୍ତୁ ମୂର୍ତ୍ତିଟି ତା' ପାଖରୁ ଦୂରେଇ ଯିବା ଆଦୌ ସହ୍ୟ କରିପାରିଲା ନାହିଁ । ଲୋକମାନଙ୍କ ପଛରେ ମୂର୍ତ୍ତିଟି ସ୍ଥାପନ ହେବାକୁ ଥିବା ସ୍ଥାନକୁ ଦଉଡ଼ି ଗଲା । ସମସ୍ତଙ୍କ ସହିତ ସେ ବି ମନ୍ଦିର ଭିତରକୁ ପଶି, ମୂର୍ତ୍ତି କେମିତି ସ୍ଥାପନ ହେବ ଉତ୍ସାହର ସହିତ ଦେଖୁଥାଏ । ହଠାତ୍ ଗୋଟିଏ ଶକ୍ତ ଧକ୍କାରେ ବସିଥିବା ସ୍ଥାନରୁ ଛିଟିକି ମନ୍ଦିର ଦୁଆର ବାହାରେ ପଡ଼ିଲା ରଘୁଆ । କିଛି ଭାବିବା ଆଗରୁ ତା' ନିଜ ଜାତିଆ ଲୋକଙ୍କ ଭିତରୁ ଦଳେ ତାକୁ ଟାଣି ଟାଣି ନେଇଗଲେ ମନ୍ଦିର ବାହାରେ ଥିବା ବରଗଛ ତଳକୁ । ତୀବ୍ର ଗାଳି ଓ ଅପଶବ୍ଦର ଯେମିତି ବର୍ଷା ହେଉଥାଏ ତା ଉପରେ । ତାଙ୍କ ଜାତିରୁ ଜଣେ କହିଲା, "କାହିଁକି ଯାଇଥିଲୁ ମନ୍ଦିର ଭିତରକୁ, ଜାଣିନୁ ସେ ସ୍ଥାନଟି ଆମ ପାଇଁ ମନା ବୋଲି । ତୁ ଭିତରକୁ ଗଲୁ ବୋଲି ତାଙ୍କର ସବୁ ପୂଜା ମାରା ହୋଇଗଲା, ଏବେ ସେମାନଙ୍କୁ ପୁଣିଥରେ ସବୁ ସଫାସୁତୁରା କରି ମୂଳରୁ ପୂଜା ଆରମ୍ଭ କରିବାକୁ ହେବ ।"

ନିରୀହ ରଘୁଆକୁ କିଛି ବୁଝା ପଡୁ ନ ଥାଏ । ଏମିତି ବି ସ୍ଥାନ ଅଛି, ଯେଉଁଠି ମଣିଷ ବାରଣ ହୁଏ । ମଣିଷ କ'ଣ ପଶୁ ହୋଇଛି, ଯେ ତାକୁ ପୂଜା ହେଉଥିବା ଜାଗାକୁ ମନା, କାଳେ କିଛି ନଷ୍ଟ କରିଦେବ ବୋଲି । ପୂଜକ ଏବଂ ଉଚ୍ଚ ଜାତିର ଲୋକଙ୍କ ସେ ଘୃଣାମିଶ୍ରିତ ଚାହାଣି, ରଘୁଆକୁ ଏଭଳି ମନୁଷ୍ୟ ଜନ୍ମ ପାଇବା ପାଇଁ ଶତଧିକ୍ କରୁଥିଲେ । ପିଲାଦିନର ଏହି ଘଟଣାଟି ରଘୁଆକୁ ଗଭୀର ଆଘାତ ଦେଇଥିଲା ।

କଥାଟି ଶେଷ କଲା ବେଳକୁ ରଘୁଆ ଦେଖୁଥିଲା ରାଇମା ଆଖିରେ ବି ସେଇ ସମାନ ଚାହାଣି, ଯାହା କିଛି ବର୍ଷ ତଳେ ତା'ର ଥିଲା । ରାଇମାର ଅଶ୍ରୁଧାର ରଘୁଆର ପ୍ରତି କଥାକୁ ନିରବରେ ସମର୍ଥନ ଜଣେଇ ବହି ଯାଉଥାନ୍ତି । ତା' ମନରେ ସବୁବେଳେ ଏଇ ପ୍ରଶ୍ନ ଉଙ୍କିମାରେ ଏବଂ ପ୍ରତିଟି ମୂର୍ତ୍ତି ଗଢ଼ିବା ପରେ ସେ ଭାବବିହ୍ୱଳ ହୋଇ କାନ୍ଦିପକାଏ । ନିର୍ଜୀବ ପଥରକୁ ନିଜ ହାତର ଯାଦୁକରୀ ସ୍ପର୍ଶରେ ସୁନ୍ଦର ଆକାର ଦେଇ ବିଗ୍ରହରେ ପରିଣତ କରିବା ପରେ ବି, ଦିନେ ସେଇ ବିଗ୍ରହକୁ ଛୁଇଁବା ତ ଦୂରର କଥା ତାଙ୍କ ମନ୍ଦିର ଭିତରକୁ ପ୍ରବେଶ ମଧ୍ୟ ତା' ପାଇଁ ବାରଣ !

କାଲି ମୂର୍ତ୍ତିକୁ ଗ୍ରାହକଙ୍କୁ ଟେକିଦେବାକୁ ହେବ । ସେଥିପାଇଁ ଆଜି ମନଭରି ଦେଖି ନେଉଛି ସେ । ମନ୍ଦିରରେ ପ୍ରତିଷ୍ଠା ହେଲା ପରେ ମୂର୍ତ୍ତିକୁ ଦେଖିବାର ଭାଗ୍ୟ ତ ଆମ ଭଳି ଅସ୍ପୃଶ୍ୟଙ୍କ ଜୀବନରେ ନାହିଁ । ଶେଷଥର ପାଇଁ ମୂର୍ତ୍ତିକୁ ଅଭିଭୂତ ହୋଇ ଦେଖି ତା' ଆଖିରୁ ଦି ଠୋପା ଲୁହ ଗଡ଼ି ପଡ଼ିଲା । ମୂର୍ତ୍ତିର ମୁହଁକୁ ଭଲ ଭାବରେ ବନ୍ଦ କରି ସେ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଶୂନ୍ୟକୁ ହାତ ଟେକିଲା ।

ପରଦିନ ଯଥା ସମୟରେ ମୂର୍ତ୍ତି ନେବା ପାଇଁ ଗ୍ରାହକ ଆସିଯାଇଥିଲେ । ମୂର୍ତ୍ତିକାରକୁ ତା'ର ପ୍ରାପ୍ୟ ଦେଇ ସଯତ୍ନେ ମୂର୍ତ୍ତିକୁ ମନ୍ଦିର ପାଖକୁ ନିଆ ହେଲା । ଯିଏ ଦେଖିଲା ଅଭିଭୂତ ହେଲା । ମୂର୍ତ୍ତି ପ୍ରତିଷ୍ଠା ପୂର୍ବରୁ ଆବଶ୍ୟକ ହେଉଥିବା ବିଧି ଏବଂ ପୂଜା ଆଦି କର୍ମ ଆରମ୍ଭ ହେଲା । ଶେଷରେ ମୂର୍ତ୍ତିକୁ ଆସ୍ଥାନରେ ବସେଇବାର ସମୟ ଆସିଲା । ଘଣ୍ଟ, ଘଣ୍ଟା, ଖୋଳ,ଶଙ୍ଖ, ହୁଳହୁଳିରେ ଚତୁଃର୍ଦିଗ ପ୍ରକମ୍ପିତ ହେଉଥାଏ । କିଏ ମୂର୍ତ୍ତିକୁ ଆଗେ ଟେକି ନେଇ ଆସ୍ଥାନରେ ବସେଇବ, ତା' ପାଇଁ ଏକରକମ ପ୍ରତିଯୋଗିତା ଆରମ୍ଭ ହୋଇସାରିଥିଲା । ଦଳେ ଯୁବକ ଉତ୍ୟକ୍ତ ହୋଇ ଅସାବଧାନତା ବଶତଃ ମୂର୍ତ୍ତିକୁ ଟେକି ନେଲାବେଳକୁ ଗର୍ଭଗୃହର ଦ୍ୱାରରେ ବାଜି ମାଆ ଦଶଭୂଜାଙ୍କ ମୂର୍ତ୍ତିର ଗୋଟିଏ ହାତରୁ ଛୋଟ ଖଣ୍ଡେ ଭାଙ୍ଗିଗଲା ।

ହଠାତ୍ ସବୁଆଡ଼େ ଶ୍ମଶାନର ନିରବତା । ଏବେ କ'ଣ କରାଯିବ ! ଭଙ୍ଗା ମୂର୍ତ୍ତି ସ୍ଥାପନ ହେବା ଅସମ୍ଭବ । ସବୁ ପୂଜକ ଏବଂ ଆୟୋଜକ କିଂକର୍ତ୍ତବ୍ୟବିମୂଢ଼ । ଆଲୋଚନା ଚାଲିଲା, ଯେ ମୂର୍ତ୍ତି ଏଇ ମନ୍ଦିର ଭିତରେ ହିଁ ମରାମତି କରାଯିବ । ଯେହେତୁ ପ୍ରାୟ ସମସ୍ତ ପୂଜାବିଧି ଶେଷ ହୋଇଯାଇଛି, ମନ୍ଦିର ବାହାରକୁ ମୂର୍ତ୍ତି ନେବା ମା'ଙ୍କ ପ୍ରତି ଅବମାନନା ହେବ । ମୂର୍ତ୍ତିକାରକୁ ଶୀଘ୍ର ଡକାଯାଉ । ମରାମତି କରିବା ପରେ ହିଁ ପୁଣିଥରେ ମୂର୍ତ୍ତି ପ୍ରତିଷ୍ଠା ସମ୍ଭବ ହେବ ।

ରଘୁଆ କାନକୁ ବିଶ୍ୱାସ ହେଉ ନ ଥାଏ, ଯେ ତାକୁ ମନ୍ଦିର ଯିବାକୁ ଡାକରା ଆସିଛି । ତା'ରି ତିଆରି ମୂର୍ତ୍ତି ଭାଙ୍ଗିଯିବା ଶୁଣି ସେ ମର୍ମାହତ ହୋଇଗଲା । ସତେକି ମୂର୍ତ୍ତି ନ ଥିଲା, ଥିଲା ଜୀବନ୍ତ ମଣିଷର ଅଙ୍ଗଟିଏ । ତରତର ହୋଇ ମନ୍ଦିର ଭିତରେ ପ୍ରବେଶ କରି ମୂର୍ତ୍ତିକୁ ଆଉଁସି ପକେଇଲା ସେ, ଛୋଟ ପିଲାର ଗୋଡ଼ହାତ ଖଣ୍ଡିଆ ହେଲେ ଯେମିତି ଆଉଁସି ପକାନ୍ତି ବାପା ମାଆ । ଟିକି ନିହାଣ ଓ ହାତୁଡ଼ି ମୁନରେ ତାକୁ ସଜାଡ଼ି ଦେଇ ତୂଳୀରେ ରଙ୍ଗ ଭରି ପୂର୍ବଭଳି ଅକ୍ଷୁଣ୍ଣ ମୂର୍ତ୍ତିରେ ପରିଣତ କରିଦେଲା । ସମବେତ ଜନତା ଆନନ୍ଦରେ ହୁଳହୁଳି ଓ କରତାଳି ଦେଇ ରଘୁଆକୁ ଧନ୍ୟବାଦ ଦେଉଥିଲେ । ମାଆ ଦୁର୍ଗାଙ୍କ ମୂର୍ତ୍ତିରେ ଏକ ସ୍ୱର୍ଗୀୟ ହସର ଝଲକ ସେ ଲକ୍ଷ୍ୟ କରିପାରୁଥିଲା ।

କେବେ ଥରେ ମନ୍ଦିରରେ ପ୍ରବେଶ କରି ପିଲାଦିନେ ସେ ଅପମାନିତ ହୋଇଥିଲା, ଆଜି ମାଆଙ୍କ ମହିମାରୁ ମନ୍ଦିର ଭିତରକୁ ପ୍ରବେଶ ପାଇଁ ତାକୁ ନିମନ୍ତ୍ରଣ କରାଯାଇଛି । ଉଚ୍ଚଜାତିର ନୀତି, ପରମ୍ପରା ଆଜି ଦେବୀ ଦୁର୍ଗାଙ୍କ ଆଗରେ ମୁଣ୍ଡ ନୁଆଁଇ ଥିଲା । ରଘୁଆର ଅଭିମାନ ଥିଲା ଯେ, ଏ କଳି ଯୁଗରେ କ'ଣ ଠାକୁର ଆସି ଭକ୍ତକୁ ଦେଖାଦେବେ? ହେଲେ ଆଜି ମାଆ ଏମିତି ଚମତ୍କାର ଭିଆଇଲେ, ଯେ ବର୍ଷ ବର୍ଷ ଧରି ତା' ଭିତରେ ଥିବା ସବୁ ରାଗ, ଅଭିମାନର ଜ୍ୱାଳା କିଛି କ୍ଷଣ ଭିତରେ ଶୀତଳ ପଡ଼ିଯାଇଥିଲା । ମାଆ ଦୁର୍ଗାଙ୍କ ଆଖିରେ ଆଖି ମିଶିଲା ପରେ ରଘୁଆ ମାଆଙ୍କୁ ଜଣାଉଥିଲା ତା'ର ଅଶ୍ରୁଳ ପ୍ରଣତି । ■

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

ପୁସ୍ତକ ପରିଚୟ

ସାରା ଆକାଶ

ଫନୀ ମହାନ୍ତି

ବର୍ଷା ପବ୍ଲିକେଶନ୍
ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ : ୨୫୦

ପ୍ରେମ ଚିରନ୍ତନ । ପ୍ରେମ ଶାଶ୍ୱତ । ତେବେ ଦେହ ସର୍ବସ୍ୱ ସଂକୀର୍ଣ୍ଣତାର ବହୁ ଊର୍ଦ୍ଧ୍ୱରେ କବି ଫନୀ ମହାନ୍ତିଙ୍କ 'ସାରା ଆକାଶ' ପୁସ୍ତକର କବିତାଗୁଡ଼ିକ । ଏହି ପୁସ୍ତକରେ ସଂକଳିତ 'ଆସ ଚିତ୍ରେଶ୍ୱରୀ, ଆସ', 'ଅଣଆୟତ୍ତ', 'ପ୍ରିୟ ସଖୀ', 'ସାରା ଆକାଶ', 'ମହା ବିଶ୍ୱେଶ୍ୱରୀ', 'ଚିରକାଳ ବନ୍ଧା ପଡ଼ିଥିବି ପ୍ରିୟ', 'ଚନ୍ଦ୍ରାଲୋକରେ ଚନ୍ଦ୍ରାବଳୀ', 'ପ୍ରେମରେ ପଡ଼ିଯାଇଛି ଯେଉଁ ନାରୀର', 'ପ୍ରିୟ ବାନ୍ଧବୀ' ଆଦି କବିତାଗୁଡ଼ିକର ଭାବ ହୃଦୟସ୍ପର୍ଶୀ ହୋଇଛି । କବି ମହାନ୍ତିଙ୍କ କବିତାରେ ପ୍ରେମ କେବଳ ଶାରୀରିକ ଆକର୍ଷଣ ନୁହେଁ, ବରଂ ଆତ୍ମାର ନିବିଡ଼ ଅନୁଭବ ଓ ଆକୁଳତା । ସବୁ ସଂକୀର୍ଣ୍ଣ ଭାବନାରୁ ଏକ ମହତ୍ତର ସତ୍ତା ଆଡ଼କୁ ଉତ୍ତୋଳିତ କରି ନେବାରେ ବେଶ୍ ସମର୍ଥ ଏହି ପୁସ୍ତକର କବିତାଗୁଡ଼ିକ । ପ୍ରେମର ମହାନୁଭବ, ଜୀବନର ସୂକ୍ଷ୍ମ ଅବବୋଧ, ବ୍ୟକ୍ତିତ୍ୱର ମାର୍ମିକ ଉଚ୍ଚାରଣ ଏହି ପୁସ୍ତକର କବିତାଗୁଡ଼ିକରେ ପ୍ରତିଫଳିତ । 'ସାରା ଆକାଶ'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ଆଶା କରାଯାଏ । ■

ପ୍ରଶ୍ନକାଳ

ନୃସିଂହ ତରାଇ



ତୀରତରଙ୍ଗ ପବ୍ଲିକେଶନ
ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୬
ମୂଲ୍ୟ : ୧୪୯ ଟଙ୍କା

ଜୀବନର ଅନେକ ବାସ୍ତବ ସତ୍ୟକୁ ନେଇ ପ୍ରଶ୍ନ କରିଛନ୍ତି କବି ନୃସିଂହ ତରାଇ 'ପ୍ରଶ୍ନକାଳ' ପୁସ୍ତକର ଅନେକ କବିତାରେ । ଏହି ପୁସ୍ତକର 'ଜୀବନ ଯେମିତି', 'ଅଭିଳାଷ', 'ପ୍ରେମ-ପ୍ରାର୍ଥନା', 'ବଦଳି ଯାଉ ମୃତ୍ୟୁର ନିର୍ଘଣ୍ଟ', 'ଚିତ୍ରକର', 'କବିତାର ହକ୍', 'ଚିରକାଳ ଦୁଃଖ', 'ହଜି ଯାଉଥିବା ପ୍ରେମ ସମ୍ପର୍କରେ', 'ନିବିଡ଼ ଲୁହ', 'ଆଲୋକର ପଥେ ପଥେ', 'ନଷ୍ଟ ଚିତ୍ର', 'ପରିକ୍ରମା', 'ପ୍ରତିଥର ହାରି ଯାଉଥିବା ମଣିଷ', 'କ୍ଷୁଧା', 'ଚଲାପଥେ', 'ଯବନିକା', 'ପ୍ରିୟତମ ବୋଲି', 'ପ୍ରଶ୍ନକାଳ', 'ମୁକ୍ତି' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ସାମାଜିକ ବ୍ୟବସ୍ଥା, ସରକାର, ପ୍ରଶାସନ, ସାଂସ୍କୃତିକ ଓ ଅର୍ଥନୈତିକ ଅସଙ୍ଗତିକୁ ନେଇ କବିଙ୍କ ମନ ଭିତରେ ନାନା ପ୍ରଶ୍ନ ଆନ୍ଦୋଳିତ ହେଉଛି । ଅନେକ ପ୍ରଶ୍ନର ଉତ୍ତର ମିଳି ଯାଏ, ତେବେ କେତେକ ପ୍ରଶ୍ନ ଅସମାହିତ ହୋଇରହିଯାଏ । ମାଟି, ମଣିଷ, ମାନବିକତା, ଭୋକ, ସାମାଜିକ ଅସମାନତା, ଜାତି, ଧର୍ମକୁ ନେଇ ଅନେକ କଥା, ବ୍ୟଥା ଓ ପ୍ରଶ୍ନ ପ୍ରତିଫଳିତ ହୋଇଛି ଏହି ପୁସ୍ତକର କବିତାଗୁଡ଼ିକରେ । 'ପ୍ରଶ୍ନକାଳ'ର କବିତାଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

ଦୁର୍ଗା ପୂଜାର ଦିନ

ଡ. ମନୋରମା ବିଶ୍ୱାଳ ମହାପାତ୍ର

ଭାରି ମନେପଡ଼େ ସ୍ୱପ୍ନ ସଜଳ
ଗଙ୍ଗଶିଉଳି ଦିନ
ଭାରି ମନେପଡ଼େ ଭିଜା କାକରରେ
ଦୁର୍ଗା ପୂଜାର ଗାନ
ଭୁଲି ଯାଇଥିଲି କେମିତି କେଜାଣି
ନୀଳ କଇଁ ଗାଁ ଘର
ଯେଉଁ ଘରୁ ଶୁଭେ ଦେବୀଙ୍କର ଆବାହନ
କୋମଳ ମଧୁର ଆବେଗରେ ଆଜି
ଭରିଯାଏ ମୋର ମନ
ବାଉଁଶ ବଣରୁ ଭାସି ଆସୁଥିବା
ବଇଁଶୀର ମୃଦୁ ସ୍ୱନ
ଭାରି ମନେପଡ଼େ ଭିଜା କାକରରେ
ଦୁର୍ଗା ପୂଜାର ଦିନ । ■

୧୨୫, ପ୍ରୀତମପୁରୀ, ଆଚାର୍ଯ୍ୟବିହାର
ଭୁବନେଶ୍ୱର-୭୫୧୦୧୩,
ମୋ: ୯୪୩୭୦୧୧୦୦୩

ଦେବୀ

ପ୍ରୀତିଧାରା ସାମଲ

ପବନ ପରି ପହଁରି ଯାଉଥିବା
ପଣତ ଭିତରୁ ମନ୍ତ୍ରଟିଏ ଫିଟିପଡ଼େ ।
ସେ ସଜାଡ଼ି ନିଏ ଅସଜଡ଼ା କେଶ,
ସଯତ୍ନରେ ପିନ୍ଧେ ଶାଢ଼ୀ,
ଗାଢ଼ ଲାଲ୍ ରଙ୍ଗର ସିନ୍ଦୂରରେ
ଟିପାଟିଏ ଆଙ୍କେ ମଥାରେ
ଏବଂ ଯାବତୀୟ ଟାହିଟାପରାକୁ
ପାଦରେ ଅଳତା କରି ନାଏ ।
କିଟିକିଟି ଅନ୍ଧାର ଭିତରେ
ଡଙ୍ଗରର ନିଆଁ ପରି ଦାଉଦାଉ ଜଳେ ।
ରୋଷେଇ ଘର ଧୂଆଁରୁ ବାହାରି
ସେ ଦଉଡୁଥାଏ ରାସ୍ତାରେ,
ଗୋଟିଏ ହାତରେ ସ୍ୱପ୍ନ,
ଆର ହାତରେ ସଂସାର
ଦୁଇ ଭୁଜାରୁ ଦଶଭୁଜା ହୁଏ ।



କେତେବେଳେ ଲୋକାଲ୍ ଟ୍ରେନରେ
କେତେବେଳେ ଅଫିସ୍‌ର ଫାଇଲ୍ ଭିତରେ
କେତେବେଳେ ରବିବାର ପରିବା ହାଟରେ
କେତେବେଳେ ଜନ୍ତରମନ୍ତରରେ
ଦେଖାହୁଏ ତା'ସହ ।
ସେ ଯେତେବେଳେ ମୋ' ପାଖରେ ଥାଏ
ନିଜ ଭିତରେ ଥିବା ଭୟ ଆଉ ଅପମାନର ଅସୁରକୁ
ମାରିବା ପାଇଁ ଅସ୍ତ୍ର ମିଳିଯାଏ ମତେ
ମୁଁ ଦେବୀ ପାଲଟିଯାଏ ଓ
ସେ ପାଲଟିଯାଏ ପ୍ରାର୍ଥନା ।। ■

ଓଡ଼ିଆ ସାହିତ୍ୟକୁ ନାରୀ ସଂଗ୍ରାମୀଙ୍କ ଅବଦାନ

ଡ. ବାସନ୍ତୀ ମହାନ୍ତି

ଆମ ଦେଶରେ ସ୍ୱାଧୀନତା ସଂଗ୍ରାମ ସମୟରେ ନାରୀମାନଙ୍କର ଯେଉଁପରି ଅଭ୍ୟୁତ୍‌ଥାନ ହୋଇଥିଲା, ତାହା ଆଉ କେଉଁ କାଳରେ ହୋଇନଥିଲା । ମହାତ୍ମା ଗାନ୍ଧିଙ୍କ ପ୍ରେରଣାରେ ସେମାନେ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କଲେ, କିନ୍ତୁ ଅନ୍ତଃପ୍ରେରଣାରେ ସେମାନଙ୍କ ସୃଜନଶକ୍ତିର ବିକାଶ ଘଟିଥିଲା । ଓଡ଼ିଶାରେ ପ୍ରାୟ ୧୪୫ ଜଣ ନାରୀ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଥିଲେ । କେବଳ ସେତିକି ନୁହେଁ, ସେମାନଙ୍କ ସାରସ୍ୱତ ପ୍ରତିଭା ଅନେକଙ୍କୁ ପ୍ରଭାବିତ କରିଥିଲା । ଏହି ମହୀୟସୀମାନଙ୍କ ମଧ୍ୟରେ ଥିଲେ ମା' ରମାଦେବୀ, ସରଳା ଦେବୀ, ଅନ୍ନପୂର୍ଣ୍ଣା ମହାରଣା, ନନ୍ଦିନୀ ଶତପଥୀ, କୁନ୍ତଳା କୁମାରୀ ସାବତ, ତାରମଣି ଦେବୀ, କୋକିଳା ଦେବୀ, ସୀତା ଦେବୀ ଖାଡ଼ଙ୍ଗା, ଅନ୍ନପୂର୍ଣ୍ଣ ପଟ୍ଟନାୟକ ପ୍ରମୁଖ ପ୍ରଧାନ । ଏମାନେ ସମସ୍ତେ ସ୍ୱଭାବତଃ ସାରସ୍ୱତ ସାଧିକା । ସ୍ୱାଧୀନତା ସଂଗ୍ରାମ ପରେ ମଧ୍ୟ ବହୁଦିନ ପର୍ଯ୍ୟନ୍ତ ଏମାନେ ଲେଖନୀ ଚାଳନା କରୁଥିଲେ । ଆଉ କେତେଜଣ ସ୍ୱାଧୀନତା ସଂଗ୍ରାମ ପରେ ପରେ ଆଉ ଲେଖାଲେଖି କଲେ ନାହିଁ । ଉତ୍ତରା ଦେଶାଇ, ନୀରଦ ପ୍ରଭା ପଟ୍ଟନାୟକ, ଗୋଦାବରୀ, ନିରୁପମା ରଥ, କିଶୋରୀ ମଣି ଦେବୀ, କୋକିଳା ଦେବୀ, ଜାହ୍ନବୀ ଦେବୀ, ବୈଦେହୀ ଦେବୀ, ସରୋଜିନୀ ଚୌଧୁରୀ, ମଞ୍ଜରୀ ଦେବୀ ପ୍ରମୁଖ ଖୁବ୍ କମ୍ ଲେଖିଛନ୍ତି ।

ମହିଳାମାନଙ୍କ ବ୍ରିଟିଶ ବିରୋଧୀ ସଂଗ୍ରାମ ସହ ଯେଉଁ ସାରସ୍ୱତ ଧାରାଟି ପ୍ରବାହିତ ହେଉଥିଲା ସେଥିରେ ସର୍ବାଗ୍ରେ ଥିଲେ କୁନ୍ତଳା କୁମାରୀ ସାବତ । ତାଙ୍କର 'ଆହ୍ୱାନ' ପୁସ୍ତକରେ ପୁରୁଷମାନଙ୍କୁ ଆହ୍ୱାନ ଦେଇ ସେ ଲେଖିନ୍ତି :-

ସେନାପତି ଆଜି ଦେଉଛନ୍ତି ଡାକ,
ଉଠ ଭାରତର ବୀରପୁତ୍ର ଯାକ ।
X X X X
ହେ ପୁରୁଷ ଯଦି ନ ଉଠ ଏଥର,
ଆମେ ରଣବେଶେ ହେବୁ ଆଗୁସାର ।

'ଆହ୍ୱାନ' ପୁସ୍ତକକୁ ଇଂରେଜ ସରକାର ନିଷିଦ୍ଧ କରିଥିଲେ । କୁନ୍ତଳା ଏହାକୁ ଭ୍ରୂକ୍ଷେପ ନ କରି ତାଙ୍କ ସଂଗ୍ରାମ ଜାରି ରଖିଥିଲେ । କୁନ୍ତଳାଙ୍କ ରଚିତ 'ଅଞ୍ଜଳି', 'ଉଚ୍ଛ୍ୱାସ', 'ଅର୍ଚ୍ଚନା', 'ସ୍ଫୁଲିଙ୍ଗ', 'ଆହ୍ୱାନ', 'ଓଡ଼ିଆଙ୍କ କାନ୍ଦଣା' ଆଦି କାବ୍ୟ କବିତା ପୁସ୍ତକ ପ୍ରକାଶ ପାଇଥିଲା । ଏହା ବ୍ୟତୀତ 'ଭ୍ରାନ୍ତି', 'ନଅତୁଣ୍ଡୀ', 'ପରଶମଣି', 'କାଳୀ ବୋହୂ', 'ରଘୁ ଅରକ୍ଷିତ' ଆଦି ପାଞ୍ଚଖଣ୍ଡ ସଂପୂର୍ଣ୍ଣ ଉପନ୍ୟାସ ସେ ରଚନା କରିଛନ୍ତି ।

ଓଡ଼ିଶାରସ୍ୱାଧୀନତା ସଂଗ୍ରାମରେ ମହିଳାମାନଙ୍କୁ ସାମିଲ୍ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମା' ରମାଦେବୀଙ୍କର ଆତ୍ମଜୀବନୀ 'ଜୀବନପଥେ' ଓଡ଼ିଶାର ସାରସ୍ୱତ ଭଣ୍ଡାରକୁ ଅମୂଲ୍ୟ ଦାନ ।

ନାରୀ ସଂଗ୍ରାମୀ ବହ୍ନିକନ୍ୟା ସରଳା ଦେବୀ ମଧ୍ୟ ଓଡ଼ିଆ ସାହିତ୍ୟ ପାଇଁ ମଧ୍ୟ ଜଣେ ଅନନ୍ୟା ସାଧିକା ଥିଲେ । ଏକାଧାରରେ ସେ ଥିଲେ ସ୍ୱାଧୀନତା ସଂଗ୍ରାମୀ ଓ ସାରସ୍ୱତ ସାଧିକା । 'ସବିତା' ଓ 'ଉତ୍କଳିକା' ନାମରେ ଦୁଇଟି ପତ୍ରିକା ସେ ସଂପାଦନା କରୁଥିଲେ । 'ଉତ୍କଳ ସାହିତ୍ୟ ସମାଜ'ର ସେ ସଂପାଦିକା ଓ ଉପସଭାପତି କାର୍ଯ୍ୟ ନିର୍ବାହ କରିଥିଲେ । ତାଙ୍କର ଅନ୍ୟୂନ ୩୬ ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇଛି । 'ରାମାୟଣ', 'ବିଶ୍ୱବିପ୍ଳବିଣୀ', 'ବୀର ରମଣୀ', 'ପଞ୍ଚପ୍ରଦୀପ', 'ରବୀନ୍ଦ୍ର ପୂଜା', 'କୁନ୍ତଳା କୁମାରୀ'ଙ୍କ କବିପ୍ରତିଭା ବ୍ୟତୀତ ନାରୀ ସଂପର୍କିତ ଅଜସ୍ର ପ୍ରବନ୍ଧ ଲେଖିଛନ୍ତି । ଏହାଛଡ଼ା ଛଅଖଣ୍ଡ ନାଟକ ଲେଖିଛନ୍ତି ।

ସ୍ୱାଧୀନତା ସଂଗ୍ରାମୀ ଅନ୍ନପୂର୍ଣ୍ଣା ମହାରଣାଙ୍କ ଆତ୍ମଜୀବନୀ 'ଅମୃତ ଅନୁଭବ' ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ହୋଇଛି । ଏହାଛଡ଼ା 'ଗୀତା ପ୍ରବଚନ', 'ଶିକ୍ଷାତତ୍ତ୍ୱ', 'ବୁତଆଦୀ ଶିକ୍ଷା', 'ସଂକ୍ଷିପ୍ତ ଆତ୍ମକଥା', 'ତରୁଣୀ କନ୍ୟାଙ୍କ ପ୍ରତି' ଆଦି ହେଉଛି ତାଙ୍କ ପ୍ରକାଶିତ ଅନୁବାଦ ପୁସ୍ତକ ।

ନବକୃଷ୍ଣ ଚୌଧୁରୀଙ୍କ କନ୍ୟା ଉତ୍ତରା ଦେଶାଇ କାଳିନ୍ଦୀ ପାଣିଗ୍ରାହୀଙ୍କର 'ମାଟିର ମଣିଷ'କୁ ଗୁଜରାଟୀ ଭାଷାରେ ଅନୁବାଦ କରିବା ସହ ଗୁଜୁରାଟୀ ଭାଷାରେ ପନ୍ନାଲାଲ୍ ପଟେଲ୍‌ଙ୍କ 'ମାନୁବିନୀ ଭବାଇ' ପୁସ୍ତକକୁ 'ଜୀବନ ଏକ ନାଟକ' ଶୀର୍ଷକରେ ଅନୁବାଦ କରିଛନ୍ତି ।

ଛାତ୍ରୀ ଜୀବନରୁ ବ୍ରିଟିଶ୍ ବିରୋଧୀ ଆନ୍ଦୋଳନ ପାଇଁ ଚର୍ଚ୍ଚିତ ନନ୍ଦିନୀ ଶତପଥୀଙ୍କ ସାରସ୍ୱତ କୃତିରେ ଓଡ଼ିଆ ସାହିତ୍ୟ ସମୃଦ୍ଧ ହୋଇଛି । ତାଙ୍କ ରଚିତ 'ଅନାଥ', 'କେତୋଟି କଥା' ଓ 'ସପ୍ତଦଶୀ' ଗଳ୍ପ ସଂକଳନ ଓ 'ଟିକିସୁନା ହଜିଗଲା' ଉପନ୍ୟାସ ଓଡ଼ିଆ କଥା ସାହିତ୍ୟକୁ ସମୃଦ୍ଧ କରିଛି । ସେହିପରି ସେ କ୍ରିଷ୍ଣା କୃପାଳିନୀଙ୍କ ଅନୁବାଦ 'ଗାନ୍ଧିକଥାମୃତ', ଅମୃତା ପ୍ରୀତମ୍‌ଙ୍କ ଆତ୍ମଜୀବନୀ 'ରସିଦ୍ ଟିକେଟ', ମହାଶ୍ୱେତା ଦେବୀଙ୍କ 'କେତୋଟି କଥା' ଓ ତସ୍‌ଲିମା ନସରିନ୍‌ଙ୍କ 'ଲଜ୍ଜା' ପୁସ୍ତକକୁ ଅନୁବାଦ କରିଛନ୍ତି । ତାଙ୍କ ରଚିତ 'ଉତ୍ତର ପୁରୁଷ' କବିତା ପୁସ୍ତକ ଏବଂ 'ଟିକିସୁନା ହଜିଗଲା' ଉପନ୍ୟାସ ମଧ୍ୟ ରହିଛି । ଶ୍ରୀମତୀ ଶତପଥୀଙ୍କ ସଂପାଦନାରେ 'ଧରିତ୍ରୀ' ପ୍ରକାଶ ପାଉଥିଲା ।

ସଂଗ୍ରାମୀ ଅନନ୍ତ ପଟ୍ଟନାୟକଙ୍କ ପତ୍ନୀ ନିରଦ ପ୍ରଭା ପଟ୍ଟନାୟକ ଜଣେ ସଫଳ ଗାଳ୍ପିକା । 'ଆଲୋଡ଼ନ', 'ମନ ନିର୍ଝର', 'ସାଆନ୍ତାଣୀ' ଓ 'ଭିତର ଅଗଣା' ଗଳ୍ପଗ୍ରନ୍ଥ ଏବଂ ସ୍ୱାଧୀନତା ସଂଗ୍ରାମୀ ବାବା ପୃଥି ସିଂ ଆଜାଦ୍‌ଙ୍କ ଆତ୍ମଜୀବନୀ 'ବିପ୍ଳବର ବନ୍ଧୁର ପଥରେ' ତାଙ୍କର ଏକ ଅନୁବାଦ ଗ୍ରନ୍ଥ ।

ନିରୁପମା ରଥ ମଧ୍ୟ ଜଣେ ସଫଳ ସାହିତ୍ୟିକା । 'ନାରୀ ଓ ସୋଭିଏତ୍ ସମାଜ' ଏବଂ 'ସୋଭିଏତ୍ ନେହେରୁ' ପୁରସ୍କାର ପାଇଥିବା ଅଲିଭା ଅନୁଭୂତି ଅନ୍ୟତମ । ଗୋଦାବରୀ ଦେବୀଙ୍କ ଆତ୍ମଜୀବନୀ 'ପୁଣ୍ୟ ସ୍ମୃତିରୁ ଖିଏ' ସ୍ୱାଧୀନତା ସଂଗ୍ରାମ ଇତିହାସର ଏକ ବହୁ ଚର୍ଚ୍ଚିତ ପ୍ରସଙ୍ଗ । ଲବଙ୍ଗଲତା ଦେବୀ ହିନ୍ଦୀରୁ ଅନେକ ପୁସ୍ତକ ଓଡ଼ିଆରେ ଅନୁବାଦ କରିବା ସଙ୍ଗେ ସଙ୍ଗେ 'ଦି ସେର ଧାନ', 'ହସ ହସ ମୋର ପ୍ରିୟ ନାରୀ', 'ପ୍ରତିଭା', 'ବିଦୁଷୀ ନାରୀ', 'ସ୍ୱପ୍ନର ସୁରଭି', 'ବଡ଼ ଲୋକଙ୍କ ମାଆ', 'ମନର ମଣିଷ' ଆଦି ପୁସ୍ତକ ରଚନା କରିଥିଲେ ।

ସଂଗ୍ରାମୀ ତାରାମଣି ଦେବୀ 'ସିଦ୍ଧାନ୍ତ' ଓ 'ନାରୀ ବିଜ୍ଞାନ' ସହିତ କୋକିଳା ଦେବୀଙ୍କ 'ବିଳାସିନୀ' ଗଳ୍ପ, ଜାହ୍ନବୀ ଦେବୀଙ୍କ 'ନାରଦ ପୁରାଣ' ଦୁଇଟି ଓଡ଼ିଆ ସାହିତ୍ୟରେ ଦୁଇଟି ବ୍ୟଙ୍ଗ ବିଭବ । ବୈଦେହୀ ଦେବୀ ନିଜ ଚେଷ୍ଟାରେ ହିନ୍ଦୀ, ଇଂରାଜୀ, ବଙ୍ଗଳା ଭାଷା ଶିକ୍ଷା କରିଥିଲେ । ସେ ବିଭିନ୍ନ ସମ୍ବାଦପତ୍ରରେ ନିୟମିତ ସ୍ତମ୍ଭ ଲେଖୁଥିଲେ । ବିନୋବାଜୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ନେଇ ସେ 'ସନ୍ଥସାରଣୀ' ଶୀର୍ଷକରେ ନିୟମିତ ସ୍ତମ୍ଭ ଲେଖୁଥିଲେ । ଫକୀର ମୋହନଙ୍କ କନ୍ୟା ସରୋଜିନୀ ଚୌଧୁରୀ 'ଗୃହିଣୀ ସର୍ବସ୍ୱ', 'ଦେବୀ ମାଆର ଗୀତା', 'ସ୍ତ୍ରୀ ଶିକ୍ଷାର ସମସ୍ୟା' ଓ 'ଆମମାନଙ୍କ କର୍ତ୍ତବ୍ୟ' ଆଦି ପ୍ରବନ୍ଧ ରଚନା କରିଥିଲେ ।

ସ୍ୱାଧୀନତା ସଂଗ୍ରାମୀ ପ୍ରାଣକୃଷ୍ଣ ପଟ୍ଟନାୟକଙ୍କର ପତ୍ନୀ ମଞ୍ଜରୀ ଦେବୀଙ୍କ 'ମଞ୍ଜରୀ ସଂକଳନ' କବିତା ପୁସ୍ତକ ଓ 'ରବୀନ୍ଦ୍ର ସାହିତ୍ୟର ଓଡ଼ିଆ ଅନୁବାଦ' ଶୀର୍ଷକ ଅନୁବାଦ ପୁସ୍ତକ ପ୍ରକାଶିତ ହୋଇଛି । ସେହିପରି ଅନ୍ନପୂର୍ଣ୍ଣା ପଟ୍ଟନାୟକଙ୍କୁ ଆଧୁନିକ ଓଡ଼ିଆ କବିତା ରଚନାରେ ଅଗ୍ରଭୂମିକା ଦିଆଯାଏ । 'ବିଚ୍ଛେଦ ମିଳନ' ଓ 'ବିବିଧ କବିତା' ଦୁଇଟି ପୁସ୍ତକର ସେ ସ୍ରଷ୍ଟା । ନାଟ୍ୟକାର ସୀତାଦେବୀ ଖାଡ଼ଙ୍ଗାଙ୍କ 'ନାରୀ', 'ସହୋଦର', 'ନିଷ୍ପତ୍ତି', 'ପ୍ରାଚୀନ ପନ୍ଥୀ', 'କ୍ଷୁଧାର ପୀଡ଼ା', 'ମାତୃହୀନ' ଆଦି ନାଟକ ଏବଂ 'ପୋଷ୍ୟପୁତ୍ର ଅଗ୍ରଜ' ଓ 'ପ୍ରତ୍ୟାବର୍ତ୍ତନ' ଉପନ୍ୟାସ ଲେଖିଛନ୍ତି । ଏହାଛଡ଼ା ତାଙ୍କର ଆହୁରି ଅନେକ କ୍ଷୁଦ୍ର କବିତା ମାନ ରହିଛି ।

ଆମ ସ୍ୱାଧୀନତା ସଂଗ୍ରାମୀ ମହିଳାମାନଙ୍କ ସାରସ୍ୱତ କୃତିରେ ଓଡ଼ିଆ ସାରସ୍ୱତ ଭଣ୍ଡାର ଧନ୍ୟ ହୋଇଛି । ଏ ସଂପର୍କରେ ଆହୁରି ଗବେଷଣାର ଆବଶ୍ୟକତା ରହିଛି । ■

୨୧୩ ସି-ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ,
ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬
ମୋ: ୯୪୩୭୦୩୩୦୭୪

କେନାଲରୁ ନାବାଳିକା ମୃତଦେହ ଉଦ୍ଧାର

ହତ୍ୟା ଅଭିଯୋଗରେ ପରିବାର ପକ୍ଷରୁ ଧାରଣା

କଟକ/ଫୁଲନଖରା, ୧୭।୧୦ (ସମିସ): ସଦର ଥାନା ଅନ୍ତର୍ଗତ ଉରାଳି ପଞ୍ଚାୟତ ଅଞ୍ଚଳରେ ଜଣେ ୧୫ ବର୍ଷୀୟା ନାବାଳିକାଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର ଘଟଣା ଶନିବାର ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ନାବାଳିକା ଜଣକ ଶୁକ୍ରବାର ରାତିରୁ ନିଖୋଜ ଥିବାବେଳେ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଆଜି ତାଙ୍କ ମୃତଦେହ କାକଟପୁର ଶାଖା କେନାଲ ଗୋବିନ୍ଦପୁର ଅଞ୍ଚଳରୁ ଭାସମାନ ଅବସ୍ଥାରେ ଉଦ୍ଧାର ହେବା ପରେ ପରିବାର ଲୋକେ ଚିହ୍ନଟ କରିଥିଲେ। ଗୋବିନ୍ଦପୁର ଥାନା ପୁଲିସ୍ ଝିଅର ଶବକୁ ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିଲା। ତେବେ, ଝିଅକୁ ମାରି କେନାଲରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ କରି ପରିବାର ଲୋକେ ସଦର ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଗ୍ରାମବାସୀଙ୍କ ଦାବିରେ ସଦର ପୁଲିସ୍ ଅଭିଯୁକ୍ତ ଶଙ୍ଖତ୍ରାସ ସୁମାଣ୍ଡିର ସୁମନ୍ତ ଭୋଇକୁ ଗିରଫ କରିଥିବା ଜଣାପଡ଼ିଛି। ଜୋନ୍-୪ ଏସିପି ଅମିତାଭ ମହାପାତ୍ର, ଆଇଆଇସି ତୁଷାରକାନ୍ତ ସେଠୀ ଓ ଉରାଳି ସରପଞ୍ଚ ଇଂ ଅଭିଷେକ ବେହେରା ବୁଝାସୁଝା କରିବା ପରେ ପରିବାର ଲୋକେ ଥାନା ସମ୍ମୁଖରୁ ଉଠିଥିଲେ। ଅନ୍ୟପକ୍ଷରେ, ନାବାଳିକାଙ୍କ ମୃତ୍ୟୁ ତଦନ୍ତାଧୀନ ଥିବାରୁ ଅଧିକ ସୂଚନା ସ୍ପଷ୍ଟ ହୋଇପାରି ନାହିଁ।

ଅବଶିଷ୍ଟାଂଶ...

ଇଣ୍ଟରନେଟ୍ ବ୍ୟବହାର...

କହିଛନ୍ତି ଯେ ପିଲାମାନଙ୍କର ମଧ୍ୟ ଇଣ୍ଟରନେଟ୍ ବ୍ୟବହାର କରିବାର ମୌଳିକ ଅଧିକାର ରହିଛି। ତେବେ ଅନ୍‌ଲାଇନ୍ ଯୌନ ଶୋଷଣରୁ ସେମାନଙ୍କୁ ସୁରକ୍ଷା ଦେବା ପାଇଁ କଠୋର ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ମତରେ, ପିଲାଙ୍କ ସୁରକ୍ଷା ଓ ଇଣ୍ଟରନେଟ୍ ବ୍ୟବହାରର ସ୍ୱାଧୀନତା ପରସ୍ପରର ପରିପନ୍ଥୀ ନୁହେଁ। ସମ୍ପୂର୍ଣ୍ଣ ନିଷେଧ ଲଗାଇବା ଅଯୌକ୍ତିକ, ବରଂ ଏହାଦ୍ୱାରା ପିଲାମାନେ ଅନିୟନ୍ତ୍ରିତ ଓ ଅଧିକ ବିପଜ୍ଜନକ ୱେବ୍‌ସାଇଟ୍ ଆଡ଼କୁ ଆକର୍ଷିତ ହୋଇପାରନ୍ତି। ଅନ୍‌ଲାଇନ୍‌ରେ ଧମକ କିମ୍ବା ପ୍ରଲୋଭନର ଶିକାର ହେଲେ, କଟକଣା ଉଲ୍ଲଙ୍ଘନ ପାଇଁ ଦଣ୍ଡ ଭୟରେ ସେମାନେ ଅଭିଭାବକଙ୍କୁ ଜଣାଇବାକୁ ମଧ୍ୟ ଡରିପାରନ୍ତି। ଶିଶୁ ଯୌନ ଶୋଷଣ ସମ୍ପର୍କିତ ସାମଗ୍ରୀ ଇଣ୍ଟରନେଟ୍‌ରେ ପ୍ରସାରିତ ହେଉଥିବାରୁ କୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏପରି ସାମଗ୍ରୀକୁ ଶୀଘ୍ର ଚିହ୍ନଟ କରି ହଟାଇବା ସହ ବିଭିନ୍ନ ମଞ୍ଚ ମଧ୍ୟରେ ସମନ୍ୱୟ ବଢ଼ାଇବାକୁ କେନ୍ଦ୍ର ସରକାର ଓ ସାମାଜିକ ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ କୁହାଯାଇଛି। ଏଥିପାଇଁ ସମାନ ଅଶ୍ଳୀଳ ସାମଗ୍ରୀକୁ ଚିହ୍ନଟ କରିବାରେ ସହାୟକ ହେବା ଭଳି ଜାତୀୟ ଡାଟାବେସ୍ ପ୍ରସ୍ତୁତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଗୋଟିଏ ଅଭିଯୋଗ ଆଧାରରେ କୌଣସି ସାମଗ୍ରୀକୁ ଯାଞ୍ଚ ନକରି ହଟାଇବା ଉଚିତ ନୁହେଁ। ଭୁଲ୍ ଭାବେ ସାମଗ୍ରୀ ଚିହ୍ନଟ ହେଲେ ଅଭିଯୋଗ ଓ ସମାଧାନ ପାଇଁ ବ୍ୟବସ୍ଥା ରହିବା ଆବଶ୍ୟକ। ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ହିଁ ପିଲାଙ୍କୁ ଅନ୍‌ଲାଇନ୍ ବିପଦ ସମ୍ପର୍କରେ ସଚେତନ କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ସୁରକ୍ଷା ବ୍ୟବସ୍ଥା ନାମରେ ପିଲାଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ନହେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

ପୂଜା ମଣ୍ଡପରେ...

ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏଥିସହ ଶ୍ରୀ ପଟ୍ଟନାୟକ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସରକାରୀ ଭାବେ ମୃତାହତଙ୍କ ସଂପର୍କରେ ସୂଚନା ଦିଆଯାଇ ନ ଥିବାବେଳେ ଟୋଲ୍ ଫ୍ରି' ନମ୍ବର ୧୮୦୦୩୪୫୫୬୭୮ ଜାରି କରାଯାଇଛି।

ସୂଚନା ଅନୁସାରେ, ଚୋରବାଗାନ ସାର୍ବଜନୀନ ପୂଜାମଣ୍ଡପ ନିକଟରେ ଆଜି ସନ୍ଧ୍ୟା ପ୍ରାୟ ୭ଟା ବେଳେ ଶ୍ରଦ୍ଧାଳୁମାନଙ୍କର ପ୍ରବଳ ଭିଡ଼ ହୋଇଥିଲା। ଏହି ସମୟରେ ବଜ୍ରପାତ ସହିତ ପ୍ରବଳ ବର୍ଷା ହେବାରୁ ଆଶ୍ରୟ ନେବାଲାଗି ଲୋକମାନେ ଦୌଡ଼ାଦୌଡ଼ି ହେଉଥିବା ବେଳେ କେତେକ ତଳେ ପଡ଼ିଯାଇଥିଲେ। ସେମାନଙ୍କ ଉପରେ ଅନ୍ୟମାନେ ଚଢ଼ିଯାଇଥିଲେ। ଗୁରୁତର ଭାବେ ଆହତ ହୋଇପଡ଼ିଥିବା ଲୋକମାନଙ୍କୁ ଚିକିତ୍ସା ପାଇଁ କୋଲକାତା ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲ ନିଆଯାଇଥିଲା। କେତେକ ଲୋକ ଘଟଣାସ୍ଥଳରେ ପ୍ରାଣ ହରାଇଥିବା ବେଳେ ଅନ୍ୟମାନେ ଡାକ୍ତରଖାନାରେ ଆଖି ବୁଜିଛନ୍ତି। ଏବେ ଅନେକ ଲୋକ ଚିକିତ୍ସାଧୀନ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଖବର ପାଇ ବରିଷ୍ଠ ପୁଲିସ ଅଧିକାରୀ ଏବଂ ଡିଜାଷ୍ଟର ମ୍ୟାନେଜମେଣ୍ଟ ଟିମ୍ ଘଟଣାସ୍ଥଳକୁ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ହସପିଟାଲ ଯାଇ ଆହତଙ୍କ ଚିକିତ୍ସା କଥା ବୁଝିଛନ୍ତି।

ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି ଯେ ଭିଡ଼ ନିୟନ୍ତ୍ରଣ ଲାଗି ପୁଲିସ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା। ଦୁର୍ଘଟଣା ବେଳେ ପର୍ଯ୍ୟାପ୍ତ ପୁଲିସ କିମ୍ବା ଡିଜାଷ୍ଟର ମ୍ୟାନେଜମେଣ୍ଟ ଟିମ୍ ମଧ୍ୟ ସେଠାରେ ଉପସ୍ଥିତ ନ ଥିଲେ।

ମଣ୍ଡପରେ ଆଲୋକ ସଜ୍ଜା...

ଆସିବାରୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ଏନେଇ ପୋଲିସକୁ ଖବର କରିଥିଲେ। ଆଇଆଇସି କିଶୋର କୁମାର ସାମଲ ଅପମୃତ୍ୟୁ ମାମଲା ରୁଜୁ କରିବା ପରେ ଏଏସଆଇ ଝୁନୁ ମାଝୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ବ୍ୟବଚ୍ଛେଦ କରାଯିବା ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

ଜଗନ୍ନାଥ ଯୁକ୍ତ ୨ ପଢ଼ିବା ପରେ ବ୍ରହ୍ମପୁରର ଏକ ଲାଇଟ୍ ଆଣ୍ଡ ସାଉଣ୍ଡ ଦୋକାନରେ କାମ କରୁଥିଲେ। ସେ ଶୁକ୍ରବାର ଘରେ ରାତ୍ରୀଭୋଜନ ସାରିବା ପରେ ଗାଁର ପୂଜା ମଣ୍ଡପକୁ ସାଜସଜ୍ଜା କରିବାକୁ ଯାଇଥିଲେ। ସେଠାରେ ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ କାମ ଚାଲିଥିଲା। ଜଗନ୍ନାଥ ମନ୍ଦିରରୁ ମଣ୍ଡପକୁ ଅସ୍ଥାୟୀ ଭାବେ ବିଦ୍ୟୁତ ତାର ଟଣା ଯାଇଥିଲା। କୌଣସି କାରଣରୁ ରାତି ପ୍ରାୟ ୩ଟାରେ ପୂଜା ମଣ୍ଡପରେ ଲାଗିଥିବା ହେଲୋଜେନ ଲାଇଟ୍ ଲିଭି ଯାଇଥିଲା। ବିଚ୍ଛିନ୍ନ ହୋଇଯାଇଥିବା ବିଦ୍ୟୁତ ତାରକୁ ଜଗନ୍ନାଥ ସଜାଡୁଥିବା ବେଳେ ଅସାବଧାନତା କାରଣରୁ ବିଦ୍ୟୁତ ସଂସ୍ପର୍ଶରେ ଆସିବାରୁ ସେ ଗୁରୁତର ହୋଇପଡିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

ସରକାରୀ ଷଡ଼ଯନ୍ତ୍ର...

ନିର୍ବାଚନ ଘୋଷଣା କରାଯାଇଥିଲେ ମଧ୍ୟ ୨୮୬ର ଫଳ ପ୍ରକାଶ ପାଇଛି। ତନ୍ମଧ୍ୟରୁ ୧୭୩ଟି କଲେଜରେ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି। ସେହିପରି ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ନିର୍ବାଚନ ବାତିଲ ହୋଇଥିଲା। ଖଲିକୋଟ ବିଶ୍ୱବିଦ୍ୟାଳୟରେ ସ୍ୱାଧୀନ ପ୍ରାର୍ଥୀ ବିଜୟ ଲାଭ କରିଥିବା ବେଳେ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାର୍ଥୀମାନେ ରେଭେନ୍ସା ବିଶ୍ୱବିଦ୍ୟାଳୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଓ ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ ରମାଦେବୀ ବିଶ୍ୱବିଦ୍ୟାଳୟରେ ବିଜୟ ଲାଭ କରିଛନ୍ତି।

ଚାପ ପ୍ରୟୋଗ କରି ଛାତ୍ରଛାତ୍ରୀ ଓ ଜେନ୍-ଜିଙ୍କ ସ୍ୱରକୁ ଦବାଇ ପାରିବନି ବିଜେପି ସରକାର: ବିଜେଡି

ଭୁବନେଶ୍ୱର,୧୭।୧୦(ସମିସ): ଓଡ଼ିଶାର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ସମ୍ପ୍ରତି ଅନୁଷ୍ଠିତ ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳକୁ ବ୍ୟାପକ ସମର୍ଥନ ମିଳିଛି। ଏହାକୁ ନେଇ ପ୍ରତିକ୍ରିୟା ରଖିଛି ବିଜେଡି। ଏହା ଶିକ୍ଷାନୁଷ୍ଠାନ ଗୁଡ଼ିକରେ ନିରପେକ୍ଷତା ରଖାଯାଉ ବୋଲି ଅପିଲ କରିଛି ବିଜେଡି।

ଦଳ ପକ୍ଷରୁ କୁହାଯାଇଛି ଯେ ଅଢେଇ ବର୍ଷରୁ ଅଧିକ ସମୟ ଧରି କ୍ଷମତାରେ ରହିବା ପରେ ବିଜେପି ସରକାର ଓଡ଼ିଶାର ଯୁବପିଢ଼ିଙ୍କ

- ଛାତ୍ର ସଂସଦ ନିର୍ବାଚନରେ ଏବିଭିପିର ରାଜନୀତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଛାତ୍ରଛାତ୍ରୀ
- ଶିକ୍ଷାନୁଷ୍ଠାନ ଗୁଡ଼ିକରେ ରାଜନୈତିକ ହସ୍ତକ୍ଷେପ ବନ୍ଦ କରାଯାଉ
- ଜେନ୍-ଜି ନିଜ ଭବିଷ୍ୟତ ନିଜେ ନିର୍ଦ୍ଧାରଣ କରିବେ, ବିଜେପି ସରକାର ନୁହେଁ

ଆଶା ଓ ଆକାଂକ୍ଷାର ଉତ୍ତର ଦେବା ଆବଶ୍ୟକ। ଛାତ୍ରଛାତ୍ରୀମାନେ ସ୍ୱାଧୀନ ଚିନ୍ତାଧାରା ଓ ଗଣତାନ୍ତ୍ରିକ ଅଧିକାର ଥିବା ନାଗରିକ। ସେମାନେ କୌଣସି ରାଜନୈତିକ ଦଳର ସ୍ୱାର୍ଥ ପୂରଣ ପାଇଁ ବ୍ୟବହାର କରାଯିବାର ଉପକରଣ ନୁହନ୍ତି। ଆଜିର ଛାତ୍ରଛାତ୍ରୀ ଓ ଜେନ୍-ଜି ସଚେତନ, ରାଜନୈତିକ ଭାବେ ସଜାଗ ଏବଂ ପ୍ରକୃତ ନେତୃତ୍ୱ ଓ ରାଜନୈତିକ ସୁବିଧାବାଦ ମଧ୍ୟରେ ପାର୍ଥକ୍ୟ ବୁଝିବାରେ ସକ୍ଷମ। ସମ୍ପ୍ରତି ଛାତ୍ର ସଂସଦ ନିର୍ବାଚନର ଫଳାଫଳ ପ୍ରମାଣିତ କରିଛି ଯେ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପ୍ରଶାସନିକ ପ୍ରଭାବ କିମ୍ବା ରାଜନୈତିକ ପୃଷ୍ଠପୋଷକତା ମାଧ୍ୟମରେ ନିର୍ବାଚନୀ ବିଜୟ ହାସଲ କରାଯାଇପାରିବ ନାହିଁ। ନବୀନ ପଟ୍ଟନାୟକଙ୍କ ପ୍ରତି ଛାତ୍ରଛାତ୍ରୀ ଓ ଜେନ୍-ଜି ମାନଙ୍କ ବଢୁଥିବା ସମର୍ଥନ ନେତୃତ୍ୱର ନିରନ୍ତର ଆକର୍ଷଣକୁ ପ୍ରତିଫଳିତ କରୁଛି। ବିଜୁ ଛାତ୍ର ଜନତା ଦଳ ବିଜେପି ସରକାରଙ୍କୁ ଆହ୍ୱାନ କରୁଛି ଯେ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ରାଜନୈତିକ ହସ୍ତକ୍ଷେପକୁ ତୁରନ୍ତ ବନ୍ଦ କରାଯାଉ, କୌଣସି ଛାତ୍ରଛାତ୍ରୀ ଶୈକ୍ଷିକ କ୍ଷେତ୍ରରେ ଭେଦଭାବର ଶିକାର ନ ହୁଅନ୍ତୁ ଏବଂ ନିଜ ପସନ୍ଦର ସଂଗଠନକୁ ସମର୍ଥନ କରିବାର ଛାତ୍ରଛାତ୍ରୀଙ୍କ ସ୍ୱାଧୀନତାକୁ ସମ୍ମାନ ଦିଆଯାଉ। ଓଡ଼ିଶାର ଛାତ୍ରଛାତ୍ରୀ ଗଣତାନ୍ତ୍ରିକ ପଦ୍ଧତିରେ ନିଜ ନେତା ବାଛିବେ ଏବଂ କୌଣସି ସରକାର ଭୟ ଦେଖାଇ ସେମାନଙ୍କ ରାଜନୈତିକ ଆନୁଗତ୍ୟ ନିର୍ଦ୍ଧାରଣ କରିପାରିବ ନାହିଁ। ବିଜେପି ସରକାର ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ରାୟକୁ ସମ୍ମାନ ଦେଉ, ଗଣତାନ୍ତ୍ରିକ ମତଭେଦକୁ ଗ୍ରହଣ କରୁ। ଓଡ଼ିଶାର ଯୁବପିଢ଼ିଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ ଉପରେ ବିଜେପି ଧ୍ୟାନ ଦେଉ ବୋଲି ଦଳ ଦାବି କରିଛି।

ଦୃଢ଼ ବାର୍ତ୍ତା ଦେଇଛି ଯେ ଓଡ଼ିଶାର ଛାତ୍ରଛାତ୍ରୀ ଓ ଜେନ୍-ଜି ଆଜି ମଧ୍ୟ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରୁଛନ୍ତି। ଏବିଭିପି ଅନେକ ଶିକ୍ଷାନୁଷ୍ଠାନରେ ବିଫଳ ହେବା ଦର୍ଶାଯାଉଛି ଯେ ଛାତ୍ରଛାତ୍ରୀ ଓ ଜେନ୍-ଜି ମାନେ ବିଜେପିକୁ ପ୍ରତ୍ୟାଖାନ କରୁଛନ୍ତି। ଗଣତାନ୍ତ୍ରିକ ପଦ୍ଧତିରେ ଛାତ୍ରଛାତ୍ରୀଙ୍କ ଆସ୍ଥା ଜିତିବାରେ ବିଜେପି ବିଫଳ ହୋଇଛି। ସରକାରଙ୍କ ନିର୍ଦ୍ଦେଶରେ କଲେଜ ଅଧ୍ୟକ୍ଷ, ବିଶ୍ୱବିଦ୍ୟାଳୟ କୁଳପତିମାନେ ବିସିଜେଡି ସମର୍ଥିତ ପ୍ରାର୍ଥୀଙ୍କ ଉପରେ ଚାପ ପକାଇବା ଅତ୍ୟନ୍ତ ନିନ୍ଦନୀୟ।

କଣ୍ଟିଲୋ ନୀଳମାଧବ ପୀଠ ପାର୍କିଂ ଦରବୃଦ୍ଧି ନିଷ୍ପତ୍ତିରେ ହାଇକୋର୍ଟଙ୍କ ରହିତାଦେଶ

କଟକ,୧୭।୧୦(ସମିସ): ନୟାଗଡ଼ ଜିଲ୍ଲା କଣ୍ଟିଲୋସ୍ଥିତ ପ୍ରସିଦ୍ଧ ଶ୍ରୀ ନୀଳମାଧବଜୀଉ ପୀଠର ପୂର୍ବ ଗେଟ୍ ନିକଟ ପାର୍କିଂ ଦର ବୃଦ୍ଧି ଆଦେଶ ଉପରେ ଆସନ୍ତା ୪ ସପ୍ତାହ କିମ୍ବା ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। କପିନ୍ଦ୍ର ବେହେରାଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରତିପକ୍ଷଙ୍କୁ ଆସନ୍ତା ଅକ୍ଟୋବର ୨୯ ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସେହିଭଳି ଆସନ୍ତା ନଭେମ୍ବର ୨ମଧ୍ୟରେ ଆବେଦନକାରୀ ପ୍ରତିଜବାବ ଦାଖଲ କରିବେ ବୋଲି କହିଛନ୍ତି ହାଇକୋର୍ଟ। ସର୍ବୋଚ୍ଚ ବିଡର ଭାବେ ପାର୍କିଂ ଠିକା ପାଇବା ପରେ ଆବେଦନକାରୀ ନିର୍ଦ୍ଧାରିତ ଦରରେ ଗାଡ଼ି ଗୁଡ଼ିକଠାରୁ ପାର୍କିଂ ଶୁଳ୍କ ଆଦାୟ କରୁଥିଲେ। ତେବେ ଚୁକ୍ତି ଅବଧି ମଝିରେ ଖଣ୍ଡପଡା ତହସିଲଦାର-ତଥା ଦେବୋତ୍ତର ନିର୍ବାହୀ ଅଧିକାରୀଙ୍କ ପକ୍ଷରୁ କୌଣସି ସମ୍ମତି ନ ନେଇ ଏକପାଖିଆ ଭାବେ ପାର୍କିଂ ଦର ବୃଦ୍ଧି କରାଯାଇଥିଲା। ଯାହାକି ଆବେଦନକାରୀଙ୍କ ସ୍ୱାର୍ଥ ବିରୋଧୀ ବୋଲି ଦର୍ଶାଯାଇଛି। ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା ଯେ ନିର୍ଦ୍ଧାରିତ ପାର୍କିଂ ଦରକୁ ଆଧାର କରି ହିଁ ବିଜ୍ଞାପନ ଜରିଆରେ ଠିକାଦାରମାନେ କୋଟେସନ ଦେଇଥାନ୍ତି। ଚୁକ୍ତି ସ୍ୱାକ୍ଷରିତ ହେବା ପରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏପରି ଏକପାଖିଆ ପରିବର୍ତ୍ତନ କରାଯିବା ଆଇନଗତ ଭାବେ ଗ୍ରହଣୀୟ ନୁହେଁ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୫କୁ ଧାର୍ଯ୍ୟ କରାଯାଇଛି।

ଜଙ୍ଗଲରେ ବୁଲୁଛି ଗୁଳିବିଦ୍ଧ ଦନ୍ତା

ରେଢ଼ାଖୋଲ,୧୭।୧୦(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅଧୀନ ନାକଟିଦେଉଳ ରେଞ୍ଜ ଅଧୀନ ପେଣ୍ଡବାହାଳ ଜଙ୍ଗଲରେ ଗୁଳିବିଦ୍ଧ ଅବସ୍ଥାରେ ଏକ ଦନ୍ତା ଘୁରିବୁଲୁଥିବା ଖବରକୁ ନେଇ ଚିନ୍ତା ବଢ଼ିଛି। ହାତୀଟିର ଆଗପଟ ବାମ ଗୋଡ଼ରେ ଗୁଳି ବାଜିଥିବା ସୂଚନା ମିଳିଛି। ପ୍ରାୟ ଆଠ ଦିନ ପୂର୍ବରୁ ହାତୀଟି ଆହତ ହୋଇଥିବା ନିକଟସ୍ଥ ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି। ଗତ ଆଠ ଦିନ ଧରି ଆହତ ଦନ୍ତା ହାତୀଟି ଜଙ୍ଗଲ ଭିତରେ ଛୋଟେଇ ଛୋଟେଇ ଘୁରିବୁଲୁଛି। ହାତୀଟିକୁ କୌଣସି ଶିକାରୀ ଶିକାର ଉଦ୍ଦେଶ୍ୟରେ ଗୁଳି କରିଥାଇପାରେ ବୋଲି ସନ୍ଦେହ ପ୍ରକାଶ ପାଇଛି।

IN THE COURT OF THE S.D.J.M, ANANDAPUR

ICC CASE NO. 02/03 OF 2023-24

Sudhansu Sekhar Mallick ... Complainant

-versus-

Ranjan Kumar Rout ... Accused

NOTICE U/O 5, RULE - 20 C.P.C.

To

Shri Ranjan Kumar Rout, aged about 48 years, Son of Niranjan Rout of Village - Manjhari, P.O- Gokan, P.S- Mahanga, Dist. Cuttack, PIN-754206.

Whereas despite several summons sent by this court the summons could not be served upon you. Your attendance is necessary to answer to charge for the offence under section 138(b) of N.I Act, 1881. You are hereby required to appear in person or through your Counsel before the Court of S.D.J.M, Anandapur on or before Dtd. **30 / 10 / 2026 at 10.30 A.M** positively, failing which the case will be decided in your absence in accordance with law.

Sd/-
Sub-Divisional Judicial Magistrate,
Anandapur

ଭାରତ ସରକାର
ରେଳ ମନ୍ତ୍ରଣାଳୟ
(ଦକ୍ଷିଣ ପୂର୍ବ ରେଳ – ନିର୍ମାଣ ସଂଗଠନ)
ସଂଶୋଧନୀ ଅଧିସୂଚନା

SO.No.3512(E) : କେନ୍ଦ୍ର ସରକାର, ରେଳ ମନ୍ତ୍ରଣାଳୟ, ଦକ୍ଷିଣ ପୂର୍ବ ରେଳ, ନିର୍ମାଣ ସଂଗଠନ, କୋଲକାତାଙ୍କ ଦ୍ୱାରା ଭାରତର ରାଜପତ୍ରରେ ତାରିଖ 23.07.2025 ରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ଏସ୍.ଓ. 3383(ଇ), ଯାହା ରେଳ ଅଧିନିୟମ, 1989ର ଅଧ୍ୟାୟ IV-Aର ଧାରା 20A ଅନୁଯାୟୀ ପୂର୍ବରୁ ଜାରି କରାଯାଇଥିଲା, ତାହା ସମ୍ବନ୍ଧରେ ଓଡ଼ିଶା ରାଜ୍ୟର ମୟୂରଭଞ୍ଜ ଜିଲ୍ଲାରେ ଅବସ୍ଥିତ **"ବାଦାମପାହାଡ଼–କେନ୍ଦୁଝରଗଡ଼ [82.06 କି.ମି. (47.46 କି.ମି. ମୟୂରଭଞ୍ଜ ଅଂଶ)]"** ବିଶେଷ ରେଳ ପ୍ରକଳ୍ପ ପାଇଁ ନିମ୍ନଲିଖିତ ଅନୁସୂଚୀରେ ଉଲ୍ଲେଖିତ ଘରୋଇ ଜମିର କ୍ଷେତ୍ରଫଳରେ ସଂଶୋଧନ କରିବା ଆବଶ୍ୟକ। ଏହା ଦ୍ୱାରା ନିଶ୍ଚିତ କରାଯାଉଛି ଯେ, ଉକ୍ତ ବିଶେଷ ରେଳ ପ୍ରକଳ୍ପ ପାଇଁ ନିମ୍ନରେ ସୂଚିତ ଜମିଗୁଡ଼ିକର କ୍ଷେତ୍ରଫଳରେ ସଂଶୋଧନ ଆବଶ୍ୟକ।

ସ୍ୱା./- ଜମି ଅଧିଗ୍ରହଣ ଅଧିକାରୀ, ମୟୁରଭଞ୍ଜ ତଥା ସକ୍ଷମ କର୍ତ୍ତୃପକ୍ଷ

କାର୍ଯ୍ୟସୂଚୀ

ଓଡ଼ିଶା ରାଜ୍ୟର ମୟୂରଭଞ୍ଜ ଜିଲ୍ଲାରେ ଅବସ୍ଥିତ "ବାଦାମପାହାଡ଼–କେନ୍ଦୁଝରଗଡ଼ [82.06 କି.ମି. (47.46 କି.ମି. ମୟୂରଭଞ୍ଜ ଅଂଶ)]" ବିଶେଷ ରେଳ ପ୍ରକଳ୍ପ ନିମନ୍ତେ ପୂର୍ବରୁ ପ୍ରସ୍ତାବିତ ଘରୋଇ ଜମିର କ୍ଷେତ୍ରଫଳ ସଂଶୋଧନ କରାଯିବା ସମ୍ବନ୍ଧୀୟ ଜମିର ସଂକ୍ଷିପ୍ତ ବିବରଣୀ।

କ) ମୌଜା: କାଶିଆବେଡ଼ା, ଥାନା: ବାଦାମପାହାଡ଼, ଥାନା ନଂ: ୩୨, ତହସିଲ: କୁସୁମୀ, ଗ୍ରାମୀଣ, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା।

କ୍ରମିକ ସଂଖ୍ୟା	ଖାତା ନଂ	ପ୍ଲଟ୍ ନଂ	କିସମ	ପୂର୍ବ ବିଜ୍ଞପ୍ତି ଅନୁଯାୟୀ		ଅଧିଗୃହୀତ ଜମିର କ୍ଷେତ୍ରଫଳ ସଂଶୋଧନ ନିମନ୍ତେ ସଂଶୋଧନୀ
				ମୋଟ କ୍ଷେତ୍ରଫଳ (ହେକ୍ଟରରେ)	ଅଧିଗ୍ରହଣ କରାଯିବାକୁ ଥିବା ଜମିର କ୍ଷେତ୍ରଫଳ (ହେକ୍ଟରରେ)	ଅଧିଗ୍ରହଣ କରାଯିବାକୁ ଥିବା ଜମିର କ୍ଷେତ୍ରଫଳ (ହେକ୍ଟରରେ)
1.	114	675	ଡାହି-ଦୁଇ	0.2833	0.2833	0.2772
2.	38	679	ଡାହି-ଦୁଇ	0.3642	0.3440	0.3480
3.	65	1317	ଶାରଦ- ଦୁଇ	0.0486	0.0486	0.0425

ଖ) ମୌଜା: ତିମିତିମିଡ଼ା, ଥାନା: ବାଦାମପାହାଡ଼, ଥାନା ନଂ: ୩୩, ତହସିଲ: କୁସୁମୀ, ଗ୍ରାମୀଣ, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା।

କ୍ରମିକ ସଂଖ୍ୟା	ଖାତା ନଂ	ପ୍ଲଟ୍ ନଂ	କିସମ	ପୂର୍ବ ବିଜ୍ଞପ୍ତି ଅନୁଯାୟୀ		ଅଧିଗୃହୀତ ଜମିର କ୍ଷେତ୍ରଫଳ ସଂଶୋଧନ ନିମନ୍ତେ ସଂଶୋଧନୀ
				ମୋଟ କ୍ଷେତ୍ରଫଳ (ହେକ୍ଟରରେ)	ଅଧିଗ୍ରହଣ କରାଯିବାକୁ ଥିବା ଜମିର କ୍ଷେତ୍ରଫଳ (ହେକ୍ଟରରେ)	ଅଧିଗ୍ରହଣ କରାଯିବାକୁ ଥିବା ଜମିର କ୍ଷେତ୍ରଫଳ (ହେକ୍ଟରରେ)
1.	16	588	ଡାହି-ଦୁଇ	0.17	0.1214	0.1174
2.	55	591	ଡାହି-ଦୁଇ	0.4209	0.4209	0.4047
3.	56	594	ଡାହି-ଦୁଇ	0.1012	0.0607	0.0587

ହଜିଛି

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ମୁଁ ଶ୍ରୀ **ସୁଶାନ୍ତ କୁମାର ପ୍ରଧାନ,** ପିତା: କୃଷ୍ଣଚନ୍ଦ୍ର ପ୍ରଧାନ, ବର୍ତ୍ତମାନର ଠିକଣା: ସା: ଟୋକାଗଣ୍ଡା, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, **ଅରିଜିନାଲ ଆରଓଆର୍ ଖାତା ନଂ: ୧୧୦୩/୨୨୨୮(ମୂଳ ଜମି ପଟ୍ଟା), ମୌଜା: ବାଉଁଶଲୁଣ୍ଡି।** ଏଠାରେ ପ୍ରକାଶ କରୁଅଛୁ କି, ଗତ ତା.୦୨.୧୦.୨୦୨୬ରିଖ ସକାଳ ୧୧ଟା ବେଳେ, ମୁଁ ଟୋକାଗଣ୍ଡା ଠାରୁ ଭଞ୍ଜନଗର ଛକ ଦେଇ ଯିବାବେଳେ ଅରିଜିନାଲ ଆରଓଆର୍ ଖାତା ଏବଂ ଅନ୍ୟାନ୍ୟ ଜରୁରୀ କାଗଜପତ୍ର କେଉଁଠାରେ ହଜି ଯାଇଅଛି। ମୁଁ ସତଚେଷ୍ଟା କରିସାରିବା ପରେ ମଧ୍ୟ ଉପର ଲିଖିତ କାଗଜପତ୍ରଗୁଡିକୁ ଖୋଜି ପାଇବାରେ ସକ୍ଷମ ହୋଇ ପାରିନାହିଁ। ତେଣୁ ଉପରୋକ୍ତ କାଗଜପତ୍ରଗୁଡିକୁ ଯଦି କୌଣସି ସହୃଦୟ ବ୍ୟକ୍ତି ପାଆନ୍ତି, ତେବେ ମୋର ଉପରୋକ୍ତ ଠିକଣାରେ ଜଣେଇବାକୁ ଅନୁରୋଧ। (ମୋବାଇଲ ନଂ- ୭୦୦୮୬୬୩୧୫୮)

Notice (above 18 years of age)

By virtue of an affidavit sworn before Notary Public, Udala, Mayurbhanj , dated 13-10-2026 I, Salakha Hembram, Address At-Balibil, Po-Baradihi, Ps- Udala, Dist- Mayurbhanj, Pin- 757085, Odisha declare that I have changed my name from Salag Hembram to Salakha Hembram. Henceforth, I shall be known as **Salakha Hembram** for all purposes.

(Salakha Hembram)

AFFIDAVIT

I, Kumari Sarika, W/o- Santosh Singh Thakur, Resident of Village- Meramandali, C/2-802, PO- Meramandali, Tata Steel Colony, Narendrapur, Dist- Dhenkanal, Odisha- 759121 declare by this affidavit no.676 (79AA 958660) dtd 16.10.2026 that now onwards I shall be known as **SARIKA SINGH** for all future purposes.

AFFIDAVIT

By virtue of an affidavit no-64 sworn before the Executive magistrate, Bhubaneswar on dt 06/10/2026, I Banita Pradhan, W/o - Late Trilochan Pradhan resident of At - Garhromita, Po - Gatanai, Via - Kujang, Dist - Kendrapara, Pin - 754141. My aadhar card no. - 843729114964. My actual name is Banita Pradhan, but wrongly it has reflected as Banalata Pradhan. I shall be identified as **Banita Pradhan** instead of Banalata Pradhan.

AFFIDAVIT

I, Natabara Kar, aged about 75 years, S/o- Late Krushna Chandra Kar, resident of At- Madhayakachha, Po- Madhayakachha, Ps- Jagatpur, Dist- Cuttack, State- Odisha declared by this affidavit No. 7943, dtd- 16/10/2026 that now onwards I shall be known as **NATABAR KAR** for all future purposes.

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.**ETCECONIBBS 2026035,** ତା.14.10.2026ରିଖ

କାର୍ଯ୍ୟର ନାମ: ଖୋର୍ଦ୍ଧା-ବଲାଙ୍ଗୀର(**BLGR**) ନୂଆ B.G ରେଳ ଲିଙ୍କ ପ୍ରକଳ୍ପର ବୁଗୁଡ଼ା-ବାଣିଗୋଚ୍ଛା ଏବଂ ଆଡ଼େଣିଗଡ଼-ଚାରିଛକ ବିଭାଗରେ ମୋବାଇଲ୍ ଫ୍ଲାଶ୍ ବଟ୍ ୱେଲ୍ଡିଂ ପ୍ଲାଣ୍ଟ ଉପଯୋଗ କରି ସାଇଟ୍‌ରେ (ଇନ-ସିଟୁ/ ସେସ୍) ସମସ୍ତ ରେଳ ସେକ୍ସନ (ନୂଆ/SH)ର 20ଟି ରେଳ ପ୍ୟାନେଲ/ ଫ୍ରି ରେଲ୍ସ/ 2 ରେଳ ପ୍ୟାନେଲ୍/3 ରେଳ ପ୍ୟାନେଲ ଗୁଡ଼ିକର ଫ୍ଲାଶ୍ ବଟ୍ ୱେଲ୍ଡିଂ କରାଯିବ, ଏଥିରେ (ଯେଉଁଠି ଆବଶ୍ୟକ) ରେଳ କଟିଂ କାମ ମଧ୍ୟ ଅନ୍ତର୍ଭୁକ୍ତ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ **272.63** ଲକ୍ଷ, **EMD :** ₹ **5,45,300/-**, କାର୍ଯ୍ୟ ଶେଷ ହେବା ଅବଧି **: 06** (ଛଅ) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.**05.11.2026**ରିଖ **1700** ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର **15** (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ **IREPS** ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR- 228/CJ/2026-27

OFFICE OF THE NOTIFIED AREA COUNCIL, KUCHINDA

At/Po-Kuchinda, Dist-Sambalpur, Odisha, Pin-768222

E-Procurement Notice

No.3244/NAC Date.15-10-2026 — 13001/2195/2627

BID Identification No. KCDA/NAC-6/2026-27

The Executive Officer, Notified Area Council, Kuchinda , At/Po-Kuchinda, Dist-Sambalpur, Odisha, Pin-768222 on behalf of Notified Are Council, Kuchinda invites **Percent Rate** through e-procurement. Bids to be eventually drawn up in the standard **P1 Contract Form**. The bid should be submitted on-line in the website: www.tendersodisha.gov.in from the registered eligible contractor of State Government MES/ Railways / CPWD in equivalent rank for execution of different works.

1. Name of the Work : Construction of Market Complex at Kuchinda NAC.
2. No. of works : 01(One)
3. Estimated Cost : As per BOQ
4. Period of Completion : 6 Calendar Months
5. Date and Time of Bidding : 10.00 am of 17-10-2026 to 5.30 pm of 06-11-2026
6. Last date and time for receipt : 06-11-2026 up to 5.30 pm
7. Bids received online shall be opened on : 07-11-2026 from 10.00 am onwards
8. Name and address of the Officer Inviting Bid: Executive Officer, Notified Area Council, Kuchinda

Further details can be seen from the e-procurement portal i.e.https://tendersodisha.gov.in/nicgep/app.

Sd/-
Executive Officer
Notified Area Council, Kuchinda

OIPR-13001/13121/1/26-27/0008

OFFICE OF THE PARADEEP MUNICIPALITY, PARADEEP

Quotation Call Notice no.5310/ dt.15.10.2026 — 13001/2201/2627

The Executive Officer, Paradeep Municipality Paradeep invites sealed Quotation Call Notice from interested/ intending eligible Firms/ Fabricator Agencies/ Contractors for "**Repairing of Damaged Wooden Bridge at Sea Beach Paradeep Municipality**" DTCN alongwith terms & conditions can be obtained in the office of the Paradeep Municipality, Paradeep during office hours on payment of ₹2,000.00 (Rupees:- Two thousand) only (not refundable) and also available on office website www.paradeepmunicipality.in. from **dt.16.10.2026 to dt.02.11.2026**. Paper cost shall be paid as per the same method noted in DTCN downloaded online. The firms/ agencies/ febricator must be accompanied with photo copy of valid (i) PAN (ii) GSTIN (iii) Complete Organisation details, Authenticated proof of the firm (Registration certificate of firm or agency) (iv) Cost of tender paper and (v) EMD. The sealed Quotation and other documents will be received offline on or **before dt.03.11.2026 upto 1.00 PM** and will be opened on the same day at **4.00 PM** in presence of the bidder or their authorized representatives. The authority reserves the right to accept or cancel any or all quotations without assigning any reason thereof.

Executive Officer
Paradeep Municipality

OIPR-13001/13120/1/26-27/0021

बैंक ऑफ़ बड़ौदा Bank of Baroda 119 FOUNDATION YEAR LEADING WITH TRUST

କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର

ବ୍ୟାଙ୍କ ଅଫ୍ ବରୋଦା, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର,
ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨,ଓଡିଶା,
ଇ-ମେଲ: recovery.orissa@bankofbaroda.bank.in

ଡିମାଣ୍ଡ ନୋଟିସ୍
(ସରଫେଶୀ ଆକ୍ଟ ୨୦୦୨ ଧାରା ୧୩ର ଉପଧାରା (୨) ଅନୁଯାୟୀ)

ଖଣ୍ଡଗିରି ଶାଖା ର ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ **ବ୍ୟାଙ୍କ ଅଫ୍ ବରୋଦା** ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରାଗଲା।

ଖଣ୍ଡଗିରି ଶାଖା ଫୋନ୍: ୭୦୭୭୭୭୨୭୧୦୭ ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା	ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ / ନୋଟିସ୍ ଫେରସ୍ତ କାରଣ	ଋଣ ପରିମାଣ (ଟଙ୍କାରେ) / ସୁଧ ହାର	ସମୁଦାୟ ବକେୟା ପରିମାଣ	ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ
ଋଣଗ୍ରହୀତା: ଶ୍ରୀ ଚିତ୍ତରଞ୍ଜନ ଗଡନାଏକ, ସହ-ଋଣଗ୍ରହୀତା: ଶ୍ରୀମତୀ କହ୍ନିତା ସାହୁ, ଉଭୟଙ୍କ ଠିକଣା: ପ୍ଲଟ ନଂ.୨୫୪/୧୭୫୪, ଖଣ୍ଡଗିରିବାରୀ, ଘାଟିକିଆ, ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା - ୭୫୧୦୦୩।	୦୮.୦୮.୨୦୨୬ / ୧୨.୦୮.୨୦୨୬ / ପ୍ରାପ୍ତି ସ୍ୱିକାର ମିଳିନାହିଁ	ଗୃହ ଋଣ ଟ.୩୪,୦୦,୦୦୦/- / ୯.୫୫%	୦୮.୦୮.୨୦୨୬ ସୁଦ୍ଧା ଟ.୩୨,୫୮,୪୧୨.୪୮ + ପରବର୍ତ୍ତି ସୁଧ ଏବଂ ଖର୍ଚ୍ଚ	ବନ୍ଧକପ୍ରାପ୍ତ ବାସପୋଯୋଗି ସମ୍ପତ୍ତି ଯାହାର ମୌଜା: ଘାଟିକିଆ, ଜନନୀ ବିହାର, ଖାତା ନଂ.୧୯୮୮/୧୨୭୯, ପ୍ଲଟ ନଂ.୮୫୯୬/୯୨୭୧, ଏରିଆ: ଏ୦.୦୬୩ ଡିସିମିଲି, ଖଣ୍ଡଗିରିବାରୀ, ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଚାରିପାର୍ଶ୍ୱରେ: ଉତ୍ତର - ରାସ୍ତା, ଦକ୍ଷିଣ- ପ୍ଲଟ ନଂ.୧୮୪, ପୂର୍ବ- ପ୍ଲଟ ନଂ.୨୦୨, ପଶ୍ଚିମ - ସବ୍ ପ୍ଲଟ ନଂ.୧୫।

ଉପର ସାରଣୀରେ ଦର୍ଶିତ ଆମ୍ଭ ଶାଖାରୁ ଚୁକ୍ତିନାମା ହାରରେ ପରବର୍ତ୍ତି ସୁଧ ସହିତ ଦର୍ଶିତ ଋଣ ରାଶି ପରିଶୋଧ କରିବାରେ ଆପଣ ବିଫଳ ହୋଇଛନ୍ତି। ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ରେଜିଷ୍ଟ୍ରି ଡାକ ଯୋଗେ ଡିମାଣ୍ଡ ନୋଟିସ୍ ଅପାଣଙ୍କ ନିକଟକୁ ପଠାଯାଇଥିଲେ ମଧ୍ୟ ତାହା ଉପରୋକ୍ତ କାରଣ ଦର୍ଶାଯାଇ ଫେରସ୍ତ ଆସିଛି। ଆପଣ ବକେୟା ଦେୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି। ଏଣୁ ଏହି ନୋଟିସ୍‌ର **୬୦ ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପରିଶୋଧ ପାଇଁ ଆପଣଙ୍କୁ କୁହାଯାଉଛି। ଏଥିରେ ଖିଲାପ କଲେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅନୁଯାୟୀ ଅଧୀକାର ସାବ୍ୟସ୍ତ କରିବାକୁ ବାଧ ହେବ। ଏତଦ୍ ଦ୍ୱାରା ଅପାଣଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛିକି ଆପଣ କଥିତ ଆକ୍ଟର ଧାରା ୧୩ର ଉପଧାରା (୧୩) ଅନୁସାରେ ଉପର ବର୍ଣ୍ଣିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବ୍ୟାଙ୍କର ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। ପୁନଶ୍ଚ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛିକି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସର୍ବସାଧାରଣ ନିଲାମ/କୋଟେସନ୍ ଆହ୍ୱାନ / ଟେଣ୍ଡର/ଘରୋଇ ଚୁକ୍ତି ମାଧ୍ୟମରେ ସମ୍ପତ୍ତି ବିକ୍ରୟ ନୋଟିସ୍ ପ୍ରକାଶନର ଯେକୌଣସି ସମୟ ପୂର୍ବରୁ ବ୍ୟାଙ୍କକୁ ସମସ୍ତ ବକେୟା ରାଶି ସହିତ ସୁଧ, ଖର୍ଚ୍ଚ, ଦେୟ ଇତ୍ୟାଦି ପଇଠ କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରନ୍ତି, କଥିତ କି ଉପରୋକ୍ତ ନୋଟିସ୍ ପ୍ରକାଶନ ପରେ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାର ଅଧିକାର ଉପଲବ୍ଧ ହେବ ନାହିଁ। ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବକୁ ଥିବା ଆଇନଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ।

ସ୍ଥାନ:ଭୁବନେଶ୍ୱର, ତାରିଖ-୧୭.୧୦.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

ମା' ଦୁର୍ଗାଙ୍କ ନବରାତ୍ର ପୂଜା

କିଶୋରନଗର,୧୭ ।୧୦(ସମିସ): କିଶୋରନଗର ବ୍ଲକ ବାମୁର ଶୈବପୀଠରେ ଥିବା ମା' ଦୁର୍ଗା ମନ୍ଦିରରେ ନବରାତ୍ର ପୂଜା ଅନୁଷ୍ଠିତ ହୋଇଛି। ପୂଜକ ସତ୍ୟନାରାୟଣ ମିଶ୍ରଙ୍କ ଦ୍ୱାରା ଯଜ୍ଞ ଓ ଚଣ୍ଡୀପାଠ କରାଯାଇଥିଲା। ଭକ୍ତଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା। ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

ପୋଷଣ ଅଭିଯାନ ଓ ବେଟି ବଚାଓ କାର୍ଯ୍ୟକ୍ରମ

କିଶୋରନଗର,୧୭ ।୧୦(ସମିସ): କିଶୋରନଗର ଶିଶୁ ବିକାଶ ପ୍ରକଳ୍ପ ତରଫରୁ କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ଯୁବ ସଚେତନତା ତଥା ପୋଷଣ ଅଭିଯାନ ଓ ବେଟି ବଚାଓ ବେଟି ପଢ଼ାଓ ଅଭିଯାନ ଅନ୍ତର୍ଗତ ଆଲୋଚନାଚକ୍ର, ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। କିଶୋରନଗର ବିଡିଓ ଶୁଭକାନ୍ତ ନାୟକ, ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, ଏବିଇଓ ରମଣୀ ରଞ୍ଜନ ସାହୁ, ଥାନାଧିକାରୀ ହରିକୃଷ୍ଣ ପ୍ରଧାନ ବକ୍ତବ୍ୟ ରଖିଥିଲେ। ପ୍ରକଳ୍ପ ଅଧିକାରୀ ଭାଗ୍ୟଲତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଅଙ୍ଗନବାଡ଼ି କର୍ମୀ, ଛାତ୍ରୀମାନେ ଯୋଗଦେଇଥିଲେ। ରଣିଆକଟା, ଅଙ୍ଗପଡ଼ା, ସଞ୍ଜମୁରା କର୍ମୀମାନେ ପୋଷଣଯୁକ୍ତ ଖାଦ୍ୟ ପ୍ରଦର୍ଶନ କରିଥିଲେ। ଆଗରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ବକ୍ତୃତା, ଚିତ୍ରାଙ୍କନ, କୁଇଜ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଶିମିଳିପାଳ ବଜରଙ୍ଗୀ ଫୁଟବଲ କପ୍ ଉଦଘାଟିତ

ପାଲଲହଡ଼ା,୧୭ ।୧୦(ସମିସ): ପାଲଲହଡ଼ା ଉପଖଣ୍ଡ ପେଚାମୁଣ୍ଡି ପଞ୍ଚାୟତ ଶିମିଳିପାଳ ଗ୍ରାମରେ ବଜରଙ୍ଗୀ ଯୁବକ ସଂଘ ଆନୁକୂଲ୍ୟରେ ଶନିବାର ବଜରଙ୍ଗୀ ଫୁଟବଲ କପ୍ ଉଦଘାଟିତ ହୋଇଛି। ତିନିଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ ୧୬ ଦଳ ଅଂଶଗ୍ରହଣ କରିଛନ୍ତି। ପେଚାମୁଣ୍ଡି ସରପଞ୍ଚ ରମେଶ ପ୍ରଧାନ ମୁଖ୍ୟଅତିଥି, ରତ୍ନାକର ରାଉତ, ଶିକ୍ଷାବିତ୍ ବିଦ୍ୟାଧର ପ୍ରଧାନ ଓ ସନାତନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ରେଫରି ତଥା ଖେଳ ଶିକ୍ଷକ ଲକ୍ଷ୍ମଣ ଖିଲାର ଖେଳ ପରିଚାଳନା କରିଥିଲେ। ଜିତୁ ଗଡ଼ନାୟକ ଓ ଟୁନା ଗଡ଼ନାୟକ ଲାଇନ୍‌ରେ ସହଯୋଗ କରିଥିଲେ। ବଜରଙ୍ଗୀ ଯୁବକ ସଂଘର ଦୁଷ୍ମନ୍ତ ରାଉତ, ଚିନ୍ମୟ ରାଉତ, ଜିତେନ୍ଦ୍ର ଗଡ଼ନାୟକ, ପ୍ରବୀଣ ପ୍ରଧାନ, ଟୁନା ନାଏକ ଓ ସିକି ରାଉତ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

ବଣ୍ଡରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରିଣ୍ଟର ଅଚଳ

ମୋବାଇଲକୁ ପଠାଯାଉଛି ପରୀକ୍ଷା ରିପୋର୍ଟ, ରୋଗୀ ହନ୍ତସନ୍ତ

ବଣ୍ଡରପାଳ,୧୭ ।୧୦(ସମିସ):

ବଣ୍ଡରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ସାମ୍ନାକୁ ଆସିଛି। ସ୍ୱାସ୍ଥ୍ୟକେନ୍ଦ୍ର ଲାବୋରେଟୋରୀର ପ୍ରିଣ୍ଟର ଦୀର୍ଘଦିନ ହେବ ଅଚଳ ହୋଇ ପଡ଼ିରହିଥିବାରୁ ଏଠାକୁ ଚିକିତ୍ସା ପାଇଁ ଆସୁଥିବା ଶହ ଶହ ଗରିବ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଡାକ୍ତରଖାନାରେ ରକ୍ତ, ପରିସ୍ରା ଆଦି ବିଭିନ୍ନ ପରୀକ୍ଷା କରାଯାଉଥିଲେ ମଧ୍ୟ ପ୍ରିଣ୍ଟର ଖରାପ ଥିବାରୁ ରୋଗୀଙ୍କୁ କାଗଜ ରିପୋର୍ଟ (ହାର୍ଡ କପି) ମିଳିପାରୁ ନାହିଁ। ବାଧ୍ୟ ହୋଇ କର୍ମଚାରୀମାନେ ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ମୋବାଇଲକୁ ରିପୋର୍ଟ ପଠାଉଛନ୍ତି। ଫଳରେ ଯେଉଁ ଗରିବ, ବୃଦ୍ଧବୃଦ୍ଧା ତଥା ଅପହଞ୍ଚ ଇଲାକାର ଲୋକଙ୍କ ପାଖରେ ସ୍ମାର୍ଟଫୋନ୍ ନାହିଁ କିମ୍ବା ଡିଜିଟାଲ୍ ସଚେତନତା ନାହିଁ, ସେମାନେ ରିପୋର୍ଟ ପାଇଁ ଘଣ୍ଟା ଘଣ୍ଟା ଧରି ଧାଡ଼ି ବାନ୍ଧି ଛିଡ଼ା ହେବା ସହ ନାନା ହଇରାଣ ହେଉଛନ୍ତି। ଏପରିକି ଅନେକ ସମୟରେ ଡାକ୍ତରଙ୍କୁ ମୋବାଇଲରୁ ରିପୋର୍ଟ ଦେଖାଇବା ଏବଂ ବାହାରୁ ଟଙ୍କା ଖର୍ଚ୍ଚ କରି ପ୍ରିଣ୍ଟ ଆଣିବା ରୋଗୀଙ୍କ ପାଇଁ ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି। ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ

ଦାବି ହେଉଛି। ସମସ୍ୟା ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପ୍ରିଣ୍ଟରରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଭଳି ସମସ୍ୟା ଉପୁଜିଛି। ଖୁବ୍‌ଶୀଘ୍ର ପ୍ରିଣ୍ଟର ମରାମତି କରାଯାଇ ରୋଗୀଙ୍କୁ ପୂର୍ବଭଳି ରିପୋର୍ଟ ପ୍ରଦାନ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ତେବେ କେବେ ସୁଦ୍ଧା ଏହି ପ୍ରିଣ୍ଟର ମରାମତି ହେଉଛି ଏବଂ ଲୋକଙ୍କୁ ଯନ୍ତ୍ରଣାରୁ ମୁକ୍ତି ମିଳୁଛି, ତାହା ଦେଖିବାକୁ ବାକି ରହିଲା।

ଛାତ୍ରସଂସଦ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କିଶୋରନଗର,୧୭ ।୧୦(ସମିସ): କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ମନୋନୟନ ପ୍ରକ୍ରିୟାରେ ଛାତ୍ରସଂସଦ ଗଠିତ ହୋଇଛି। ନୂତନ କର୍ମକର୍ତ୍ତାଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ସଭାପତି ବାଦଲ କୁମାର ସାହୁ, ଉପସଭାପତି ତୃପ୍ତିମୟୀ ପ୍ରଧାନ, ସାଧାରଣ ସମ୍ପାଦକ ଅସିତ କୁମାର ଦେହୁରୀ, ସହ ସମ୍ପାଦକ ଭଗବତୀ ନାଏକ, କ୍ରୀଡ଼ା ସମ୍ପାଦକ ବିଷ୍ଣୁପ୍ରିୟା ପ୍ରଧାନ, କ୍ରୀଡ଼ା ସହ ସମ୍ପାଦକ ସାଲିମା ନାଏକ, ସାଂସ୍କୃତିକ ସମ୍ପାଦକ ଇତିଶ୍ରୀ ପ୍ରିୟଦର୍ଶିନୀ ସାହୁ, ସହସମ୍ପାଦକ ପୁଲିନ ସାହୁ, ମାଗାଜିନ ସମ୍ପାଦକ ବିଦୁସ୍ମିତା ବିଶ୍ୱାଳ, ସହ ସମ୍ପାଦକ କଳ୍ପନା ମହାପାତ୍ର, ଡିଏସଏ ସମ୍ପାଦକ ଗାୟତ୍ରୀ ଦେହୁରୀ, ସହସମ୍ପାଦକ ବିଭୂତି ରଣା, ଏସ୍‌ଏସ୍‌ଜି ସମ୍ପାଦକ ଦୀପକ କୁମାର ପ୍ରଧାନ, ଶ୍ରେଣୀ ପ୍ରତିନିଧି ପ୍ରଜ୍ଞାପାରମିତା ବେହେରା, ବୀଣାପାଣି ପ୍ରଧାନ ଓ ଆଦ୍ୟାଶା ପ୍ରଧାନଙ୍କୁ ମହାବିଦ୍ୟାଳୟ ସମ୍ମୁଖରେ ଏବିଭିପି ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ସାଂସଦଙ୍କ ପ୍ରତିନିଧି ସରୋଜ ସାହୁ, ଯୁବନେତା ଜିତେନ୍ଦ୍ର ସାହୁ, ଚିକୁନ ବିଶ୍ୱାଳ, ପ୍ରହ୍ଲାଦ ସାହୁ, ହିମାଂଶୁ ପ୍ରଧାନ, ଅଂଶୁମାନ ତ୍ରିପାଠୀ, ସୁଧାସାଗର ପ୍ରଧାନ, ଆଲୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କର୍ମକର୍ତ୍ତାମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ମା' ହିଙ୍ଗୁଳା ମନ୍ଦିର ଟ୍ରଷ୍ଟ ବୋର୍ଡର ପ୍ରଥମ ବୈଠକ

ତାଳଚେର,୧୭ ।୧୦(ସମିସ): ତାଳଚେର ବ୍ଲକ ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ମନ୍ଦିରର ନବଗଠିତ ଟ୍ରଷ୍ଟ ବୋର୍ଡର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ସମ୍ବଲପୁରସ୍ଥିତ ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତଙ୍କ ଦ୍ୱାରା ୨୦୨୬ ଅକ୍ଟୋବର ୧୩ ଆଦେଶ ଅନୁଯାୟୀ ଟ୍ରଷ୍ଟ ବୋର୍ଡ ଗଠନ ଓ ପରିଚାଳନା ଟ୍ରଷ୍ଟି ନିର୍ବାଚନ ଉଦ୍ଦେଶ୍ୟରେ ଏହି ବୈଠକ କରାଯାଇଥିଲା। ବୈଠକରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇଥିଲେ। ତାଳଚେର ଉପଜିଲ୍ଲାପାଳ ପ୍ରଜ୍ଞାନନ୍ଦନ ଗିରି, ଏସଡିପିଓ ଭରତଚନ୍ଦ୍ର ସାହୁ, ତହସିଲଦାର ଆଲଫା ଜେନା, ବିଡିଓ ସୁଶାନ୍ତ ବରାଳ, ହିଙ୍ଗୁଳା ଖଣି ମହାପ୍ରବନ୍ଧକ ସୁନୀଲ ବଂଶଲ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ। ସଦସ୍ୟ ତଥା ତାଳଚେର ରାଜାସାହେବ ବିଜୟନ୍ଦ୍ର ବୀରବର ହରିଚନ୍ଦନ ଦେବ, ରାଜନ୍ଦ୍ରେ ସିଂହ, ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ରତ୍ନାକର ସାହୁ, ସୁବାସ ପ୍ରଧାନ, ପ୍ରତାପ ସାମଲ, ଗଗନ ବିହାରୀ ସାହୁ, ସନ୍ତୋଷ ପ୍ରଧାନ ଓ କିଶୋର ମହାନ୍ତି ପ୍ରମୁଖ ବୈଠକରେ ଯୋଗଦେଇ ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଉପଜିଲ୍ଲାପାଳଙ୍କୁ ମନ୍ଦିର ପରିଚାଳନା ଟ୍ରଷ୍ଟି ଭାବେ ନିର୍ବାଚିତ କରିବାକୁ ନିଷ୍ପତ୍ତି ହୋଇଥିଲା। ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନ ୧୯୫୧ର ବ୍ୟବସ୍ଥା ଅନୁଯାୟୀ ଏହି ନବଗଠିତ ଟ୍ରଷ୍ଟ ବୋର୍ଡର ୧୭ଜଣ ଅଣବଂଶାନୁକ୍ରମିକ ଟ୍ରଷ୍ଟି ନିଯୁକ୍ତ ହୋଇଛନ୍ତି। ମନ୍ଦିର ସମ୍ପତ୍ତିର ସୁବ୍ୟବସ୍ଥିତ ପରିଚାଳନା, ଆର୍ଥିକ ରେକର୍ଡ ସ୍ୱଚ୍ଛତା ଓ ମନ୍ଦିର ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟର ସଠିକ୍ ପରିଚାଳନା ସହ ପ୍ରଚଳିତ ଆଇନଗତ ବ୍ୟବସ୍ଥାର ଅନୁପାଳନ ସୁନିଶ୍ଚିତ କରିବା ଏହି ବୋର୍ଡ ଗଠନର ମୁଖ୍ୟ ଉଦ୍ଦେଶ୍ୟ।

ଜିଲ୍ଲାସ୍ତରୀୟ ଉତ୍ସାହ ଓ ମହକ କାର୍ଯ୍ୟକ୍ରମ

ଅନୁଗୋଳ,୧୭ ।୧୦(ସମିସ):

ଶିଶୁଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ସେମାନଙ୍କୁ ପ୍ରତିଭା ପ୍ରଦର୍ଶନ ପାଇଁ ସୁଯୋଗ ଦେବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ "ଉତ୍ସାହ ଓ ମହକ' କାର୍ଯ୍ୟକ୍ରମ ଶନିବାର ସ୍ଥାନୀୟ ବ୍ଲାକ ଡାଇମଣ୍ଡରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମାୟାଧର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଅବକାରୀ ଅଧିକ୍ଷକ ମଧୁସ୍ମିତା ନାୟକ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଓ ସମାଜ ମଙ୍ଗଳ ସୁରକ୍ଷା ଅଧିକାରୀ ରୁନୁ ପ୍ରଧାନ ମଞ୍ଚାସୀନ ଥିଲେ। ଜିଲ୍ଲାର ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନ ଅନୁଗୋଳ ଉତ୍କଳ ବାଳାଶ୍ରମ, ଆଦୃତ ଶିଶୁ ସଦନ, ଆଠମଲ୍ଲିକ ବାଳାଶ୍ରମ ଶିଶୁମାନେ ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିରେ କ୍ୟାରମ୍, ଚେସ୍, ଫୁଟବଲ, ୧୦୦ ଓ ୨୦୦ ମିଟର ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ବକ୍ତୃତା, ଚିତ୍ରାଙ୍କନ, କୁଇଜ୍, ଦଳଗତ ନୃତ୍ୟ, ଏକକ ସଙ୍ଗୀତ ଓ ଟ୍ୟାଲେଣ୍ଟ ହଣ୍ଟ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅମରେଶ ଜାଲ୍ଲୀ, ଝରଣା ନାୟକ, ପ୍ରଦୀପ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଚିନ ମାଝୀ ଓ ଛଇଳ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ପ୍ରଦୀପ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ନବନିର୍ବାଚିତ ଛାତ୍ର ପ୍ରତିନିଧିଙ୍କ ଶପଥ ଗ୍ରହଣ

ଅନୁଗୋଳ,୧୭ ।୧୦(ସମିସ): ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ନବନିର୍ବାଚିତ ଛାତ୍ର ପ୍ରତିନିଧିଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଗୁରୁବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବସନ୍ତ କୁମାର ସାହୁ ପ୍ରତିନିଧିମାନଙ୍କୁ ଶପଥପାଠ କରାଇଥିଲେ। ପ୍ରତିନିଧିମାନେ ମହାବିଦ୍ୟାଳୟର ମର୍ଯ୍ୟାଦା, ସମ୍ମାନ, ଶୃଙ୍ଖଳା ଓ ପରମ୍ପରା ରକ୍ଷା ସହ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। କଲେଜରେ ଶୈକ୍ଷିକ ପରିବେଶକୁ ଅଧିକ ସୁଦୃଢ଼ କରିବା, ଛାତ୍ରୀଛାତ୍ରଙ୍କ ସମସ୍ୟା ସମାଧାନ ଦିଗରେ ଉଦ୍ୟମ କରିବା ଏବଂ ଶୃଙ୍ଖଳିତ କ୍ୟାମ୍ପସ ଗଠନରେ ସହଯୋଗ କରିବା ପ୍ରତିନିଧିଙ୍କ ପାଇଁ ଆହ୍ୱାନ ହେବ।

୭୦ତମ କ୍ରୀଡ଼ା ମହୋତ୍ସବ ପ୍ରସ୍ତୁତି ବୈଠକ

ଖମାର,୧୭ ।୧୦(ସମିସ): ପାଲଲହଡ଼ା ବ୍ଲକ୍ ଖମାର ପଞ୍ଚାୟତ ଓଡ଼ଶ ଗ୍ରାମରେ ହେବାକୁ ଥିବା ୭୦ତମ ଶାରଦୀୟ କ୍ରୀଡ଼ା ମହୋତ୍ସବ ନିମନ୍ତେ ଓଡ଼ଶ ଷ୍ଟାଡିୟମ୍ ପ୍ରେକ୍ଷାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଗ୍ରାମ ସଭାପତି ଦୁଃଖବନ୍ଧୁ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏଥିରେ ଗ୍ରାମବାସୀ ଓ ତରୁଣ କ୍ରୀଡ଼ା ପରିଷଦ ସଭ୍ୟମାନେ ଯୋଗଦେଇ ନିଜ ମତ ପ୍ରଦାନ କରିଥିଲେ। ୧୭ ତାରିଖ ମା' ଦୁର୍ଗାଙ୍କ ୧୧ତମ ପୂଜା ନିମନ୍ତେ କଳସ ଯାତ୍ରା ହେବ। ଦୁର୍ଗାପୂଜା ଆରମ୍ଭରୁ ଶେଷ ଯାଏଁ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୧୧ତମ ମାଗୁଣି ଚନ୍ଦ୍ର ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ଖେଳ ଅନୁଷ୍ଠିତ ହେବ। ସମସ୍ତ ଖେଳକୁଦ ତରୁଣ କ୍ରୀଡ଼ା ପରିଷଦ ସଭାପତି ବିନୋଦ ବିହାରୀ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହେବ। ୨୨ ତାରିଖ ମୁଖ୍ୟ ଆକର୍ଷଣ ରାବଣପୋଡ଼ି ଓ ମା' ଦୁର୍ଗାଙ୍କ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ଖମାର ଥାନା ଅଧିକାରୀ ଅରୁଣ କୁମାର ଖିଲାର ଯୋଗଦେଇ ଡିଜେ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଆଇନଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ।

ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କିଶୋରନଗର,୧୭ ।୧୦(ସମିସ): ଆଠମଲ୍ଲିକ ଉପଖଣ୍ଡ କୃତିବାସପୁର ସର୍କଲ ତେନ୍ତୁଳିପଥରସ୍ଥିତ ରାମକୃଷ୍ଣ ଶିକ୍ଷାନୁଷ୍ଠାନର ଇଂରାଜୀ ଶିକ୍ଷୟିତ୍ରୀ ସ୍ମୃତିପ୍ରଭା ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ମୃତିପ୍ରଭା ୨୦୨୩ ଜୁଲାଇ ୧୫ରେ ଏହି ଶିକ୍ଷାନୁଷ୍ଠାନରେ ଯୋଗଦେଇ ଅବସର ଗ୍ରହଣ କରିଛନ୍ତି। ଶିକ୍ଷାନୁଷ୍ଠାନର ପ୍ରିନ୍ସିପାଲ ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଶ୍ରୀରାମଦେବ କଲେଜ ଅଧ୍ୟକ୍ଷ ବାଲ୍ମୀକି ମୁଖୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅତିଥି ଓ ଛାତ୍ରଛାତ୍ରୀମାନେ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ ଉପହାର ପ୍ରଦାନ କରିବା ସହ ସମ୍ବର୍ଦ୍ଧିତ କରିଥିଲେ।

● କିଶୋରନଗର ବ୍ଲକସ୍ତରୀୟ ସୁରଭି ମହୋତ୍ସବ

'ଶିଶୁଙ୍କ ସୃଜନଶୀଳତା ଓ ଆତ୍ମବିଶ୍ୱାସର ମଞ୍ଚ ସୁରଭି'

କିଶୋରନଗର,୧୭ ।୧୦(ସମିସ): ଶିଶୁଙ୍କ ସୃଜନଶୀଳ ଓ ଆତ୍ମବିଶ୍ୱାସର ମହାନ ମଞ୍ଚ ହେଉଛି ସୁରଭି। ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ, ସୃଜନଶୀଳତାର ପରିପ୍ରକାଶ, ସ୍ୱପ୍ନର ସଫଳ ରୂପାୟନ ତଥା ଆତ୍ମବିଶ୍ୱାସକୁ ନୂତନ ଦିଗ ଦେଖାଇବା ଦିଗରେ ଏହାର ଭୂମିକା

ଗୁରୁତ୍ୱପୂର୍ଣ୍ଣ ବୋଲି ପିଏମଶ୍ରୀ କିଶୋରନଗର ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ବ୍ଲକସ୍ତରୀୟ ସୁରଭି ମହୋତ୍ସବ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କିଶୋରନଗର ବିଇଓ ଅରୁଣ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ତହସିଲଦାର ରଞ୍ଜନ କୁମାର ସାହୁ, ମୁଖ୍ୟବକ୍ତା ଭାବେ କିଶୋରନଗର ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ସାହୁ, କିଶୋରନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନ, ଏବିଇଓ ରମଣୀ ରଞ୍ଜନ ସାହୁ, ବିଆର୍‌ସିସି ଲକ୍ଷ୍ମଣ କୁମାର ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବ୍ଲକର ୧୭ କ୍ଲଷ୍ଟରର ପ୍ରାୟ ୫୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧଲିଖନ, ଚିତ୍ରାଙ୍କନ, ସଙ୍ଗୀତ, ସାଧାରଣ ଜ୍ଞାନ, ସୃଜନଶୀଳ ଲିଖନ, ପିଏମ୍ ପୋଷଣ ଏବଂ ଦଳଗତ ସାଂସ୍କୃତିକ ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଆମ୍ବପାଳ ଉଚ୍ଚ ବିଦ୍ୟାଳୟର ସାଂସ୍କୃତିକ ନୃତ୍ୟଦଳ ପ୍ରଥମ ସ୍ଥାନ ଅଧିକାର କରିଥିଲା। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ଉଭୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମଞ୍ଚ ପରିଚାଳନା କରିଥିବା ବେଳେ ଏବିଇଓ ମଙ୍ଗଳୁ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ବାଉଁଶପୋଖରୀ ମହୋତ୍ସବ 'ବିଜୟିନୀ' ଉଦ୍‌ଯାପିତ

ହିନ୍ଦୋଳ,୧୭ ।୧୦(ସମିସ): ବାଉଁଶ ପୋଖରୀ ଗ୍ରାମରେ ୭୯ବର୍ଷ ହେଲା ଶାରଦୀୟ ଦୁର୍ଗାପୂଜା ପାଳିତ ହୋଇଆସୁଛି । ଇତିମଧ୍ୟରେ ଚାରିବର୍ଷ ହେଲା ଶିଶୁ କଳାକାରମାନଙ୍କୁ ନେଇ ବାଉଁଶପୋଖରୀ ମହୋତ୍ସବ ବିଜୟିନୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇ କୁନି ପ୍ରତିଭାଙ୍କୁ ଉତ୍ସାହିତ କରାଯାଉଛି । ଶନିବାର ଏହି କାର୍ଯ୍ୟକ୍ରମ ଉଦଯାପିତ ହୋଇଛି । ବାଉଁଶ ପୋଖରୀ ସରପଞ୍ଚ ରଣଜିତ ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ । ମୁଖ୍ୟଅତିଥି ଭାବେ ହିନ୍ଦୋଳ ତହସିଲଦାର ଦିଲୀପ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ଗ୍ରାମର ବରିଷ୍ଠ ନାଗରିକ ପ୍ରଫୁଲ୍ଲ କୁମାର ସାହୁ, ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଚିନ୍ମୟ ସର, ସାମ୍ବାଦିକ ତ୍ରିନାଥ ବେହେରା ଏବଂ ସୁଜିତ ବେହେରା ଯୋଗଦେଇଥିଲେ । ଅବସରପ୍ରାପ୍ତ କଳା ଶିକ୍ଷକ ବିଜୟ କୁମାର ସ୍ୱାଇଁ ଏବଂ ସଞ୍ଜୟ କୁମାର ଦାସ ବିଚାରକ ଭାବେ ଉପସ୍ଥିତ ଥିଲେ ।

ଦୁଦୁରକୋଟ ନୂଆସାହିରେ ଗୋଷ୍ଠୀ ସଙ୍ଘର୍ଷ

ଜଣେ ମୃତ, କ୍ଷତିପୂରଣ ଦାବିରେ ରାସ୍ତାରୋକ

ହିନ୍ଦୋଳ,୧୭ ।୧୦(ସମିସ): ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ଅନ୍ତର୍ଗତ ଦୁଦୁରକୋଟ ନୂଆସାହିରେ ଗୋଷ୍ଠୀ ସଙ୍ଘର୍ଷ ଘଟି ଜଣଙ୍କ ମୃତ୍ୟୁ ହୋଇଛି । ହତ୍ୟାକାରୀଙ୍କୁ ଗିରଫ ଓ କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତାରୋକ କରିଛନ୍ତି । ଶୁକ୍ରବାର ରାତିରେ ଗ୍ରାମର ଦୁଇଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିଥିବାବେଳେ ଗ୍ରାମର ଅଖିଳ ସାହୁ (୫୦) ଯାଇ ବୁଝାସୁଝା କରିଥିଲେ । ତେବେ ଗ୍ରାମର ବସନ୍ତ ଖୁଣ୍ଟିଆ, ଆରତ ଖୁଣ୍ଟିଆ, ପ୍ରଣତି ଖୁଣ୍ଟିଆ, ବାଦଲ ଖୁଣ୍ଟିଆଙ୍କ ସମେତ ଆଉ କେତେଜଣ ଗଣ୍ଡଗୋଳକାରୀ ଅଖିଳଙ୍କୁ ଧକ୍କାମାରି ମାରପିଟ କରିଥିଲେ । ଅଖିଳ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ପରିବାର ଲୋକେ ତାଙ୍କୁ ଅନୁଗୋଳ ଡାକ୍ତରଖାନା ନେଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଅଖିଳଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି । ବାଲିମି ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ୪ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି । ମୃତଦେହ ବ୍ୟବଚ୍ଛେଦ ହୋଇ ଫେରିବା ପରେ ଫେରାର ଅଭିଯୁକ୍ତଙ୍କୁ ଗିରଫ ସହ କ୍ଷତିପୂରଣ ଦାବିରେ ଅଖିଳଙ୍କ ପରିବାର ଓ ଗ୍ରାମବାସୀ ଦୁଦୁରକୋଟ ଛକରେ ଶବ ରଖି କଟକ-ସମ୍ବଲପୁର ରାସ୍ତା ଅବରୋଧ କରିଥିଲେ । ତହସିଲଦାର ଦିଲୀପ ସେଠୀ ଓ ପୁଲିସ ପହଞ୍ଚି ବୁଝାସୁଝା କରି ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ହଟିଥିଲା ।

ଗର୍ଭଣା ସଂକ୍ରାନ୍ତି: କପିଳାସରେ ଭକ୍ତଙ୍କ ଭିଡ଼

ଗଁଦିଆ,୧୭ ।୧୦(ସମିସ): ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସଠାରେ ଗର୍ଭଣା ସଂକ୍ରାନ୍ତି ଉପଲକ୍ଷେ ଶନିବାର ବାବା ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା । ପ୍ରାତଃ ସମୟରୁ ଠାକୁରଙ୍କ ସମସ୍ତ ନୀତି ପରେ ଦର୍ଶନ ନିମନ୍ତେ ଅପେକ୍ଷାରତ ଭକ୍ତଙ୍କ ପାଇଁ ମନ୍ଦିର ଖୋଲା ଯାଇଥିଲା । ଶ୍ରଦ୍ଧାଳୁମାନେ ସିଂହଦ୍ୱାରରୁ ଶାନ୍ତିଶୃଙ୍ଖଳାରେ ଧାଡ଼ିରେ ଆସି ବାବାଙ୍କ ଦର୍ଶନ କରିଥିଲେ । ଆଜି ଛୁଟିଦିନ ଥିବାରୁ ଢେଙ୍କାନାଳ ସମେତ ପଡ଼ୋଶୀ ଜିଲ୍ଲାର ଶ୍ରଦ୍ଧାଳୁ ଆସିଥିଲେ । ଠାକୁରଙ୍କ ଦର୍ଶନ କରିବା ସହ ଏଠାରେ ଥିବା ପ୍ରାକୃତିକ ପରିବେଶକୁ ଭରପୂର ଉପଭୋଗ କରିଥିଲେ । ଏଥିସହ ମୃଗବିହାର, ବିଜ୍ଞାନ ଉଦ୍ୟାନ, ହାତୀ ସୁରକ୍ଷା କେନ୍ଦ୍ର, କୁମ୍ଭୀର ବିଚରଣ କେନ୍ଦ୍ର ବୁଲି ମଜା ନେଇଥିଲେ ।

ଆନ୍ଦୋଳନରେ କର୍ମଚାରୀ; ବିଦ୍ୟୁତ୍ ବ୍ୟବସ୍ଥା ଶୋଚନୀୟ

ଭୁବନ,୧୭ ।୧୦(ସମିସ): ଭୁବନ ବିଦ୍ୟୁତ୍ ବିଭାଗ ମିଟର ରିଡର, ବିଲ୍ କଲେକ୍ଟର, ଫିଲ୍ଡ ମେଣ୍ଟେନାନ୍ସ ଓ ଷ୍ଟ୍ରିଟ୍ ଲାଇଟ୍ ମେଣ୍ଟେନାନ୍ସ କର୍ମଚାରୀମାନେ ଆନ୍ଦୋଳନରେ ରହିଥିବାରୁ ମରାମତି କାର୍ଯ୍ୟ ହୋଇପାରିନାହିଁ । ବିଦ୍ୟୁତ୍ ତାର ଟଣାଯାଇ ନାହିଁ କି ନୂତନ ତାର ମଧ୍ୟ ଲଗାଯାଇ ନାହିଁ । ଶାନ୍ତି କମିଟି ବୈଠକରେ ବିଦ୍ୟୁତ୍ ବିଭାଗର ସମସ୍ତ କାର୍ଯ୍ୟ କରାଯିବ ବୋଲି ଚୂଡ଼ାନ୍ତ ନିଷ୍ପତ୍ତି ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ । ଏପରି ସ୍ଥିତିରେ ନା ଶାସକ ଦଳ ନା ବିରୋଧୀ ନେତା, କେହି ମଧ୍ୟ ଭୁବନବାସୀଙ୍କ ଦୁଃଖ ବୁଝିବାକୁ ଆଗେଇ ଆସୁ ନ ଥିବା ଅଭିଯୋଗ ହେଉଛି । ଆସନ୍ତା ୨୧ ଓ ୨୨ ତାରିଖ ଦଶହରା ଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିପାଇଁ ପ୍ରାୟ ୩୦ କର୍ମଚାରୀଙ୍କ ଆବଶ୍ୟକତା ରହିଛି । ମାତ୍ର ନିୟମିତ ୭ କର୍ମଚାରୀଙ୍କୁ ନେଇ କିପରି ଏତେ ବଡ଼ କାର୍ଯ୍ୟ ସମ୍ପାଦିତ ହେବ ସେ ନେଇ ପ୍ରଶ୍ନ ଉଠିଛି । ଏଭଳି ପରିସ୍ଥିତିରେ ଦଶହରା ଯାତ୍ରାରେ ଉପୁଜିବାକୁ ଥିବା ସମସ୍ୟାର ମୁକାବିଲା କିପରି ହେବ, ତାହା ଚିନ୍ତାର ବିଷୟ ପାଲଟିଛି । ଏଣୁ ବିଦ୍ୟୁତ୍ ବିଭାଗର ଉଚ୍ଚ ଅଧିକାରୀମାନେ ଏହି ସମସ୍ୟାରେ ହସ୍ତକ୍ଷେପ କରି ତୁରନ୍ତ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି ।

ଖବରକାଗଜ ବିତରକଙ୍କ ପୁଅ ରେଭେନ୍ସା ଛାତ୍ରସଂସଦ ସଭାପତି

ଗଁଦିଆ ପାଇଁ ଗୌରବ ଆଣିଲେ ବିଶ୍ୱଜିତ୍

ଗଁଦିଆ,୧୭ ।୧୦(ସମିସ): ଖବରକାଗଜ ବିତରକଙ୍କ ପୁଅ ରେଭେନ୍ସା ଭଳି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ସଭାପତି ଭାବେ ନିର୍ବାଚିତ ହୋଇ ଅଞ୍ଚଳ ପାଇଁ ଗୌରବ ସାଜିଛନ୍ତି । ଏ ନେଇ କେବଳ ଜିଲ୍ଲା ନୁହଁ ବରଂ ସାରା ରାଜ୍ୟରେ ସେ ଚର୍ଚ୍ଚାର କେନ୍ଦ୍ର ପାଲଟିଛନ୍ତି । ସେ ହେଲେ ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ଗ୍ରାମର ବିଶ୍ୱଜିତ ଷଡ଼ଙ୍ଗୀ । ସାହସ, ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ଆଗରେ ହାର ମାନେ ଆର୍ଥିକ ଅଭାବ, ସମସ୍ତ ପ୍ରତିବନ୍ଧକ । ଏହାର ଏକ ପ୍ରେରଣାଦାୟକ ଉଦାହରଣ ହେଉଛନ୍ତି ବିଶ୍ୱଜିତ । ବାପା ଖବରକାଗଜ ବିକ୍ରି କରି ପରିବାର ଚଳାଉଥିବା ବେଳେ ବିଶ୍ୱଜିତ ରେଭେନ୍ସା ଛାତ୍ରସଂସଦ ସଭାପତି ହୋଇ ଗାଁ ପାଇଁ ଗୌରବ ଆଣିଛନ୍ତି । ରେଭେନ୍ସା ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ସଭାପତି ନିର୍ବାଚିତ ହୋଇ ସେ ନିଜ ନେତୃତ୍ୱ, ଦାୟିତ୍ୱବୋଧର ପ୍ରମାଣ ଦେଇଛନ୍ତି । ଏହି ଉପଲବ୍ଧି ତାଙ୍କ ପରିବାର ସହ ସମଗ୍ର ଷଡ଼ଙ୍ଗୀ ଗାଁ ଓ ଢେଙ୍କାନାଳ ଜିଲ୍ଲା ପାଇଁ ଗର୍ବର ବିଷୟ ପାଲଟିଛି ।

ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବହ୍ଲବ ପରିଦର୍ଶନ

ଗଁଦିଆ,୧୭ ।୧୦(ସମିସ): ଗଁଦିଆ ବ୍ଲକର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସ୍ଥାନୀୟ ଶ୍ରୀ ଶ୍ରୀ ଜ୍ଞାନମନ୍ଦିର ବହ୍ଲବକୁ ପରିଦର୍ଶନରେ ଆସିଥିଲେ । ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବା ନିବୃତ୍ତ ପ୍ରଧାନ ଶିକ୍ଷୟିତ୍ରୀ ମନୋଜ ମଞ୍ଜରୀ ଲେଙ୍କା ଓ ପ୍ରକୃତିବନ୍ଧୁ ହରିହର ସାହୁ ଗଁଦିଆ ବ୍ଲକରେ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଦ୍ୱାରା ଅନୁମୋଦିତ ବହ୍ଲବ ଗ୍ରାମରେ ଗଢ଼ିଉଠିଥିବା ଜ୍ଞାନ ମନ୍ଦିରକୁ ଆସି ଶୈକ୍ଷିକ ପରାମର୍ଶ ପ୍ରଦାନ କରିଥିଲେ । ଜ୍ଞାନ ମନ୍ଦିରର ପ୍ରଧାନଶିକ୍ଷକ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଅନୁଷ୍ଠାନର ସମ୍ପାଦକ ଅନ୍ତର୍ଯ୍ୟାମୀ ସାମଲ ଉପସ୍ଥିତ ଥିଲେ ।

ଛାତ୍ରସଂସଦ ପ୍ରତିନିଧିଙ୍କ ଶପଥ ଗ୍ରହଣ ଉତ୍ସବ

ଭୁବନ,୧୭ ।୧୦(ସମିସ): ଭୁବନ ଡିଗ୍ରୀ ମହିଳା ମହାବିଦ୍ୟାଳୟ ଛାତ୍ରସଂସଦର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି । ସଭାପତି ସନ୍ତୋଷିନୀ ସାହୁ, ଉପସଭାପତି ଶଶିରେଖା ମହାନ୍ତ, ସାଧାରଣ ସମ୍ପାଦକ ରଶ୍ମିତା ପୃଷ୍ଟି, ସହକାରୀ ସାଧାରଣ ସମ୍ପାଦକ ଭୁବନ ମୋହିନୀ ମହାନ୍ତ ପ୍ରମୁଖ ଶପଥ ଗ୍ରହଣ କରିଛନ୍ତି । ସେହିପରି ଡ୍ରାମାଟିକ୍ କ୍ଲବ ସମ୍ପାଦିକା ଚିନ୍ମୟୀ ନାୟକ ଆଥଲେଟିକ କ୍ଲବ ସମ୍ପାଦିକା ବର୍ଷାରାଣୀ ତରାଇ ଶପଥ ଗ୍ରହଣ କରିଛନ୍ତି । ଉତ୍ସବରେ ଏବିଭିପିର ପୂର୍ବତନ ରାଜ୍ୟ ସଭାପତି ଦିଲୀପ କୁମାର ଦାସ ଉପସ୍ଥିତ ଥିଲେ । ନବନିର୍ବାଚିତ କର୍ମକର୍ତ୍ତାମାନେ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶର ଉନ୍ନତି ସହ ଛାତ୍ରୀମାନଙ୍କ ସମସ୍ୟା ସମାଧାନ ଓ ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟ କରିବେ ବୋଲି ଆଶା ପ୍ରକାଶ ପାଇଛି ।

ରାସ୍ତା ପାର୍ଶ୍ୱ ସୁରକ୍ଷାବାଡ଼ ଉପରେ ଚୋରଙ୍କ ନଜର

ରାତାରାତି କାଟି କାବାଡ଼ିରେ ବିକ୍ରି ହେଉଛି ଲୁହା

ଗଁଦିଆ,୧୭ ।୧୦(ସମିସ): ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଧୀନ ବଡ଼କମରଠାରୁ ମୁକ୍ତାପଶି ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଏବେ ସରିଥିବା ବେଳେ ବିଭିନ୍ନ ସ୍ଥାନରେ ରାସ୍ତା ପାର୍ଶ୍ୱରେ ଜିଆଇରେ ନିର୍ମିତ ସୁରକ୍ଷା ବାଡ଼ ଦିଆଯାଇଛି । ତେବେ ଦୁର୍ବୃତ୍ତଙ୍କ ନଜର ଏବେ ସେହି ସୁରକ୍ଷା ବାଡ଼ ଉପରେ ପଡ଼ିଛି । ପ୍ରତିଦିନ କିଛି ସ୍ଥାନରୁ ପ୍ରଥମେ ପୋତାଯାଇଥିବା ଜିଆଇ ଖୁଣ୍ଟ ଉପାଡ଼ି ନଟ ବୋଲ୍ଟ ଖୋଲି ନେଇ ଯାଉଛନ୍ତି । ପରେ ପୁଣି ଅନ୍ୟ ଦିନ ଆସି କଟର ସାହାଯ୍ୟରେ ଅନ୍ୟ ସୁରକ୍ଷା ବାଡ଼ଗୁଡ଼ିକ ନେଇ ଯାଉଛନ୍ତି । ଫଳରେ ରାସ୍ତାରେ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ପାଇଁ ବିପଦ ପାଲଟିଛି । ସ୍ଥାନୀୟ ବାସିନ୍ଦାଙ୍କ କହିବା କଥା ସାଆନ୍ଦା ଫାଣ୍ଡି ତରଫରୁ ପାଟ୍ରୋଲିଂ ହେଉ ନ ଥିବା ବେଳେ ଫାଣ୍ଡି ଅଧୀନ ପାଟରପଦା ପଞ୍ଚାୟତ ଅଞ୍ଚଳରେ ଥିବା କବାଡ଼ି ଦୋକାନ ଯୋଗୁଁ ଅଞ୍ଚଳରେ ଚୋରି ବୃଦ୍ଧି ପାଉଛି । ଚୋରମାନେ ବିଭିନ୍ନ ଅଞ୍ଚଳରୁ ଚୋରି କରିବା ପରେ ତୁରନ୍ତ ଚୋରି ସାମଗ୍ରୀ ଉକ୍ତ କବାଡ଼ି ଦୋକାନରେ ବିକ୍ରି କରୁଛନ୍ତି । ଫଳରେ ଚୋରି ସାମଗ୍ରୀ ଉଦ୍ଧାର ହୋଇ ପାରୁନାହିଁ । କବାଡ଼ି ଦୋକାନୀ କେବଳ ଭଙ୍ଗା ସାମଗ୍ରୀ ପାଇଁ ଅନୁମତି ପାଇଥିବା ବେଳେ ନୂତନ ରଡ୍, ଆଙ୍ଗେଲ, ବିଭିନ୍ନ ଚୋରି ସାମଗ୍ରୀ ମଧ୍ୟ ରଖୁଛନ୍ତି । ପୁଲିସ ଉକ୍ତ କବାଡ଼ି ଦୋକାନରେ ଯାଞ୍ଚ କରୁ ନ ଥିବାରୁ ଏଭଳି ଚୋରି ଦିନକୁ ଦିନ ବଢ଼ି ଚାଲିଛି । ଏହି ବିଷୟରେ ଫାଣ୍ଡି ଅଧିକାରୀ ଅନନ୍ତରାମ ମାଝୀଙ୍କୁ ପଚାରିବାରୁ ଏଥିପ୍ରତି ଦୃଷ୍ଟି ଦେବା ସହ କବାଡ଼ି ଦୋକାନରେ ଯାଞ୍ଚ ମଧ୍ୟ କରାଯିବ ବୋଲି କହିଛନ୍ତି ।

ଭେଣ୍ଡିଂ ଜୋନ୍ ଆବଣ୍ଟନ ନେଇ ବିବାଦ

ଖାଲି ପଡ଼ିଛି ଜୋନ୍, ରାସ୍ତା ପାର୍ଶ୍ୱରେ ଉଠାଦୋକାନୀ

ଭୁବନ,୧୭ ।୧୦(ସମିସ): ଭୁବନ ଏନ୍‌ଏସି ପକ୍ଷରୁ ଭେଣ୍ଡିଂ ଜୋନ୍ ନିର୍ମାଣ ସତ୍ତ୍ୱେ ରାସ୍ତା ପାଶ୍ୱର୍ରେ ମାଳମାଳ ଉଠା ଦୋକାନ ଦେଖିବାକୁ ମିଳୁଛି । ଭେଣ୍ଡିଂ ଜୋନ୍ ଗୃହଗୁଡ଼ିକ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଖାଲି ପଡ଼ିଥିବା ବେଳେ କାହା ସ୍ୱାର୍ଥରେ ଉଠା ଦୋକାନ ଖୋଲିବାକୁ ଅନୁମତି ମିଳିଛି, ସେ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି ।

ସହର ସୌନ୍ଦର୍ଯ୍ୟକରଣ ସହ ବେକାର ଯୁବକମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ଭେଣ୍ଡିଂ ଜୋନ୍ ଗୃହ ନିର୍ମାଣରେ ବିପୁଳ ଅର୍ଥ ବ୍ୟୟ କରିଛନ୍ତି । ବିଦ୍ୟୁତ୍ କାର୍ଯ୍ୟାଳୟ ଛକ ଓ ଲକ୍ଷ୍ମୀବଜାର ଅଞ୍ଚଳରେ ୨୮ଟି ଭେଣ୍ଡିଂ ଜୋନ୍ ଗୃହ ନିର୍ମାଣ ହୋଇ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ସେଗୁଡ଼ିକ ଆବଣ୍ଟନ କରାଯାଉନାହିଁ । ଅନ୍ୟପକ୍ଷରେ, ପ୍ରାୟ ପ୍ରତିଦିନ ନୂଆ ନୂଆ ଉଠା ଦୋକାନ ଗଢ଼ି ଉଠୁଛି । ଭେଣ୍ଡିଂ ଜୋନ୍ ଗୃହ ନିର୍ମାଣ ପରେ ସ୍ଥାନୀୟ ନେତାଙ୍କ ମଧ୍ୟରେ ଏହାର ବଣ୍ଟନକୁ ନେଇ ଅନେକ ସମୟରେ ବିବାଦ ସୃଷ୍ଟି ହେଉଥିବାରୁ ଗୃହଗୁଡ଼ିକ ଆବଣ୍ଟନ ହୋଇପାରୁ ନ ଥିବା ଚର୍ଚ୍ଚା ହେଉଛି । ଫଳରେ ଗୃହଗୁଡ଼ିକ ଖାଲି ପଡ଼ିରହିଛି । ଏହା ପଛରେ କାହାର ସ୍ୱାର୍ଥ ରହିଛି, ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

ଓଡ଼ାପଡ଼ା ତହସିଲଦାର ମନୋଜ ମାଝୀ ନିଲମ୍ବିତ

ଢେଙ୍କାନାଳ,୧୭ ।୧୦(ସମିସ): ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀଙ୍କୁ ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ ତରଫରୁ ନିଲମ୍ବନ କରାଯାଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି । ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ବିଚାରାଧୀନ ଥିବାରୁ ଏହି ଆଦେଶ ତୁରନ୍ତ ଲାଗୁ କରାଯାଇଛି । ନିଲମ୍ବନ ସମୟରେ ସେ କଟକସ୍ଥିତ ରାଜସ୍ୱ ଡିଭିଜନାଲ କମିଶନରଙ୍କ କାର୍ଯ୍ୟାଳୟରେ ରହିବେ । ଏଥିସହ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ତାଙ୍କ ବିରୋଧରେ ଆବଶ୍ୟକ ଅଭିଯୋଗପତ୍ର ଓ ସମ୍ପୃକ୍ତ ଦସ୍ତାବିଜ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେ ରାଜ୍ୟ ବାହାରକୁ ଯିବାପାଇଁ ବାରଣ କରାଯାଇଥିବା ବେଳେ ଯଦି ଯିବେ ତେବେ କଟକ ଆରଡିସିଙ୍କ ଅନୁମତି ନେବାକୁ ପଡ଼ିବ । ଓଡ଼ାପଡ଼ା ତହସିଲଦାରଙ୍କ ନାମରେ ପୂର୍ବରୁ ବହୁ ଅଭିଯୋଗ ହୋଇଆସୁଥିଲା । ଖଣି, ବାଲି ମାଫିଆଙ୍କ ସହ ତାଙ୍କ ସମ୍ପର୍କ ରହିଥିବା ଅଭିଯୋଗ ହୋଇଥିଲା ।

ଖଜୁରିଆକଟାରେ ଦଶହରା କଳସ ପୂଜା

ଖଜୁରିଆକଟା,୧୭ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ଦଶହରା ପୂଜା ଉପଲକ୍ଷେ ୧୭ ତାରିଖ ଷଷ୍ଠୀ ତିଥିରେ ରୀତିନୀତି ଅନୁସାରେ ବାଲିମି ଶିବ ମନ୍ଦିର ନିକଟରୁ କଳସ ଯାତ୍ରା ଆରମ୍ଭ ହୋଇ ଦେବୀ ମଣ୍ଡପରେ ସ୍ଥାପନ କରାଯାଇଥିଲା ।ବାଣ ରୋଷଣୀ ସାଙ୍ଗକୁ ସ୍ଥାନୀୟ କୁକୁଟା ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀ ଓ ରକଲା ଗ୍ରାମର ଘଣ୍ଟୁଆ ଦଳ କଳସୀ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିଲେ । ବଜାର ବାସୀଙ୍କ ଉପସ୍ଥିତିରେ ଚିତ୍ତାକର୍ଷକ ନାମ ସଙ୍କୀର୍ତ୍ତନ ଓ ଘଣ୍ଟବାଦ୍ୟ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଦର୍ଶକ ଉପସ୍ଥିତ ଥିଲେ ।ଷଷ୍ଠୀ ରାତ୍ରିର ପାହାନ୍ତ ପ୍ରହରରେ ଦେବୀ ଦୁର୍ଗାଙ୍କର ପୂଜା ଯଥା ବିଧିରେ ଆରମ୍ଭ ହେବ । ପାଞ୍ଚଦିନ ବ୍ୟାପି ଏହି ସାର୍ବଜନୀନ ଦଶହରା ପର୍ବ ଉପଲକ୍ଷେ ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଦୀର୍ଘ ଦୁଇ କିଲୋମିଟର ମୁଖ୍ୟ ରାସ୍ତାକୁ ଆଲୋକ ମାଳାରେ ସଜ୍ଜିତ କରିବା ସହିତ ଚାରି ଗୋଟି ଉଚ୍ଚ ତୋରଣ ବଜାରର ଶୋଭାକୁ ଦ୍ୱିଗୁଣିତ କରିଛି ।ଏହି ପର୍ବରେ ମିନାବଜାର ମୁଖ୍ୟ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି ।ଏହି ଦିବସରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଉତ୍ସବରେ ସଫଳତା କାମନା କରିବା ସହିତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଁଛନ୍ତି ।ଏହି ଦୁର୍ଗା ପୂଜାରେ କମିଟିର ସଭାପତି ଲୋଚନ ସାହୁ, ଉପସଭାପତି ନୀଳକଣ୍ଠ ଦାସ, ସମ୍ପାଦକ ବିରଜା ପ୍ରସାଦ ଆଚାର୍ଯ୍ୟ , କୋଷାଧ୍ୟକ୍ଷ ଶିଶିର କୁମାର ଜେନାମଣି , ବରିଷ୍ଠ କର୍ମକର୍ତ୍ତା ପ୍ରଫୁଲ୍ଲ ଦେହୁରୀ,ପ୍ରଶାନ୍ତ କୁମାର ଜେନାମଣି, ଶ୍ରୀନିବାସ ସାମଲ, ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ରମେଶ ଆଚାର୍ଯ୍ୟ, ସୁଧୀର କୁମାର ସାହୁ, ଟୁକୁନା ଅଲ୍ଲୀ, ମନୋଜ କୁମାର ପ୍ରଧାନ, କିଶୋରୀ ଜେନାମଣି ,ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରୁଛନ୍ତି ।ଏହି ଦୁର୍ଗା ପୂଜାରେ ଆସନ୍ତା ୧୯ ତାରିଖ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଦର୍ଶକ ମାନଙ୍କ ମନୋରଞ୍ଜନ ପାଇଁ ମୁକ୍ତ ରଙ୍ଗମଞ୍ଚରେ ଅପେରା ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତାଙ୍କ ଠାରୁ ଜଣାପଡିଛି ।

ଦୁର୍ଗାପୂଜା ପାଇଁ ଦାଣ୍ଡିମାଳ ଉତ୍ସବମୁଖର

ଢେଙ୍କାନାଳ,୧୭ ।୧୦(ସମିସ): ଓଡ଼ାପଡ଼ା ବ୍ଲକ ଦାଣ୍ଡିମାଳ ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଚଳିତ ବର୍ଷ ୧୨ଟି ଗେଟ ନିର୍ମାଣ ହୋଇଥିବା ବେଳେ ବିଭିନ୍ନ ପୂଜାମଣ୍ଡପରେ ଲାଇଟ ଗେଟ୍ ଲାଗିଲାଣି । ସିମିନଈରେ ୮ ମଣ୍ଡପରେ ପୂଜା ଅନୁଷ୍ଠିତ ହେଉଥିବା ବେଳେ ଅଙ୍ଗରାନ୍ତିପୁରରେ ଦୁଇ, ମୂଳିସିଂହରେ ଗୋଟିଏ, ନୀଳାମ୍ବରପୁରରେ ଗୋଟିଏ, ମହେନ୍ଦ୍ରପୁରରେ ଗୋଟିଏ, ସାଇଁବିରିରେ ତିନିଟି, ଗଦାଶିଳା ରାମମନ୍ଦିର ନିକଟରେ ଗୋଟିଏ, ଚାଇଁପୁରରେ ଗୋଟିଏ ମଣ୍ଡପରେ ଏଭଳି ୧୬ ମଣ୍ଡପରେ ପୂଜା ଅନୁଷ୍ଠିତ ହେବ । ଏହା ସହିତ ମନ୍ଦିରରେ ମଧ୍ୟ ପୂଜା ଅନୁଷ୍ଠିତ ହେବ । ପୂଜା ପାଇଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଛି ।

ଅକ୍ଟୋବର ୧୬ ଓ ୧୭ ତାରିଖ ସପ୍ତମୀ ତିଥିରୁ ମୃଣ୍ମୟୀ ଦେବୀଙ୍କ ପୂଜା ହେଉଛି । ମୂଳିସିଂହଠାରୁ ଚାଇଁପୁର ମଣିଦେବୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ତିନି କିଲୋମିଟର ରାସ୍ତାରେ ସାଜସଜ୍ଜା ସହ ଲାଇଟ ଗେଟ ଶୋଭାପାଉଛି । ସିମିନଈ ଯାତ୍ରା ପଡ଼ିଆରେ ମୀନାବଜାର ସହ ଦୋଳି ବ୍ୟବସ୍ଥା କରାଯାଇଛି । ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ପୂଜା ହେଉଥିବା ବେଳେ ଏହାକୁ ଉପଭୋଗ କରିବା ପାଇଁ ଢେଙ୍କାନାଳ ସହର ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ସାମିଲ ହୋଇଥାନ୍ତି । ଚଳିତ ବର୍ଷ ପ୍ରତ୍ୟେକ ପୂଜା ମଣ୍ଡପ ତରଫରୁ ପୂଜାକୁ ଅଧିକ ଆକର୍ଷଣୀୟ କରାଯାଉଥିବା ବେଳେ ରାସ୍ତା ଅବସ୍ଥା କିନ୍ତୁ ପୂର୍ବପରି ଶୋଚନୀୟ ହୋଇପଡ଼ିଛି । ଅଙ୍ଗାରାନ୍ତିପୁର ହାଟ ପଡ଼ିଆରେ ମାତ୍ରାଧିକ ମଦବିକ୍ରି ହେଉଥିବା ଜଣାପଡ଼ିଛି ।

୫୬ ବର୍ଷରେ ଗୁଜୁରିହାଟ ଦେଶ ଦୁର୍ଗାପୂଜା

ଭୁବନ,୧୭ ।୧୦(ସମିସ): ଭୁବନ ଗୁଜୁରିହାଟ ଦେଶ ଦୁର୍ଗାପୂଜା ୫୬ ବର୍ଷରେ ପହଞ୍ଚିଛି । ଅଞ୍ଚଳର ବ୍ୟବସାୟୀମାନେ ଅଞ୍ଚଳବାସୀଙ୍କ ସହଯୋଗରେ ପ୍ରଥମେ ଚାଳଛପର ଘରେ ପୂଜା କରୁଥିଲେ । ଏବେ ପକ୍କା ଛାତ ଘର ମଣ୍ଡପରେ ମା' ପୂଜା ପାଉଛନ୍ତି । ଭୁବନ ଗାଁର ଶିଳ୍ପୀ ସୁରେନ୍ଦ୍ର ମିଶ୍ର ୫୨ ବର୍ଷ ଧରି ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରୁଥିଲେ । ଦୁଇ ବର୍ଷ ହେଲା ପାଖ ଗ୍ରାମରୁ କାରିଗର ଆସି ମୂର୍ତ୍ତି ନିର୍ମାଣ କରୁଛନ୍ତି । ସମ୍ପାଦକ ଲକ୍ଷ୍ମୀଧର ମହାରଣା, କୋଷାଧ୍ୟକ୍ଷ ପ୍ରଭାତ ଅଗ୍ରୱାଲ, ସଦସ୍ୟ ଯୁଗଳ କିଶୋର ଅଗ୍ରୱାଲ, ପ୍ରମୋଦ ପୃଷ୍ଟି, ଚିନ୍ମୟ ପୃଷ୍ଟି ପ୍ରମୁଖଙ୍କ ନେତୃତ୍ୱରେ ପୂଜା ଆୟୋଜିତ ହେଉଛି । ରଙ୍ଗବେରଙ୍ଗର ଆଲୋକମାଳା ଓ ତୋରଣରେ ମଣ୍ଡପ ସଜ୍ଜିତ ହୋଇଛି । ଭସାଣି ଦିନ ପ୍ରଥମେ ବନଦୁର୍ଗା ମେଢ଼ ଏବଂ ଶେଷରେ ଦେଶଦୁର୍ଗା ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥାନ୍ତି । ଆଗରୁ ଲୋକମାନେ କାନ୍ଧରେ ମେଢ଼ ନେଉଥିଲେ । ଏବେ ଟ୍ରାକ୍ଟରରେ ମା'ଙ୍କୁ ନିଆଯାଉଥିବା ବଜାର କମିଟି ସମ୍ପାଦକ ଲକ୍ଷ୍ମୀଧର ମହାରଣା କୁହନ୍ତି । ୧୯୮୭ରେ ସମଗ୍ର ଭୁବନରେ ଘରପୋଡ଼ି ପାଉଁଶ ହୋଇଯାଇଥିଲା । କିନ୍ତୁ ମା' ଦୁର୍ଗାଙ୍କ ଚାଳଛପର ଘରଟି ପୋଡ଼ି ନ ଥିଲା । ୨୦୦୭ରେ ପ୍ରବଳ ବର୍ଷା ଯୋଗୁଁ ଭସାଣି ବନ୍ଦ ହୋଇଥିଲା । ଦୁଇଦିନ ପରେ ଭସାଣି ହୋଇଥିଲା । ପ୍ରଶାସନ ପକ୍ଷରୁ ଦେଶଦୁର୍ଗା ମେଢ଼କୁ ଭସାଣି ନିମନ୍ତେ ନେବା ପାଇଁ ବହୁ ଚେଷ୍ଟା କରାଯାଇଥିଲା । କିନ୍ତୁ ମେଢ଼ ଆସ୍ଥାନରୁ ଉଠି ନ ଥିଲେ । ଏହା ମା'ଙ୍କ ମହିମା ବୋଲି ପ୍ରଭାତ ଅଗ୍ରୱାଲ କହିଛନ୍ତି ।

ଦୁର୍ଘଟଣାରେ ୨ ଗୁରୁତର

ଗଁଦିଆ,୧୭ ।୧୦(ସମିସ): ଗଁଦିଆ ବ୍ଲକ ମଠତେନ୍ତୁଳିଆ-ସୋରିଷିଆପଦା ରାସ୍ତାର ମୁଣ୍ଡୁମାରୀ ନିକଟରେ ସଡ଼କ ଦୁର୍ଘଟଣା ଘଟି ଦୁଇ ଯୁବକ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ମୁଣ୍ଡୁମାରୀ ଗ୍ରାମର ତପୁ ଖଟୁଆ (୧୮) ଓ ସୁବଳ ଖଟୁଆ (୩୫) । ଉଭୟ ଏକ ବାଇକ୍‌ରେ ଗାଁକୁ ଫେରୁଥିବା ସମୟରେ ମୁଣ୍ଡୁମାରୀ ନିକଟରେ ଭାରସାମ୍ୟ ହରାଇ ରାସ୍ତାପାଖର୍ ଗଛରେ ଧକ୍କା ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତପୁଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି ।

ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିତ

ଗଁଦିଆ,୧୭ ।୧୦(ସମିସ): ଗଁଦିଆ ବ୍ଲକ ବିଜେଡି କାର୍ଯ୍ୟାଳୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ୮୦ତମ ଜନ୍ମଦିନ ପାଳିତ ହୋଇଛି । ବ୍ଲକ ବିଜେଡି ସଭାପତି ପ୍ରଦୀପ କୁମାର ରାଉତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ଉପସ୍ଥିତ ଦଳୀୟ ନେତା ଓ କର୍ମୀ ନବୀନଙ୍କ ଦୀର୍ଘାୟୁ କାମନା କରି ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଚନ୍ଦ୍ରଶେଖରଙ୍କ ମନ୍ଦିରରେ ଦୀପଦାନ କରିବା ସହିତ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲା ବିଜେଡି ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ରୁବି ବିଶ୍ୱାଳ, ଗଁଦିଆ ବିଜେଡି ସଭାପତି ଅଜିତ ପ୍ରସାଦ ରାଉତ, ଜିଲ୍ଲାପରିଷଦ ସଭ୍ୟ ବିଭୂତି ଭୋଇ, ପୂର୍ବତନ ସରପଞ୍ଚ ବଳରାମ ପରିଡ଼ା, ବୀରେନ୍ଦ୍ର କୁମାର ଜେନାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

ଜନନୀ ସୁରକ୍ଷା ଯୋଜନା ବିପନ୍ନ

୩ କିଲୋମିଟର ଖଟିଆରେ ବୁହାହେଲେ ପ୍ରସୂତି

ପରଜଙ୍ଗ,୧୭ ।୧୦(ସମିସ): ପରଜଙ୍ଗ ବ୍ଲକ ପଥରଖମ୍ବ ପଞ୍ଚାୟତ କାମର୍ଦା ଗ୍ରାମରେ ରାସ୍ତା ନ ଥିବାରୁ ପ୍ରସୂତି ମହିଳାଙ୍କୁ ଖଟରେ ବୋହିନେବା ଘଟଣା ପୁଣି ଥରେ ଜନନୀ ସୁରକ୍ଷା ଯୋଜନା ପ୍ରତି ପ୍ରଶ୍ନ ଉଠାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସୂତି ମହିଳାଙ୍କ ସ୍ୱାସ୍ଥ୍ୟ ସମସ୍ୟା ନିମନ୍ତେ ବିଧିବଦ୍ଧ ଯୋଜନା ରହିଛି । ହେଲେ ଯୋଜନା କେବଳ ନଥିପତ୍ରରେ ସୀମିତ ଥିବା ଦେଖିବାକୁ ମିଳିଛି ।

କାମର୍ଦା ଗ୍ରାମ ଆଦିବାସୀବହୁଳ କୋହ୍ଲସାହିର ଗୁଡୁ ପୂର୍ତ୍ତିଙ୍କ ସ୍ତ୍ରୀ ଶକୁନ୍ତଳା ଗାଗରାଇ (୨୬)ଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ପରିବାର ଲୋକେ ମମତା ଏକ୍ସପ୍ରେସକୁ ଡକାଇଥିଲେ । ହେଲେ ସାହିକୁ ରାସ୍ତା ନ ଥିବାରୁ ଗାଡ଼ି କାମର୍ଦାଠାରେ ଅଟକି ରହିଥିଲା । ଏପଟେ ଗର୍ଭ ଯନ୍ତ୍ରଣାରେ ଛଟପଟ ହେଉଥିବା ଶକୁନ୍ତଳାଙ୍କୁ ଖଟିଆ ଯୋଗେ ପରିଜନଙ୍କ ସହାୟତାରେ ଦୀର୍ଘ ୩ କିଲୋମିଟର ଘଞ୍ଚ ଜଙ୍ଗଲ ଦେଇ ମମତା ଏକ୍ସପ୍ରେସ ପାଖରେ ପହଞ୍ଚାଯାଇଥିଲା । ସ୍ୱାଧୀନତାର ୮ ଦଶନ୍ଧି ବିତିଯାଇଥିଲେ ମଧ୍ୟ ଉକ୍ତ ସାହିକୁ ଏପର୍ଯ୍ୟନ୍ତ ସ୍ଥାୟୀ ଗମନାଗମନ ସୁବିଧା ଯୋଗାଇ ଦେବାକୁ ପ୍ରଶାସନ ବିଫଳ ହୋଇଛି । ଘଞ୍ଚ ଜଙ୍ଗଲ ଦେଇ ତିନି କିଲୋମିଟର କାଦୁଅ ଡଗର ରାସ୍ତା ପାର ହେବା ପରେ ମୁଖ୍ୟ ଗ୍ରାମ କାମର୍ଦାକୁ ଆସିବାକୁ ହୋଇଥାଏ । ସେହିପରି କୌଣସି କାର୍ଯ୍ୟ ପଡ଼ିଲେ ଦୀର୍ଘ ୮ କିଲୋମିଟରରୁ ଉର୍ଦ୍ଧ୍ୱ ରାସ୍ତା ଅତିକ୍ରମ କରିବା ପରେ ପଞ୍ଚାୟତ କାର୍ଯ୍ୟାଳୟ ପଡ଼ିଥାଏ । ବାଲିଡୈଳା ପାହାଡ଼ ପାଦଦେଶରେ ୫୪ଟି ମୁଣ୍ଡା ଓ କୋହ୍ଲ ପରିବାର ଦୀର୍ଘବର୍ଷ ଧରି ବାସ କରୁଥିବା ବେଳେ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି । କୋହ୍ଲ ସାହିର ସମସ୍ୟା ନେଇ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି ।

ବିଶେଷ ଟିପ୍ପଣୀ

'ଶାସନ ପରିବର୍ତ୍ତନ' ଶବ୍ଦ ଶୁଣି ବିଜେପି କାହିଁକି କ୍ରୋଧର ଛଳନା କରୁଛି? ଗଣତନ୍ତ୍ରରେ ଶାସନ ପରିବର୍ତ୍ତନ ସ୍ୱାଭାବିକ। ବିରୋଧୀ ଦଳର କର୍ତ୍ତବ୍ୟ ହେଉଛି ସରକାରଙ୍କୁ ରାଜନୀତିରେ ବିରୋଧ କରିବା, ସଂସଦରେ ପର୍ଦ୍ଦାଫାସ କରିବା ଏବଂ ନିର୍ବାଚନ ମାଧ୍ୟମରେ ଗାଦିଚ୍ୟୁତ କରିବା।

- ପି. ଚିଦାମ୍ବରମ୍ (କଂଗ୍ରେସ ରାଜ୍ୟସଭା ସାଂସଦ)

ବିଜେପି ଅନୁଷ୍ଠାନଗୁଡ଼ିକୁ କବଜା କରିବାକୁ ଏବଂ ସବୁଦିନ ପାଇଁ କ୍ଷମତାରେ ରହିବାକୁ ଚାହୁଁଛି। ଭାରତର ଲୋକମାନେ ସେମାନଙ୍କୁ କ୍ଷମତାରୁ ହଟାଇ ଦେବେ। ଶାସନ ପରିବର୍ତ୍ତନ ଖୋଜିବା ଗଣତନ୍ତ୍ରର ଉଲ୍ଲଂଘନ ନୁହେଁ ବରଂ ସବୁଦିନ ପାଇଁ କ୍ଷମତାରେ ରହିବାକୁ କୌଶଳ ପ୍ରୟୋଗ ଗଣତନ୍ତ୍ରର ଉଲ୍ଲଂଘନ।

- କେ ସି ଭେନୁଗୋପାଳ (କଂଗ୍ରେସ ଏମ୍‌ପି)

ଜେନ୍ Z

ଇନ୍ଦୋରରେ ଗରବା କାର୍ଯ୍ୟକ୍ରମରେ ଜଣେ ୧୫ ବର୍ଷର ନାବାଳିକାଙ୍କୁ ବିଜେପି ମଣ୍ଡଳ ସଭାପତି କମଲ ଚୌହାନ ଦୁର୍ବ୍ୟବହାର କରି ବିଦା କରିଦେଇଛନ୍ତି। ବିଜେପି ଲୋକମାନେ ଝିଅମାନଙ୍କ ସହିତ ଏପରି ବ୍ୟବହାର କରନ୍ତି। ନବରାତ୍ରୀ ସମୟରେ ଝିଅମାନଙ୍କ ସହିତ ଏପରି ବ୍ୟବହାର ନାରୀ ସୁରକ୍ଷା ଓ ସମ୍ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦେବୀ ପୂଜା ସେମାନଙ୍କ ପାଇଁ ଏକ ଭେଳିକି ମାତ୍ର।

-ସିମ୍ପୁ ସିଂ @Simpu_SinghIND

ଧାରଣାରେ ବସିବେ ସୁପ୍ରିମକୋର୍ଟ ବିଚାରପତି!

ନୂଆଦିଲ୍ଲୀ,୧୭।୧୦(ଏଜେନ୍ସି): ଦିଲ୍ଲୀ ହାଇକୋର୍ଟ ନିକଟରେ ପାଦଚଲା ରାସ୍ତା ଓ ରାସ୍ତା ପାର୍ ହେବା ପାଇଁ ଉପଯୁକ୍ତ ବ୍ୟବସ୍ଥା ନଥିବାରୁ ସୁପ୍ରିମକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି। ଆଗାମୀ ଶୁଣାଣି ପୂର୍ବରୁ ସମସ୍ୟାର ସମାଧାନ ନହେଲେ ଦୁଇ ବିଚାରପତି ହାଇକୋର୍ଟର ମୁଖ୍ୟ ଫାଟକ ନିକଟରେ ଧାରଣାରେ ବସିବେ ବୋଲି କହିଛନ୍ତି। କେବଳ କମିଟି ଗଠନ ନୁହେଁ, ତୃଣମୂଳସ୍ତରରେ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ବିଚାରପତି ଜେବି ପାର୍ଦ୍‌ଦିୱାଲା ଓ କେଭି ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଅତିରିକ୍ତ ସଲିସିଟର ଜେନେରାଲ ବିକ୍ରମଜିତ ବାନାର୍ଜୀଙ୍କୁ କହିଥିଲେ, ଆଗାମୀ ଶୁଣାଣି ପୂର୍ବରୁ କାମ ନହେଲେ ସେମାନେ ହାଇକୋର୍ଟର ମୁଖ୍ୟ ଫାଟକରେ ଧାରଣାରେ ବସିବେ ଏବଂ କାମ ଶେଷ ନହେବା ପର୍ଯ୍ୟନ୍ତ ଫେରିବେ ନାହିଁ। ଏହି ଟିପ୍ପଣୀ ଅଧିକାରୀମାନଙ୍କ ଉପରେ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଚାପ ସୃଷ୍ଟି କରିଛି। ଆବଶ୍ୟକ ପଦକ୍ଷେପ ନିଆ ନଗଲେ ଦିଲ୍ଲୀ ସରକାରଙ୍କ ମୁଖ୍ୟ ସଚିବଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ କୁହାଯାଇପାରେ ବୋଲି ମଧ୍ୟ କୋର୍ଟ ସତର୍କ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ସୁରକ୍ଷିତ ଭାବେ ଚାଲିବାର ଅଧିକାର ସମ୍ବିଧାନର ଧାରା ୨୧

- ପାଦଚଲା ରାସ୍ତା ହେଉଛି ମୌଳିକ ଅଧିକାର
- ରାସ୍ତା ନିର୍ମାଣ ନ ହେଲେ ଧାରଣାରେ ବସିବୁ

ଓ ଧାରା ୧୯(୧)(ଘ) ସହ ଜଡ଼ିତ। ତେଣୁ ପାଦଚାଳକଙ୍କ ସୁରକ୍ଷାକୁ ଅଣଦେଖା କରାଯାଇପାରିବ ନାହିଁ। ମୋଟର ଯାନ ଚଳାଚଳ ଅପେକ୍ଷା ପାଦଚାଳକଙ୍କ ଅଧିକାରକୁ ପ୍ରାଥମିକତା ଦେବାକୁ କୋର୍ଟ କହିଛନ୍ତି। ରାସ୍ତା ପାର୍ଶ୍ୱରେ ପାଦଚଲା ରାସ୍ତା ନିର୍ମାଣ ଓ ରକ୍ଷଣାବେକ୍ଷଣ ସହ ଅବୈଧ ଦଖଲ, ବେଆଇନ ଦୋକାନ, ବିଦ୍ୟୁତ୍ ଖୁଣ୍ଟ, ଆବର୍ଜନା ଓ ବେଆଇନ ପାର୍କିଂ ହଟାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପଦଚାରୀଙ୍କୁ ମୁଖ୍ୟ ରାସ୍ତାରେ ଚାଲିବାକୁ ବାଧ କରାଯିବା ଅନୁଚିତ। ପାଦଚଲା ରାସ୍ତା ନିର୍ମାଣରେ ଭାରତୀୟ ସଡ଼କ କଂଗ୍ରେସର ନିର୍ଦ୍ଦେଶାବଳୀ ପାଳନ, ଖସଡ଼ା ପ୍ରତିରୋଧୀ ପୃଷ୍ଠ, ରାମ୍ପ ଓ ହ୍ୱିଲ୍‌ଚେୟାର ଉପଯୋଗୀ ବ୍ୟବସ୍ଥା କରିବାକୁ କୋର୍ଟ କହିଛନ୍ତି। ପ୍ରମୁଖ ସହର ଓ ଜାତୀୟ ରାଜପଥରେ ପଦଚାରୀଙ୍କ ସୁରକ୍ଷା ଯାଞ୍ଚ ସହ ଅଭିଯୋଗ ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ପାଞ୍ଚଟି ସହରରେ ପାଦଚଲା ରାସ୍ତା ବିକାଶ ପାଇଁ ପାଇଲଟ୍ ପ୍ରକଳ୍ପ ହାତକୁ ନେବାକୁ କୋର୍ଟ ପ୍ରସ୍ତାବ ଦେଇଛନ୍ତି। ସହର ବିକାଶ କେବଳ ପ୍ରଶସ୍ତ ରାସ୍ତା ଓ ଯାନବାହନ ଚଳାଚଳରେ ସୀମିତ ନରହି, ଲୋକଙ୍କୁ ସୁରକ୍ଷିତ ଓ ସମ୍ମାନଜନକ ଭାବେ ଚାଲିବାର ସୁଯୋଗ ଦେବା ଉଚିତ ବୋଲି କୋର୍ଟଙ୍କ ନିର୍ଦ୍ଦେଶରୁ ସ୍ପଷ୍ଟ ହୋଇଛି।

ଏସ୍‌ଆଇଆର୍ ପରେ ଜନଗଣନା ବିବାଦ

ଗଣନାକାରୀ ନିଯୁକ୍ତି ନିୟମରେ ସଂଶୋଧନ, ସାମିଲ ହେବେ ବେସରକାରୀ କର୍ମଚାରୀ

ନୂଆଦିଲ୍ଲୀ,୧୭।୧୦(ଏଜେନ୍ସି): ଭାରତର ଆଗାମୀ ୨୦୨୭ ଜନଗଣନା ପାଇଁ ଗଣନାକାରୀ ନିଯୁକ୍ତି ନିୟମରେ କେନ୍ଦ୍ର ସରକାର ସଂଶୋଧନ କରିଛନ୍ତି। ଏହାକୁ ବିରୋଧୀ ଦଳ କଂଗ୍ରେସ ତୀବ୍ର ସମାଲୋଚନା କରିଛି। ଜନଗଣନାରେ ମଧ୍ୟ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପରି ବିଭ୍ରାଟ ଲାଗି ଷଡ଼ଯନ୍ତ୍ର କରାଯାଇଛି ବୋଲି କଂଗ୍ରେସ ଓ ଅନ୍ୟ

ଆପତ୍ତି ଉଠାଇଲେ ବିରୋଧୀ, ସାମାଜିକ ସଂଗଠନ

ବିରୋଧୀ ଦଳ ଅଭିଯୋଗ କରିବା ସହିତ ଏଭଳି ସଂଶୋଧନର ଆବଶ୍ୟକତା ନେଇ ପ୍ରଶ୍ନ ଉଠାଇଛନ୍ତି।

ସୂଚନା ଅନୁଯାୟୀ, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ ଭାରତର ରେଜିଷ୍ଟ୍ରାର ଜେନେରାଲ ଓ ଜନଗଣନା ଆୟୁକ୍ତ ମୃତ୍ୟୁଞ୍ଜୟ କୁମାର ନାରାୟଣ ଅକ୍ଟୋବର ୧୬ରେ ଏନେଇ ସରକାରୀ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏଥିରେ ୧୯୯୦ ଜନଗଣନା ନିୟମାବଳୀର ୩ ନମ୍ବର ନିୟମରେ ସଂଶୋଧନ କରାଯାଇଛି। ନୂତନ ନିୟମାବଳୀ ଅନୁଯାୟୀ, ଜନଗଣନା କାର୍ଯ୍ୟ ପାଇଁ ସରକାରୀ, ସ୍ଥାନୀୟ ପ୍ରାଧିକରଣ, ଅନୁଦାନପ୍ରାପ୍ତ କିମ୍ବା ବେସରକାରୀ ଶିକ୍ଷାନୁଷ୍ଠାନର ଶିକ୍ଷକଙ୍କ ସମେତ ସରକାରୀ, ବ୍ୟାଙ୍କ, ସାଧାରଣ ଉଦ୍ୟୋଗ, କମ୍ପାନୀ, ସଂସ୍ଥା ଏବଂ ଟ୍ରଷ୍ଟର କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇପାରିବ। ଏହାବ୍ୟତୀତ, ରାଜ୍ୟ ସରକାର କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ଯାହାକୁ ଯୋଗ୍ୟ ମନେକରିବେ, ତାଙ୍କୁ ଗଣନାକାରୀ ଭାବେ ନିଯୁକ୍ତ କରିପାରିବେ। ଏହି ନିୟମ ସଂଶୋଧନ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ଆପତ୍ତି ଉଠାଇଛନ୍ତି। ସେ କହିଛନ୍ତି ଯେ, ନୂଆ ନିୟମ ଦ୍ୱାରା ଆରଏସଏସ ଓ ବିଜେପି କର୍ମୀଙ୍କୁ ଜନଗଣନା କାର୍ଯ୍ୟରେ ସାମିଲ କରାଯିବାର ରାସ୍ତା ଫିଟାଯାଉଛି। ଏହା ସେମାନଙ୍କ ପାଇଁ ଏକ ରୋଜଗାର ଗ୍ୟାରେଣ୍ଟି ଯୋଜନା ହେବ। ସେ ଚେତାବନୀ ଦେଇଛନ୍ତି ଯେ, ଏସ୍‌ଆଇଆର୍ ବିବାଦ ଭଳି, ୨୦୨୭ ଜନଗଣନାର ସଂଗୃହୀତ ତଥ୍ୟରେ ମଧ୍ୟ ବିପଜ୍ଜନକ ଭାବେ ଜାଲିଆତି କରାଯିବାର ଆଶଙ୍କା

ରହିଛି। ଏପରି ହେଲେ ଦେଶର ଜନସଂଖ୍ୟାଗତ ରେକର୍ଡର ସ୍ୱାଧୀନତା ଓ ବିଶ୍ୱସନୀୟତା ଧ୍ୱଂସ ହେବ। ଏହାସହ ଜୟରାମ ରମେଶ ନିୟମ ସଂଶୋଧନକୁ ଅତୀତର ଦୁଇଟି ଘଟଣା ସହ ଯୋଡ଼ିଛନ୍ତି। ସେ କହିଛନ୍ତି ଯେ, ଜୁଲାଇ ୧୦ ରୁ ୧୨ ତାରିଖ ମଧ୍ୟରେ କର୍ଣ୍ଣାଟକର ବେଲଗାବୀରେ ଆରଏସଏସ ପ୍ରଶିକ୍ଷଣ ଶିବିରରେ '୨୦୨୭ ଜନଗଣନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେପଟେ ଗୃହ ମନ୍ତ୍ରଣାଳୟ ଦ୍ୱାରା ମେ ୨୬ରେ ଗଠିତ ଜନସଂଖ୍ୟା ପରିବର୍ତ୍ତନ ସମ୍ପର୍କିତ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା। କମିଟି ଅକ୍ଟୋବର ୧୪ରେ ସାଧାରଣ ଜନତା, ଭାରତୀୟ ଏବଂ ବିଦେଶୀ ସଂଗଠନଗୁଡ଼ିକଠାରୁ ମତାମତ ଲୋଡ଼ିଥିଲା। ରମେଶ ଅଭିଯୋଗ କରିଛନ୍ତି ଯେ, ଏହି କମିଟିର ସଦସ୍ୟମାନେ ଆରଏସଏସ ସହ ଜଡ଼ିତ। ଏହା ଜନଗଣନା ପ୍ରକ୍ରିୟାକୁ ପ୍ରଭାବିତ କରିବ। ଉଲ୍ଲେଖଯୋଗ୍ୟ, ଜନଗଣନା କାର୍ଯ୍ୟରେ ବେସରକାରୀ ଓ ଅନୁଦାନପ୍ରାପ୍ତ/ଅଣ-ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକମାନଙ୍କୁ ନିୟୋଜିତ କରିବା ନେଇ ଦେଶର କେତେକ ଉଚ୍ଚ ନ୍ୟାୟାଳୟରେ ମାମଲା ବିଚାରାଧୀନ ରହିଛି। ପଞ୍ଜାବ ଓ ହରିୟାଣା, ଆହ୍ଲାବାଦ ଏବଂ ବମ୍ବେ ହାଇକୋର୍ଟର ନାଗପୁର ବେଞ୍ଚ ବେସରକାରୀ ଶିକ୍ଷକମାନଙ୍କୁ ଜନଗଣନା ଡ୍ୟୁଟିରେ ଲଗାଇବା ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ଏହା ସତ୍ତ୍ୱେ ନୂତନ ସଂଶୋଧିତ ନିୟମରେ ଏହି ଶିକ୍ଷକମାନଙ୍କୁ ସ୍ପଷ୍ଟ ଭାବେ ସାମିଲ କରାଯାଇଛି।

ନଭେମ୍ବର ୧ରେ ଏସ୍‌ଆଇଆର୍ ବିରୋଧରେ କଂଗ୍ରେସର ରାଲି

ନୂଆଦିଲ୍ଲୀ, ୧୭।୧୦(ଏଜେନ୍ସି): ଭୋଟର ତାଲିକାର ସ୍ୱତନ୍ତ୍ର ଗହନ ସଂଶୋଧନ (ଏସ୍‌ଆଇଆର୍) ବିରୋଧରେ ନଭେମ୍ବର ୧ ତାରିଖରେ ଦିଲ୍ଲୀର ରାମଲୀଳା ମଇଦାନରେ ରାଲି କରିବ କଂଗ୍ରେସ। ଏଥିପାଇଁ ଦଳ ଦିଲ୍ଲୀ ପୁଲିସଠାରୁ ଅନୁମତି ପାଇସାରିଛି। କେନ୍ଦ୍ରୀୟ ଦିଲ୍ଲୀର ଉପପୁଲିସ ଆୟୁକ୍ତ ରୋହିତ ରାଜବୀର ସିଂହଙ୍କ ସୂଚନା ଅନୁଯାୟୀ, ଅକ୍ଟୋବର ୨୫ରୁ ନଭେମ୍ବର ୩ ପର୍ଯ୍ୟନ୍ତ ରାମଲୀଳା ମୈଦାନ ଉପଲବ୍ଧ ରହିବ। ପ୍ରଥମେ କଂଗ୍ରେସ ଏଥିପାଇଁ ଦିଲ୍ଲୀ ନଗର ନିଗମ (ଏମ୍‌ସିଡି) ସହ ଯୋଗାଯୋଗ କରିଥିଲା। ସ୍ଥାନ ଉପଲବ୍ଧତା ପ୍ରମାଣପତ୍ର ପାଇବା ପରେ ଦଳ ପୁଲିସଠାରୁ ଅନୁମତି ଲୋଡ଼ିଥିଲା। ସୁରକ୍ଷା ବ୍ୟବସ୍ଥା ସମୀକ୍ଷା ପରେ ପୁଲିସ ଅନାପତ୍ତି ପ୍ରମାଣପତ୍ର ପ୍ରଦାନ କରିଛି। ଦିଲ୍ଲୀରେ ଯନ୍ତରମନ୍ତରକୁ ନିର୍ଦ୍ଧାରିତ ବିକ୍ଷୋଭସ୍ଥଳ ତାଲିକାରୁ ବାଦ୍ ଦିଆଯିବା ପରେ ପୁଲିସ ରାମଲୀଳା ମୈଦାନ ସମେତ ବୁରାଡ଼ି ମଇଦାନ ଓ ପୂର୍ବ ଦିଲ୍ଲୀର ସିବିଡି ମଇଦାନକୁ ବିକ୍ଷୋଭ ଓ ସମାବେଶ ପାଇଁ ବିକଳ୍ପ ସ୍ଥାନ ଭାବେ ଚିହ୍ନଟ କରିଛି।

ଏସ୍‌ଆଇଆର୍ ବାତିଲ ହେଉ: ଡିଏମ୍‌କେ

ଚେନ୍ନାଇ, ୧୭।୧୦(ଏଜେନ୍ସି): ଭୋଟଚୋରି ଅଭିଯୋଗରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ସହିତ ବିବାଦୀୟ ଏସଆଇଆର ବାତିଲ କରିବାକୁ ଦାବି କରିଛି ଡିଏମକେ। ଆଜି ଏଠାରେ ଅନୁଷ୍ଠିତ ପାର୍ଟିର ବୈଠକରେ ନିଷ୍ପତ୍ତି ହୋଇଛି ଯେ ଏହାର ସାଂସଦ ଖୁବଶୀଘ୍ର ରାଷ୍ଟ୍ରପତିଙ୍କୁ ଭେଟି ଏସଂପର୍କରେ ସ୍ମାରକପତ୍ର ପ୍ରଦାନ କରିବେ। ନିର୍ବାଚନରେ ଇଭିଏମ୍ ବଦଳରେ ପୁଣି ବାଲଟ ପେପର ବ୍ୟବହାର କରିବାକୁ ମଧ୍ୟ ଦାବି କରାଯାଇଛି। ବୈଠକରେ ଗୃହୀତ ପ୍ରସ୍ତାବରେ କୁହାଯାଇଛି ଯେ ତାମିଲନାଡୁ ଓ ବିହାର ସମେତ ଅନେକ ରାଜ୍ୟରେ ଭୋଟରମାନଙ୍କୁ ତାଲିକାରୁ କାଟିବା ଲାଗି ତରବରିଆ ଭାବେ ଏସ୍‌ଆଇଆର କରାଯାଇଛି। ଏଥିରେ ମୁଖ୍ୟ ନିର୍ବାଚନ କମିସନର ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ବହିଷ୍କାର କରାଯାଉ।

ଆର୍‌ଜି କର କଲେଜର ପୂର୍ବ ଅଧ୍ୟକ୍ଷଙ୍କୁ ଜାମିନ

କୋଲକାତା,୧୭।୧୦(ଏଜେନ୍ସି): କୋଲକାତାର ଆର୍‌ଜି କର ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କୁ ଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟ ଶୁକ୍ରବାର ଜାମିନ ପ୍ରଦାନ କରିଛନ୍ତି। ମାମଲାର ବିଚାର ପ୍ରକ୍ରିୟାରେ ଧୀରଗତିକୁ ଜାମିନର ମୁଖ୍ୟ କାରଣ ଭାବେ ଦର୍ଶାଇଛନ୍ତି ସର୍ବୋଚ୍ଚ ଅଦାଲତ। ଏହି ନିଷ୍ପତ୍ତି ପରେ ପୀଡ଼ିତା ଅଭୟାଙ୍କ ବାପା ଶେଖର ଦେବନାଥ ସିବିଆଇର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ବିଚାରପତି ଏମ୍‌ଏମ୍ ସୁନ୍ଦ୍ରେଶ ଓ ପ୍ରସନ୍ନ ବି ବରାଲେଙ୍କ ଖଣ୍ଡପୀଠ କହିଛନ୍ତି, ଘୋଷ ଦୁଇ ବର୍ଷରୁ ଅଧିକ ସମୟ ଧରି ଜେଲ୍‌ରେ ଥିବାବେଳେ ୧୪୭ ଜଣ ସାକ୍ଷୀଙ୍କ ମଧ୍ୟରୁ ମାତ୍ର ୭ ଜଣଙ୍କ ସାକ୍ଷ୍ୟ ଗ୍ରହଣ ସମ୍ପୂର୍ଣ୍ଣ ହୋଇଛି। ୨୦୨୪ ଅଗଷ୍ଟରେ ଜଣେ ସ୍ନାତକୋତ୍ତର ଡାକ୍ତରୀ ଛାତ୍ରୀଙ୍କ ଦୁଷ୍କର୍ମ ଓ ହତ୍ୟା ପରେ ହସ୍ପିଟାଲରେ ଆର୍ଥିକ ଅନିୟମିତତା ଅଭିଯୋଗ ସାମ୍ନାକୁ ଆସିଥିଲା।

ରିସର୍ଟରେ ନିଆଁ; ପରିବାରର ୬ ମୃତ

ଢାକା,୧୭।୧୦(ଏଜେନ୍ସି): ବାଂଲାଦେଶର କକ୍ସବାଜାର ଜିଲ୍ଲାର ଏକ ସମୁଦ୍ରତଟ ରିସର୍ଟରେ ଶନିବାର ସକାଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗୋଟିଏ ପରିବାରର ୬ ଜଣଙ୍କ ସମେତ ଅତି କମ୍‌ରେ ୧୦ ଜଣଙ୍କ ମୃତ୍ୟୁ ହୋଇଛି। ଉଖିଆ ଅଞ୍ଚଳରେ ଥିବା 'ଟୁପଟୁପ୍ ରେଷ୍ଟୋ ଆଣ୍ଡ ରିସର୍ଟ'ରେ ସକାଳ ପ୍ରାୟ ୭ଟା ୨୫ରେ ନିଆଁ ଲାଗିଥିଲା। ବାଉଁଶ ଓ କାଠରେ ନିର୍ମିତ ତିନି ମହଲା କୋଠାଟି ନିଆଁରେ ଜଳିଯାଇଥିଲା। ଅଗ୍ନିଶମ ବିଭାଗ ୧୦ଟି ମୃତଦେହ ଉଦ୍ଧାର କରିଥିବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ କରିଛି। ରିସର୍ଟରେ ପରିବାର ସହ ରହୁଥିବା ଆଶିକୁଲ ଇସଲାମ ଦ୍ୱିତୀୟ ମହଲାରୁ ଡେଇଁ ଜୀବନ ବଞ୍ଚାଇଥିଲେ। କିନ୍ତୁ ତାଙ୍କ ପତ୍ନୀ ଇସରାତ ଜାହାନ ମାଲିହା ଓ ପରିବାରର ଅନ୍ୟ ପାଞ୍ଚ ଜଣଙ୍କ ମୃତ୍ୟୁ ହୋଇଛି

ବିଷାକ୍ତ ଖାଦ୍ୟ ଖାଇ ପରିବାରର ୫ ମୃତ

ଗ୍ରେଟର ନୋଏଡା,୧୭।୧୦(ଏଜେନ୍ସି): ଉତ୍ତରପ୍ରଦେଶର ଗ୍ରେଟର ନୋଏଡା ଅନ୍ତର୍ଗତ ନାଙ୍ଗଲା ଶ୍ରୀପାଧାମ ଗାଁରେ ଶନିବାର ଗୋଟିଏ ପରିବାରର ପାଞ୍ଚ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ମଧ୍ୟରେ ଦମ୍ପତି ଓ ସେମାନଙ୍କର ତିନି ସନ୍ତାନ ଅଛନ୍ତି। ଘଟଣାର କାରଣ ଜଣାପଡ଼ି ନଥିବାବେଳେ ସମ୍ପତ୍ତି ବିବାଦ, ଖାଦ୍ୟରେ ବିଷକ୍ରିୟା ଏବଂ ହତ୍ୟା କିମ୍ବା ଆତ୍ମହତ୍ୟାର ସମ୍ଭାବନାକୁ ନେଇ ପୁଲିସ ତଦନ୍ତ କରୁଛି। ମୃତକମାନେ ହେଲେ ମହେଶ (୩୭), ତାଙ୍କ ପତ୍ନୀ ଲଳିତା (୩୫), ପୁଅ ଲଡ୍ଡୁ (୧୧) ଓ ସାକ୍ଷତ (୩) ଏବଂ ଝିଅ ମିଷ୍ଟି (୭)। ପରିବାରର ସଦସ୍ୟମାନେ ସକାଳେ ଦୀର୍ଘ ସମୟ ଯାଏ ନ ଉଠିବାରୁ ପଡ଼ୋଶୀଙ୍କ ସନ୍ଦେହ ହୋଇଥିଲା।

ସର୍ତ୍ତମୂଳକ ଜାମିନରେ ମୁକୁଳିଲେ ଦୀପ୍‌କେ

ନୂଆଦିଲ୍ଲୀ, ୧୭।୧୦(ଏଜେନ୍ସି): ଦିଲ୍ଲୀରେ ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେବାକୁ ଯିବା ସମୟରେ ଅଟକ ଓ ପରେ ଗିରଫ ହୋଇଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦୀପକେ ଶନିବାର ମୁକ୍ତ ହୋଇଛନ୍ତି। ଦିଲ୍ଲୀର ଏକ ଅଦାଲତ ତାଙ୍କୁ ୫୦ ହଜାର ଟଙ୍କାର ମୁଚାଲିକା ଦାଖଲ କରିବା ସହ ଶାନ୍ତିଭଙ୍ଗ ନ କରିବା ସର୍ତ୍ତରେ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଦିନ ଦିଲ୍ଲୀର କନଟ୍ ପ୍ଲେସ୍‌ସ୍ଥିତ ସେଣ୍ଟ୍ରାଲ ପାର୍କ ଅଭିମୁଖେ ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେବାକୁ ଯାଉଥିବା ବେଳେ ଦୀପକେଙ୍କୁ ପୁଲିସ ଅଟକ ରଖିଥିଲା। ପରେ ଶାନ୍ତିଭଙ୍ଗ ଆଶଙ୍କାରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୨୬ ଓ ୧୭୦ ଅନୁଯାୟୀ ତାଙ୍କୁ ଗିରଫ କରାଯାଇଥିଲା। ଶନିବାର ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର ହେବା ପରେ ମୁକ୍ତି ନିର୍ଦ୍ଦେଶ ମିଳିଥିଲା। ମୁକ୍ତ ହେବା ପରେ ଦୀପକେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଅଭିନେତା ଶାହରୁଖ ଖାନ୍‌ଙ୍କ 'ବୀର-ଜାରା' ଚଳଚ୍ଚିତ୍ରର ଏକ ଦୃଶ୍ୟ ସେୟାର କରିଥିଲେ। ଏହା ସହିତ ସେ ଲେଖିଥିଲେ, '୨୪ ଘଣ୍ଟା ଧରି ମୋବାଇଲ୍ ଓ ଇଣ୍ଟରନେଟ୍ ବିନା ରହିବା ପରେ ଜେଲ୍‌ରୁ ବାହାରିବାର ଅନୁଭୂତି କିପରି।' ଏହି ଘଟଣା ପୂର୍ବରୁ ଦୀପକେଙ୍କୁ ଅକ୍ଟୋବର ୧୦ରେ ଦିଲ୍ଲୀ ବିମାନବନ୍ଦରରେ ଏକ ବିମାନ ଭିତରୁ ଅଟକ ରଖାଯାଇଥିଲା। ସେତେବେଳେ ମଧ୍ୟ ତାଙ୍କ ବିରୋଧରେ ଶାନ୍ତିଭଙ୍ଗ ସମ୍ପର୍କିତ ମାମଲା ରୁଜୁ ହୋଇଥିଲା ଏବଂ ଏକ ବର୍ଷ ପର୍ଯ୍ୟନ୍ତ ଶାନ୍ତି ବଜାୟ ରଖିବାକୁ ମୁଚାଲିକା ଦିଆଯାଇଥିଲା। ଅନ୍ୟପକ୍ଷରେ, ଅଖିଳ ଭାରତୀୟ ଛାତ୍ର ସଂଘ (ଆଇସା)ର ସଭାପତି ନେହା ବୋରାଙ୍କୁ ମଧ୍ୟ ଶୁକ୍ରବାର ଅଟକ ରଖାଯାଇଥିଲା। ଶନିବାର ସକାଳେ ସେ ମୁକ୍ତ ହୋଇଥିଲେ।

ଦିଲ୍ଲୀରେ ଆନ୍ଦୋଳନ ବେଳେ ମହିଳା ଓ ଛାତ୍ରୀଙ୍କ ପ୍ରତି ଦିଲ୍ଲୀ ପୁଲିସର ଅମାନବୀୟ ବ୍ୟବହାରକୁ ବିରୋଧ କରି ବିଭିନ୍ନ ମହିଳା ସଂଗଠନ ପକ୍ଷରୁ ଶନିବାର ଦିନ ପୁଲିସ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି। ଆନ୍ଦୋଳନକାରୀ ମହିଳା ଓ ଛାତ୍ରୀଙ୍କୁ ରାସ୍ତା ଉପରେ ଏବଂ ଏପରିକି ଅଟକ କେନ୍ଦ୍ରରେ ମଧ୍ୟ ଯୌନ ନିର୍ଯାତନା ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି। ଦୋଷୀ ପୁଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି।

'ସ୍ୱର ଚାପିବାକୁ ପୁଲିସ ବର୍ବରତା'

ନୂଆଦିଲ୍ଲୀ, ୧୭।୧୦(ଏଜେନ୍ସି): ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରୁଥିବା ଲୋକ ଏବଂ ବିଶେଷ କରି ମହିଳା ଓ ଛାତ୍ରଛାତ୍ରୀଙ୍କ ପ୍ରତି ପୁଲିସ ଅମାନବୀୟ ଭାବେ ନିର୍ଯାତନା ଦେଉଛି। ଆନ୍ଦୋଳନକାରୀଙ୍କ ସ୍ୱର ଚାପିବା ଲାଗି ପୁଲିସ ଏଭଳି ଷଡ଼ଯନ୍ତ୍ର ଚଳାଇଛି ବୋଲି ଅଭିଯୋଗ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ପୁଲିସ ସମସ୍ତ ବର୍ବରତାର ସୀମା ଅତିକ୍ରମ କରିଛି। ଆନ୍ଦୋଳନକାରୀ ଛାତ୍ରୀ ଓ ମହିଳାମାନଙ୍କୁ ଟଣାଓଟରା କରିବା, ସେମାନଙ୍କର ପୋଷାକ ଚିରିବା ଏବଂ ଏପରିକି ସେମାନଙ୍କୁ ଯୌନ ନିର୍ଯାତନା ମଧ୍ୟ ଦିଆଯାଉଛି। କେବଳ ଆନ୍ଦୋଳନ ଦମନ ଲାଗି ଦିଲ୍ଲୀ ପୁଲିସ ସମସ୍ତ ସୀମା ଅତିକ୍ରମ କରିଛି। ଏଥିପାଇଁ ସେ କେନ୍ଦ୍ର ସରକାରକୁ ଦାୟୀ କରି ସେ କହିଛନ୍ତି ଯେ ହାତରୁ କ୍ଷମତା ଚାଲିଯାଉଥିବା ଜାଣିବା ପରେ ଛାତ୍ରଛାତ୍ରୀ ଓ ମହିଳାଙ୍କ ପ୍ରତି ପୁଲିସ ଏଭଳି ବର୍ବରତା ଚଳାଇଛି। ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ଏସଂପର୍କରେ ଆନ୍ଦୋଳନକରୀ ମହିଳା ଓ ଛାତ୍ରଛାତ୍ରୀଙ୍କ ବୟାନକୁ ଭିତ୍ତି କରି ଏକ ଭିଡିଓ ତାଙ୍କ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି ରାହୁଲ ଗାନ୍ଧୀ। ସରକାର ଏହାର ଜବାବ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

'ପ୍ରତିବାଦ କ'ଣ ଅପରାଧ?'



ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ସରକାରଙ୍କର କୌଣସି ଭୁଲ ନିଷ୍ପତ୍ତି ଉପରେ ପ୍ରତିବାଦ କରିବା ହେଉଛି ପ୍ରତ୍ୟେକ ନାଗରିକର ମୌଳିକ ଅଧିକାର। କିନ୍ତୁ ଏନଡିଏ ଶାସନରେ ପ୍ରତିବାଦକୁ ଅପରାଧରେ ପରିଣତ କରାଯାଇଛି। ଯିଏ ପ୍ରତିବାଦ କରୁଛି, ତା ବିରୋଧରେ ମାମଲା ଦାୟର କରାଯାଉଛି। ଏଭଳି ଅଭିଯୋଗ କରିଛନ୍ତି ବିଶିଷ୍ଟ ଆଇନଜୀବୀ ତଥା ସାଂସଦ କପିଲ ଶିବଲ। ସେ କହିଛନ୍ତି ଯେ ଯନ୍ତରମନ୍ତରକୁ ଆନ୍ଦୋଳନସ୍ଥଳ ତାଲିକାରୁ ବାଦ୍ ଦିଆଯିବା ହେଉଛି ଏହାର ବଡ଼ ପ୍ରମାଣ। ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରି ନାଗରିକମାନଙ୍କର ମୌଳିକ ଅଧିକାରର ସୁରକ୍ଷା କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଯନ୍ତରମନ୍ତର ଛାଡ଼ି ଲୋକେ ଆନ୍ଦୋଳନ ପାଇଁ ରାମଲୀଳା ମଇଦାନ କାହିଁକି ଯିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଲେ ଯେ ଯନ୍ତରମନ୍ତରରେ ଯେଉଁ ହିଂସା ହୋଇଥିଲା, ସେଥିପାଇଁ ବାହାର ଲୋକେ ଦାୟୀ। ସେମାନେ ଟ୍ରକରେ ଟେକାପଥର ଆଣି ହିଂସା କରିଥିଲେ। ଏଥିରେ ସାଧା ପୋଷାକରେ ପୁଲିସ ମଧ୍ୟ ସାମିଲ ଥିଲା।

ଦମ୍ପତିଙ୍କ ମୃତ୍ୟୁ ରହସ୍ୟ
ପତ୍ନୀଙ୍କ ପୋଷାକରେ 'ଆଇ ଲଭ୍ ୟୁ'

ଗୁରୁଗ୍ରାମ,୧୭।୧୦(ଏଜେନ୍ସି): ପତ୍ନୀଙ୍କ ଜନ୍ମଦିନରେ ଏକ ଦୁଃଖଦ ଘଟଣା। ସକାଳ ପ୍ରାୟ ୭ଟାରେ ନିଜ କାର୍ଯ୍ୟାଳୟକୁ 'ଆମେ ଏହି ଦୁନିଆ ଛାଡ଼ି ଯାଉଛୁ' ବୋଲି ଇମେଲ୍ ପଠାଇଥିଲେ ଜଣେ ଆଇଟି କର୍ମଚାରୀ। ଏହାପରେ ଗୁରୁଗ୍ରାମର ଏକ ଫ୍ଲାଟ୍‌ରୁ ତାଙ୍କ ଓ ତାଙ୍କ ପତ୍ନୀଙ୍କ ମୃତଦେହ ମିଳିଥିଲା। ଘଟଣାକୁ ନେଇ ପୁଲିସ ତଦନ୍ତ ଜାରି ରଖିଛି। ମୃତକ ମହମ୍ମଦ ଅସଲମ (୩୦)ଙ୍କ ମୃତଦେହ ଫ୍ଲାଟ୍‌ରେ ଝୁଲୁଥିବା ଅବସ୍ଥାରେ ମିଳିଥିବା ବେଳେ ତାଙ୍କ ପତ୍ନୀ ଫରହାନା (୨୭)ଙ୍କ ମୃତଦେହ ତଳେ ପଡ଼ିଥିଲା। ତାଙ୍କ ବେକରେ ଆଘାତ ଚିହ୍ନ ଥିଲା। ଫରହାନାଙ୍କ ପୋଷାକରେ 'ଆଇ ଲଭ୍ ୟୁ' ଲେଖା ଥିବାବେଳେ ଫ୍ଲାଟ୍‌ରୁ ଏକ ଚିଠି ମଧ୍ୟ ମିଳିଛି। ପୁଲିସର ପ୍ରାଥମିକ ସନ୍ଦେହ, ଅସଲମ ପ୍ରଥମେ ପତ୍ନୀଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟା କରିଥାଇପାରନ୍ତି। ତେବେ ମୃତ୍ୟୁର ପ୍ରକୃତ କାରଣ ଓ ଘଟଣାକ୍ରମ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ସ୍ପଷ୍ଟ ହେବ। କେରଳର ବାସିନ୍ଦା ଏହି ଦମ୍ପତି ପ୍ରାୟ ତିନି ମାସ ତଳେ ବେଙ୍ଗାଲୁରୁରୁ ଗୁରୁଗ୍ରାମ ଆସିଥିଲେ। ପରିବାର ସଦସ୍ୟଙ୍କ କହିବାନୁସାରେ, ଅସଲମ ପ୍ରାୟ ୧୮ ମାସ ଧରି ଅବସାଦ ପାଇଁ ଚିକିତ୍ସା ନେଉଥିଲେ। କାର୍ଯ୍ୟଚାପ ଘଟଣାର କାରଣ ହୋଇଥାଇପାରେ ବୋଲି ସମ୍ପର୍କୀୟମାନେ ଆଶଙ୍କା କରିଛନ୍ତି। ତେବେ ଏହାର କୌଣସି ନିଶ୍ଚିତ ପ୍ରମାଣ ମିଳିନାହିଁ।

ଅଙ୍କିତା ଭଣ୍ଡାରୀ ହତ୍ୟାକାଣ୍ଡ
ପୂର୍ବତନ ବିଜେପି ବିଧାୟକଙ୍କୁ ସିବିଆଇର ଜେରା

ହରିଦ୍ୱାର,୧୭।୧୦(ଏଜେନ୍ସି): ବହୁଚର୍ଚ୍ଚିତ ୨୦୨୨ର ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତକୁ ଜୋରଦାର କରିଛି। ସିବିଆଇ ଟିମ୍ ହରିଦ୍ୱାର ସ୍ଥିତ ଏକ ଗେଷ୍ଟ ହାଉସରେ ଉତ୍ତରାଖଣ୍ଡର ପୂର୍ବତନ ବିଜେପି ବିଧାୟକ ସୁରେଶ ରାଠୋରଙ୍କୁ ଜେରା କରିଛି। ନିକଟରେ ଅଙ୍କିତାଙ୍କ ପିତାମାତା ଦିଲ୍ଲୀରେ ସିବିଆଇ ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀଙ୍କୁ ଭେଟିଥିଲେ। ନିକଟରେ ଏକ ଭାଇରାଲ ଅଡିଓ କ୍ଲିପ୍‌ରେ ବିଜେପି ନେତାଙ୍କ ଘଟଣାରେ ହାତ ଥିବା ଜଣାପଡ଼ିଥିବା ସେମାନେ ଅଭିଯୋଗ କରିଥିଲେ। ତେଣୁ ସୁରେଶ ରାଠୋର ଓ ଅଭିନେତ୍ରୀ ଉର୍ମିଳା ସନାୱରଙ୍କ ନାର୍କୋ ପରୀକ୍ଷା କରାଇବାକୁ ପରିବାର ଲୋକ ଦାବି କରିଥିଲେ। ଏହାପରେ ସିବିଆଇ ପଦକ୍ଷେପ ସାମ୍ନାକୁ ଆସିଛି। ଇତିମଧ୍ୟରେ, ବିଜେପିର ପୂର୍ବତନ ଉତ୍ତରାଖଣ୍ଡ ପ୍ରଭାରୀ ଦୁଷ୍ୟନ୍ତ କୁମାର ଗୌତମଙ୍କୁ ସିକ୍କିମର ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି। ଅଙ୍କିତାଙ୍କ ହତ୍ୟାକାଣ୍ଡ ବେଳେ ସେ ବିଜେପିର ପ୍ରଭାରୀ ଦାୟିତ୍ୱରେ ରହିଥିଲେ। ତେଣୁ ନାର୍କୋ ପରୀକ୍ଷା ଓ ତଦନ୍ତ ଶେଷ ନହେବା ପର୍ଯ୍ୟନ୍ତ ତାଙ୍କର ଶପଥ ଗ୍ରହଣ ସ୍ଥଗିତ ରଖିବାକୁ ପରିବାର ସିବିଆଇ ନିକଟରେ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ, ଜେରା ପରେ ସୁରେଶ ରାଠୋର ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ସେ ସିବିଆଇ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି ଏବଂ ଆଗକୁ ମଧ୍ୟ ସହଯୋଗ ଜାରି ରଖିବେ। ସୂଚନାଯୋଗ୍ୟ, ୧୯ ବର୍ଷୀୟା ରିସେପ୍ସନିଷ୍ଟ ଅଙ୍କିତା ଭଣ୍ଡାରୀଙ୍କ ଶବ ୨୦୨୨ ସେପ୍ଟେମ୍ବରରେ ଉତ୍ତରାଖଣ୍ଡର ପୌଡ଼ି ଗଡ଼ୱାଲରୁ ଉଦ୍ଧାର କରାଯାଇଥିଲା।

ସକାଳ
THE SAKALA
www.sakalaepaper.com
ରବିବାର,
୧୮ ଅକ୍ଟୋବର,୨୦୨୬

ମା’ ମଙ୍ଗଳା

ପ୍ରାଚୀତଟ ନିବାସିନୀ

■ ସମରେନ୍ଦ୍ର ଦୀକ୍ଷିତ

ପ୍ରାଚୀ ନଦୀ କୂଳରେ ବିରାଜିତ କାକଟପୁର ମା’ ମଙ୍ଗଳାଙ୍କ ପୀଠ। ଏହା କେବଳ ଏକ ପାରମ୍ପରିକ ମନ୍ଦିର ନୁହେଁ, ବରଂ ଓଡ଼ିଶାର ଆଧ୍ୟାତ୍ମିକ ଇତିହାସ, ଶାକ୍ତ ସଂସ୍କୃତି ଓ ଅଲୌକିକ ବିଶ୍ୱାସର ଏକ ସମୃଦ୍ଧ କ୍ଷେତ୍ର। ଶ୍ରୀଜଗନ୍ନାଥ ସଂସ୍କୃତି ସହ ନିବିଡ଼ ସମ୍ପର୍କ ଏବଂ ନିଆରା ରୀତିନୀତି ପାଇଁ ଏହି ଶକ୍ତିପୀଠ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ନବରାତ୍ରି ଅବସରରେ ଏଠାରେ ଅନୁଷ୍ଠିତ ଷୋଡ଼ଶ ଉପଚାର ପୂଜା ମା’ଙ୍କର ଏକ ଅନନ୍ୟ ପରମ୍ପରା।

ଆମିଷ ଭୋଗ ବିଧି

କାକଟପୁର ମା’ ମଙ୍ଗଳାଙ୍କ ପୀଠରେ ଶାରଦୀୟ ଦୁର୍ଗାପୂଜା ସମୟରେ ଆମିଷ ଭୋଗ (ମାଛ ଭୋଗ) ଲାଗି ହେବାର ଏକ ସ୍ୱତନ୍ତ୍ର ପରମ୍ପରା ରହିଛି। ଶାକ୍ତ ଉପାସନା ପଦ୍ଧତି ଅନୁଯାୟୀ ଚାଲୁଥିବା ଏହି ନିଆରା ନୀତିକାନ୍ତିର ଏକ ନିର୍ଦ୍ଦିଷ୍ଟ ଏବଂ ପବିତ୍ର ବିଧି ରହିଛି। ଏହି ବିଶେଷ ଭୋଗ ପ୍ରତିଦିନ ହୁଏ ନାହିଁ। କେବଳ ଆଶ୍ୱିନ ମାସର ଶାରଦୀୟ ନବରାତ୍ରି ଅବସରରେ ମା’ ଦୁର୍ଗାଙ୍କ ଉଦ୍ଦେଶ୍ୟରେ ମାଛ ସମର୍ପଣ କରାଯାଏ। ଏହା କେବଳ ପାରମ୍ପରିକ ଗୁପ୍ତ ରୀତିନୀତିର ଏକ ଅଂଶ ବିଶେଷ।

ମା’ଙ୍କ ବେଶ ଦର୍ଶନ

ଶାରଦୀୟ ନବରାତ୍ରି ଓ ଷୋଡ଼ଶ ଉପଚାର ପୂଜା ଅବସରରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳା ନଅ ଦିନ ଧରି ଭିନ୍ନ ଭିନ୍ନ ଆକର୍ଷଣୀୟ ଓ ଦୁର୍ଲଭ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ମା’ଙ୍କର ଏହି ନବଦିନାତ୍ମକ ପୂଜା ଏବଂ ମନୋମୁଗ୍ଧକର ବେଶ ଦର୍ଶନ କରିବା ପାଇଁ ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ଶକ୍ତିପୀଠମାନଙ୍କରେ ଦଶହରା ବା ଶାରଦୀୟ ନବରାତ୍ରି ସମୟରେ କୁଷ୍ମାଣ୍ଡ ବଳି (ପାଣିକଖାରୁ ବଳି) ଅର୍ପଣ କରିବାର ଏକ ବିଶେଷ ଆଧ୍ୟାତ୍ମିକ ଓ ତାନ୍ତ୍ରିକ ମହତ୍ତ୍ୱ ରହିଛି। ଅଷ୍ଟମୀ ରାତ୍ରିରେ ଏଠାରେ କୁଷ୍ମାଣ୍ଡ ବଳି ଦିଆଯାଏ।

ଭ୍ରମଣୀ ନୀତି

କାକଟପୁର ମା’ ମଙ୍ଗଳାଙ୍କ ପୀଠରେ ‘ଭ୍ରମଣୀ ନୀତି’ ଶାରଦୀୟ ଦୁର୍ଗାପୂଜା ସମୟର ଏକ ଅତ୍ୟନ୍ତ ଆକର୍ଷଣୀୟ ଓ ରହସ୍ୟମୟ ଗୁପ୍ତ ନୀତି ଅଟେ। ଶକ୍ତି ପୂଜାର ପରମ୍ପରା ଅନୁଯାୟୀ, ଦେବୀଙ୍କ ଦ୍ୱାରା ମହିଷାସୁର ବଧର ପୂର୍ବ ପ୍ରସ୍ତୁତି ସ୍ୱରୂପ ଏହି ନୀତି ସମ୍ପାଦନ କରାଯାଇଥାଏ। ବିଶ୍ୱାସ ରହିଛି ଯେ, ମହାଷ୍ଟମୀ ଓ ମହାନବମୀ ତିଥିରେ ମା’ ମଙ୍ଗଳା ମହିଷାସୁରର ସ୍ଥିତି ଠାବ କରିବା ପାଇଁ ଏବଂ ନିଜର ସାମ୍ରାଜ୍ୟ ଭ୍ରମଣ କରିବା ପାଇଁ ମନ୍ଦିର ବାହାରକୁ ବିଜେ କରିଥାନ୍ତି। ମା’ଙ୍କ ଚଳନ୍ତି ପ୍ରତିମାଙ୍କୁ ଏକ ସୁସଜ୍ଜିତ ମଣି ବିମାନରେ ସ୍ଥାପନ କରାଯାଇ ଘଣ୍ଟ, କାହାଳି, ହୁଳହୁଳି ସହ ବାହାରକୁ ଅଣାଯାଏ। ମନ୍ଦିର ବେଢ଼ା ପରିକ୍ରମା କରିବା ସହ ମା’ଙ୍କ ବିମାନକୁ ମନ୍ଦିର ସମ୍ମୁଖରେ ଥିବା ପବିତ୍ର ‘ରତ୍ନଗିରି ମଣ୍ଡପ’ କୁ ନିଆଯାଏ। ସେଠାରେ ଦେବୀ କିଛି ସମୟ ଅବସ୍ଥାନ କରନ୍ତି। ନିଶାର୍ଦ୍ଧରେ (ରାତିର ଅନ୍ଧକାରରେ) ଏହି ନୀତି ହେଉଥିବାରୁ ଏହାକୁ ଅତ୍ୟନ୍ତ ଗୁପ୍ତ ଭାବେ ଓ ନିଷ୍ଠାର ସହ ସେବାୟତମାନେ ସମ୍ପନ୍ନ କରନ୍ତି। ସେଠାରେ ବିଶେଷ ଉପଚାର ଓ ଆଳତି ଭୋଗ ଲାଗି ହୁଏ।

ଭ୍ରମଣୀ ନୀତିରେ ମା’ଙ୍କ ଚଳନ୍ତି ପ୍ରତିମା ମହିଷାସୁରକୁ ଠାବ କରିବା ପାଇଁ ବେଢ଼ା ବାହାରକୁ ଯାଆନ୍ତି। ସକାଳୁ ସ୍ନାନ ପରେ ପ୍ରାୟ ଦିନ ଗୋଟାଏ ଯାଏ ଦର୍ଶନ ଚାଲେ। ତାପରେ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ ଧୂପ, ସକାଳ ଧୂପ, ଦ୍ୱିପ୍ରହର ଧୂପ ଓ ଭଅଣ୍ଡ ଆଦି ନୀତି ସରିବାକୁ ରାତି ୯ଟା ହୁଏ। ସନ୍ଧ୍ୟା ଆଳତି ପରେ ସ୍ନାନ ନୀତି ହୁଏ। ରାତି ୨ଟାରେ ରାତ୍ର ଧୂପ ଓ ବଡ଼ସିଂହାର ପରେ ପହଡ଼ ପଡ଼େ।

ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଇତିହାସ ସନାତନ ଶକ୍ତି ସାଧନା ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତ। ଏହି ପବିତ୍ର ଉତ୍କଳ ଭୂମିରେ ଶକ୍ତି ସ୍ୱରୂପିଣୀ ମା’ ଜଗତଜନନୀ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସ୍ୱରୂପରେ ପୂଜା ପାଇ ଭକ୍ତମାନଙ୍କୁ ଅପାର କରୁଣା ପ୍ରଦାନ କରିଆସୁଛନ୍ତି। ସେଥିମଧ୍ୟରୁ ଅଗ୍ନି ସ୍ୱରୂପା ମା’ ହିଙ୍ଗୁଳା, ମୟୂରଭଞ୍ଜର ଅଧିଷ୍ଠାତ୍ରୀ ଦେବୀ ମା’ ଅମ୍ବିକା, କାକଟପୁରର ମା’ ମଙ୍ଗଳା ଏବଂ ଘଟଗାଁର ମା’ ତାରିଣୀଙ୍କ ମହିମା ସାରା ବିଶ୍ୱରେ ଅପାର। ମା’ ଜଗତଜନନୀଙ୍କର ଏହି ଭିନ୍ନ ଭିନ୍ନ ସ୍ୱରୂପ ଓଡ଼ିଶାର ଭକ୍ତି ଭାବକୁ ଆହୁରି ସମୃଦ୍ଧ କରୁଛି। ମହିମାମୟ ଏହି ଚାରି ପୀଠର ଆଧ୍ୟାତ୍ମିକ ଗୁରୁତ୍ୱ ଓ ସ୍ୱତନ୍ତ୍ରତାକୁ ନେଇ ଆମର ଏହି ବିଶେଷ ଉପସ୍ଥାପନା।

ମା’ ଅମ୍ବିକା

ଆସ୍ଥାର ଆଦିପୀଠ

■ ମନୋଜ କୁମାର ପଣ୍ଡା

ଶାରଦୀୟ ଋତୁରେ ମୟୂରଭଞ୍ଜର ଅଧିଷ୍ଠାତ୍ରୀ ଦେବୀ ମା’ ଅମ୍ବିକାଙ୍କ ପୀଠରେ ସୃଷ୍ଟି ହୋଇଛି ଏକ ଅପୂର୍ବ ଭକ୍ତିମୟ ପରିବେଶ। ଶଙ୍ଖ, ଘଣ୍ଟ ଧ୍ୱନି ଧୂପ-ଦୀପ ସୁବାସରେ ଉତ୍ସବମୁଖର ହୋଇଉଠିଛି ଧରାପୃଷ୍ଠ। ରବିବାରଠାରୁ ଆରମ୍ଭ ହୋଇଥିବା ଶାରଦୀୟ ନବରାତ୍ର ଅବସରରେ ମା’ଙ୍କ ପୀଠରେ ଷୋଡ଼ଶ ଉପଚାର ପୂଜା ଚାଲିଥିବା ବେଳେ ପ୍ରତ୍ୟହ ଭିନ୍ନ ଭିନ୍ନ ବେଶରେ ଦର୍ଶନ ଦେଉଛନ୍ତି ଜଗତଜନନୀ।

ପ୍ରତ୍ୟହ ଭିନ୍ନ ବେଶରେ ଦର୍ଶନ ଦେଉଛନ୍ତି ମା’

ନବରାତ୍ରର ପ୍ରତ୍ୟେକ ଦିନ ମା’ଙ୍କ ଦର୍ଶନ କରିବା ପାଇଁ ଭକ୍ତଙ୍କ ମଧ୍ୟରେ ଉତ୍କଣ୍ଠା ଲାଗିରହିଛି। ପରମ୍ପରା ଅନୁଯାୟୀ, ପ୍ରଥମ ଦିନରେ ଶୈଳପୁତ୍ରୀ ରୂପରେ ପୂଜା ପାଇବା ପରେ ଦ୍ୱିତୀୟ ଦିନ ବ୍ରହ୍ମଚାରିଣୀ, ତୃତୀୟ ଦିନ ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିନ କୁଷ୍ମାଣ୍ଡା, ପଞ୍ଚମ ଦିନ ସ୍କନ୍ଦମାତା, ଷଷ୍ଠ ଦିନ କାତ୍ୟାୟନୀ, ସପ୍ତମୀରେ କାଳରାତ୍ରି, ଅଷ୍ଟମୀରେ ମହାଗୌରୀ ଏବଂ ନବମୀ ଦିନ ମା’ ସିଦ୍ଧିଦାତ୍ରୀ ରୂପରେ ପୂଜା ପାଇଥାନ୍ତି। ଶ୍ୱେତ ମର୍ମର ପ୍ରସ୍ତରରେ ନିର୍ମିତ ଚତୁର୍ଭୁଜା ସିଂହବାହିନୀ ମା’ଙ୍କ ଦିବ୍ୟ ରୂପ ଦର୍ଶନ କରି ଭକ୍ତମାନେ ନିଜର ମନୋକାମନା ପୂରଣ ସହ ପରିବାରର ମଙ୍ଗଳ କାମନା କରିଥାନ୍ତି। ସେହିପରି ମନ୍ଦିର ପରିସରରେ ମହାଦେବ, ଗଣେଶ, ପଞ୍ଚମୁଖୀ ହନୁମାନ ଓ ନବଗ୍ରହଙ୍କ ପୀଠରେ ମଧ୍ୟ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଛି।

ଲୋକବିଶ୍ୱାସ ଓ ମନ୍ଦିର ନିର୍ମାଣର ଇତିହାସ

ସହର ମଧ୍ୟଭାଗରେ ଥିବା ଏକ ପ୍ରାଚୀନ ତେନ୍ତୁଳି ଗଛ ମୂଳରେ ଆବିର୍ଭୂତା ମା’ ଅମ୍ବିକାଙ୍କ ପୀଠ ବାରିପଦାର ଅଗାଢ଼ ବିଶ୍ୱାସର ପ୍ରତୀକ। ମା’ଙ୍କ ଆବିର୍ଭାବର ପ୍ରାଚୀନ ଇତିହାସ ରହସ୍ୟାବୃତ ହୋଇ ରହିଥିଲେ ହେଁ ଜିଲ୍ଲା ଗେଜେଟିୟରରୁ ମନ୍ଦିର ସମ୍ପର୍କରେ କିଛି ଉଲ୍ଲେଖନୀୟ ତଥ୍ୟ ମିଳେ। ତଥ୍ୟ ମୁତାବକ, ବାରିପଦାର ବଗସାମଲ ଗଡ଼ର ଦକ୍ଷିଣ ପାର୍ଶ୍ୱରେ ଥିବା ଏହି ପୀଠ ଏକଦା ଜରାଜୀର୍ଣ୍ଣ ଅବସ୍ଥାରେ ଥିଲା। ମୟୂରଭଞ୍ଜର ତତ୍କାଳୀନ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ରୋଗମୁକ୍ତି କାମନାରେ ମା’ଙ୍କ ପୂଜାର୍ଚ୍ଚନା ପାଇଁ ବାର୍ଷିକ ୩୬ ଟଙ୍କାର ବ୍ୟବସ୍ଥା କରିଥିଲେ। ପରବର୍ତ୍ତୀ ସମୟରେ ଗୁଜରାଟୀ ଠିକାଦାର ୱାଲଗୋବିନ୍ଦ ନିଜ ପୁତ୍ରଙ୍କ ଆରୋଗ୍ୟ କାମନାରେ ସ୍ୱପ୍ନାଦେଶ ପାଇ ୧୯୨୦ ମସିହାରେ ବର୍ତ୍ତମାନର ମୁଖ୍ୟ ମନ୍ଦିରର ପୁନଃନିର୍ମାଣ କରାଇଥିଲେ।

ରଥଯାତ୍ରାରେ ମା’ଙ୍କ ସ୍ୱତନ୍ତ୍ର ପରମ୍ପରା

ବାରିପଦାର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ରଥଯାତ୍ରା ସହିତ ମା’ ଅମ୍ବିକାଙ୍କର ରହିଛି ଏକ ଅଭିନ୍ନ ସମ୍ପର୍କ। ଶ୍ରୀଜିଉଙ୍କ ରଥ ପ୍ରତିଷ୍ଠା ପୂର୍ବରୁ ମା’ଙ୍କ ଆଜ୍ଞାମାଳ ଓ ଖଡ଼ଗ ଧରି ମନ୍ଦିରର ପୂଜକ ଦାସୀଙ୍କ ସହ ରଥ ପରିକ୍ରମା କରିଥାନ୍ତି। ମା’ଙ୍କ ଏହି ପବିତ୍ର ଆଜ୍ଞାମାଳ ବିଜେ ପରେ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ଆରମ୍ଭ ହୁଏ। ରଥଯାତ୍ରା ନିର୍ବିଘ୍ନରେ ସମ୍ପନ୍ନ ହେବା ଏବଂ ଭକ୍ତଙ୍କ ସୁରକ୍ଷା ପାଇଁ ଏହି ଶକ୍ତି ଆବାହନ ଏକ ପ୍ରତୀକ ବୋଲି ବିଶ୍ୱାସ ରହିଛି।

ଶ୍ରଦ୍ଧାଳୁଙ୍କ ଗହଳି ଓ ପ୍ରଶାସନିକ ବ୍ୟବସ୍ଥା

ପଣା ସଂକ୍ରାନ୍ତି, ମକର ସଂକ୍ରାନ୍ତି ହେଉ କି ବାସନ୍ତୀକ ଦୁର୍ଗାପୂଜା ବର୍ଷତମାମ ମା’ଙ୍କ ପୀଠରେ ଚଳଚଞ୍ଚଳ ଲାଗିରହିଥାଏ। ତେବେ ଶାରଦୀୟ ନବରାତ୍ରରେ ଚଣ୍ଡୀପାଠ, ହୋମ ଓ ଆଳତି ଦର୍ଶନ ପାଇଁ କେବଳ ମୟୂରଭଞ୍ଜ ନୁହେଁ, ବାହାର ଜିଲ୍ଲାରୁ ମଧ୍ୟ ଶତାଧିକ ଶ୍ରଦ୍ଧାଳୁ ଏଠାରେ ସମାଗମ ହୋଇଥାନ୍ତି। ଆଗକୁ ଦୁର୍ଗାପୂଜା ଆସୁଥିବାରୁ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ଟାଉନ ଥାନା ପୁଲିସ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ତଥା ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ଅଗ୍ନିସ୍ୱରୂପା

ମା’ ହିଙ୍ଗୁଳା

■ ବିରଞ୍ଚି ନାରାୟଣ ସାମଲ

ତାଳଚେର ସ୍ଥିତ ମା’ ହିଙ୍ଗୁଳା ବିଶ୍ୱରୂପା, ବିଶ୍ୱଜନନୀ। ସପ୍ତଶତୀ ଚଣ୍ଡୀରେ ଯେତେଯେତେ ଦେବୀଙ୍କ ନାମ ଅଛି, ସେଥିରେ ହିଙ୍ଗୁଳାଙ୍କ ନାମ ମିଳେ ନାହିଁ। ଅଥଚ ସେହି ଗ୍ରନ୍ଥରେ ତାଙ୍କୁ ସ୍ଥଳବିଶେଷରେ ଅଗ୍ନିପ୍ରଭ, ଅଗ୍ନିରୂପା, ଜ୍ୟୋତିର୍ମୟ ଭାବରେ ଉଲ୍ଲେଖ କରାଯାଇଛି। ମା’ଙ୍କ ପୀଠ କେବଳ ପ୍ରାଚୀନ ନୁହେଁ, ବରଂ ବୈଚିତ୍ର୍ୟମୟ। ମହାକବି ସାରଳା ଦାସ ହିଁ ସର୍ବ ପ୍ରଥମେ ଓଡ଼ିଆ ସାହିତ୍ୟରେ ହିଙ୍ଗୁଳାଙ୍କ ପ୍ରତି ଭକ୍ତି ନିବେଦନ କରିଛନ୍ତି ଓ ତାଙ୍କୁ ପୌରାଣିକ ଆଖ୍ୟାନ ସହିତ ଯୋଡ଼ି ତାଙ୍କର ପ୍ରାଚୀନତାକୁ ଦର୍ଶାଇଛନ୍ତି ।

ଆଦି ଶକ୍ତିପୀଠ

୧୫୭୫ ମସିହାରୁ ତାଳଚେରର ପ୍ରଥମ ରାଜା ବୀରବର ହରିଚନ୍ଦନଙ୍କଠାରୁ ଗୋପାଳଗଡ଼ଠାରେ ହିଙ୍ଗୁଳା ଯାତ୍ରା ହୋଇଆସୁଛି। ହିଙ୍ଗୁଳା ପୀଠ ଅତ୍ୟନ୍ତ ପବିତ୍ର । ସିଙ୍ଗଡ଼ା ନଦୀ ତଟ ଭୂମିରେ ଏହା ପ୍ରତିଷ୍ଠିତ । ଅନୁଗୋଳ ଜିଲ୍ଲାର ତାଳଚେର ପଶ୍ଚିମ ପଟେ ଏହି ତୀର୍ଥସ୍ଥାନ ଅବସ୍ଥିତ । ଏହା ଏକ ଆଦିମ ଶକ୍ତିପୀଠ । ବସନ୍ତ ଋତୁର ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ତିଥି ଅର୍ଥାତ୍ ବିଷ୍ଣୁ ଦମନକ ଚତୁର୍ଦ୍ଦଶୀରେ ପାଳିତ ହୁଏ ମା’ଙ୍କ ମୁଖ୍ୟ ପର୍ବ। ଏହାର କିଛି ଦିନ ପୂର୍ବରୁ ଦେବୀ କୁଟେଇଶୁଣୀଙ୍କ ମଣ୍ଡପରେ ହୁଏ ଜନ୍ତାଳ ପୂଜା। ଦେବୀଙ୍କୁ ଏହି ସମୟରେ ଷୋଡ଼ଶ ଉପଚାରରେ ପୂଜା କରାଯାଏ । ପୀଠର ପୂର୍ବ ବା ପଶ୍ଚିମ ପଟରେ ରାତ୍ରିରେ ଯେଉଁ ସ୍ଥାନରେ ଅଗ୍ନି ଆବିର୍ଭୁତ ହୁଏ, ସେହି ସ୍ଥାନରେ ମା ‘ଙ୍କୁ ଶାବରୀ ମନ୍ତ୍ରରେ ପୂଜା କରାଯାଏ।

ଦୁର୍ଗାପୂଜାରେ ଚଳଚଞ୍ଚଳ ପୀଠ

ଶାରଦୀୟ ଦୁର୍ଗା ପୂଜାରେ ମା’ଙ୍କ ପୀଠ ଚଳଚଞ୍ଚଳ ହୋଇ ଉଠେ। ଷୋଡ଼ଶ ଉପଚାରରେ ମା’ଙ୍କ ନବରାତ୍ର ପୂଜା କରାଯାଏ। ସେହିପରି ମା’ ଧାରଣ କରୁଥିବା ସମସ୍ତ ଆୟୁଧ, ଖଡ଼ଗ, ଚକ୍ର, ତ୍ରିଶୁଳ ଆଦି ନବରାତ୍ରୀରେ ପୂଜା କରାଯାଏ। ନବଦିନ ଧରି ଚଣ୍ଡୀପାଠ, ଯଜ୍ଞ, ମନ୍ତ୍ର, ଶ୍ଳୋକ ସହିତ ମା’ଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଏ।

ଗୋପାଳ ଗଡ଼ ପୂଜପୀଠ, ଶ୍ରୀମନ୍ଦିର ରୋଷଘର

ନଳ ରାଜା ମା’ ହିଙ୍ଗୁଳାଙ୍କର ପରମ ଭକ୍ତ ଥିଲେ। ଯେତେବେଳେ ପୁରୀର ରାଜା ପ୍ରଭୁ ଜଗନ୍ନାଥଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରିବା ପାଇଁ ପ୍ରାର୍ଥନା କଲେ ,ସେତେବେଳେ ପ୍ରଭୁଙ୍କ ସ୍ୱପ୍ନାଦେଶକ୍ରମେ ମା’ ହିଙ୍ଗୁଳାଙ୍କୁ ଆଣିବା ପାଇଁ ବିଦର୍ଭ ଗଲେ ଓ ରାଜା ନଳଙ୍କୁ ଭେଟି ହିଙ୍ଗୁଳାଙ୍କୁ ନେବା ଲାଗି ଅନୁରୋଧ କଲେ। ରାଜା ମା’ଙ୍କ ଅଗ୍ନିରୂପ ନେଇ ଆସିଲାବେଳେ ତାଳଚେର ନିକଟବର୍ତ୍ତୀ ଗୋପାଳଗଡ଼ଠାରେ ବିଶ୍ରାମ ନେଲେ । ସେଠାରେ ମା’ ହିଙ୍ଗଳା ରାଜାଙ୍କୁ ସ୍ୱପ୍ନରେ ଜଣାଇଲେ ଯେ, ଗୋପାଳଗଡ଼ ହେବ ତାଙ୍କର ପୂଜାପୀଠ ଓ ପୁରୀ ଶ୍ରୀମନ୍ଦିର ରୋଷଘର ହେବ ତାଙ୍କର କର୍ମପୀଠ । ଅଗ୍ନୀରୂପା ମା’ ହିଙ୍ଗୁଳାଙ୍କୁ ଭକ୍ତମାନେ ଯାହା ଅର୍ପଣ କରନ୍ତି , ତାହା ଭସ୍ମ ହୋଇଯାଏ ।

ଏହି ପୂଜାରେ ଧନୀ, ଦରିଦ୍ର୍ୟ, ଉଚ୍ଚନୀଚ, ଜାତି ଅଜାତିର ଭେଦଭାବ ନଥାଏ। ମୂଳତଃ ଏହା ଆଦିବାସୀ କନ୍ଧମାନଙ୍କର ପୂଜା ହୋଇଥିଲେ ହେଁ ସବୁ ଶ୍ରେଣୀର ଲୋକେ ଏହି ପୂଜାରେ ଏକାତ୍ମ୍ୟ ହୋଇଯାଆନ୍ତି। ତାଳଚେରର ମା’ ହିଙ୍ଗୁଳାଙ୍କ ଉପାସନା ଜଗନ୍ନାଥ ସଂସ୍କୃତି ସହିତ ଏକାକାର ହୋଇ ଓଡ଼ିଶାର ଜଗନ୍ନାଥ ଓ ଶାକ୍ତ ସଂସ୍କୃତିର ଯେ ଜୀବନ୍ତ ବାର୍ତ୍ତା ପ୍ରଚାର କରୁଛି, ଏହା ଅନସ୍ୱୀକାର୍ଯ୍ୟ।

ଏହି ଚାରି ଦେବୀ ହେଉଛନ୍ତି ଶକ୍ତିର ଭିନ୍ନ ଭିନ୍ନ ପ୍ରକାଶ। ଯେଉଁଠି ମା’ ହିଙ୍ଗୁଳା ଅଗ୍ନିର ପ୍ରେରଣା ଦିଅନ୍ତି, ମା’ ଅମ୍ବିକା ରାଜକୀୟ ଐଶ୍ୱର୍ଯ୍ୟ ଓ ସୁରକ୍ଷା ପ୍ରଦାନ କରନ୍ତି, ମା’ ମଙ୍ଗଳା ଶ୍ରୀଜଗନ୍ନାଥଙ୍କ ସେବାର ମାର୍ଗ ଦେଖାନ୍ତି ଏବଂ ମା’ ତାରିଣୀ ସାଧାରଣ ଲୋକଙ୍କ ସରଳ ବିଶ୍ୱାସକୁ ଆଶୀର୍ବାଦରେ ପରିଣତ କରନ୍ତି। ରୂପ ଭିନ୍ନ ହେଲେ ମଧ୍ୟ ସେମାନେ ସମସ୍ତେ ମାତୃଶକ୍ତିର ଏକ ଏକ ସ୍ୱରୂପ, ଯିଏ ଓଡ଼ିଶାର ସଂସ୍କୃତିକୁ ସୁରକ୍ଷିତ ଓ ସମୃଦ୍ଧ କରି ରଖିଛନ୍ତି।

ମା’ ତାରିଣୀ

ଘଟଗାଁବାସିନୀ ବିପଦନାଶିନୀ

■ ଶରତ ଦାସ

ଓଡ଼ିଶାର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଜୀବନରେ ଘଟଗାଁ ତାରିଣୀ ପୀଠର ଏକ ସ୍ୱତନ୍ତ୍ର ଏବଂ ଗୌରବମୟ ସ୍ଥାନ ରହିଛି। ଶ୍ରଦ୍ଧା ଓ ବିଶ୍ୱାସର ସହ ମାଆଙ୍କ ନିକଟରେ ଗୁହାରି କଲେ ସେ ଭକ୍ତର ମନୋସ୍କାମନା ପୂରଣ କରନ୍ତି ବୋଲି ସାଧାରଣରେ ଦୃଢ଼ ବିଶ୍ୱାସ ରହିଛି। ଖାସ୍ ସେଥିପାଇଁ ଘନ ଶାଳ ଜଙ୍ଗଲ ମଧ୍ୟରେ ପ୍ରକୃତିର କୋଳରେ ଅବସ୍ଥିତ ଏହି ପୀଠକୁ ପ୍ରତିଦିନ ହଜାର ହଜାର ଭକ୍ତ ମାଆଙ୍କ ଦର୍ଶନ ଓ ଆଶୀର୍ବାଦ ଭିକ୍ଷା କରିବାକୁ ଆସିଥାନ୍ତି।

ନଡ଼ିଆ ଅର୍ପଣର ଅନନ୍ୟ ପରମ୍ପରା

ମା’ ତାରିଣୀଙ୍କ ପୀଠର ସବୁଠାରୁ ବଡ଼ ସ୍ୱାତନ୍ତ୍ର୍ୟ ହେଉଛି ମାଆଙ୍କୁ ନଡ଼ିଆ ଅର୍ପଣ କରିବା। ଭକ୍ତମାନେ ନିଜର ମାନସିକ ପୂରଣ ପାଇଁ ମାଆଙ୍କୁ ନଡ଼ିଆ ଯାଚିଥାନ୍ତି। ଓଡ଼ିଶାର ଯେକୌଣସି ପ୍ରାନ୍ତରୁ ଶ୍ରଦ୍ଧାଳୁମାନେ ଯଦି ରାସ୍ତାରେ ଯାଉଥିବା କୌଣସି ଗାଡ଼ି କିମ୍ବା ବସ୍ ଚାଳକଙ୍କୁ ମା’ଙ୍କ ଉଦ୍ଦେଶ୍ୟରେ ନଡ଼ିଆ ଦିଅନ୍ତି, ତେବେ ସେମାନେ ବିନା କୌଣସି ମୂଲ୍ୟରେ ସେହି ନଡ଼ିଆକୁ ସାଦରେ ଗ୍ରହଣ କରି ଘଟଗାଁରେ ପହଞ୍ଚାଇ ଦିଅନ୍ତି।

ମହା ସପ୍ତମୀ ଠାରୁ ଦଶମୀ ପର୍ଯ୍ୟନ୍ତ ମା’ଙ୍କର ହୁଏ ସୁନାବେଶ

ଶାରଦୀୟ ଦୁର୍ଗାପୂଜା ଅବସରରେ ଘଟଗାଁ ମା’ ତାରିଣୀଙ୍କ ସୁନାବେଶ ଏକ ଅତି ମନୋରମ ଓ ଭକ୍ତିମୟ ମାହୋଲ ସୃଷ୍ଟି କରିଥାଏ। ଦୁର୍ଗାପୂଜା ସମୟରେ ମାଆଙ୍କର ଏହି ଭବ୍ୟ ରୂପକୁ ଦର୍ଶନ କରିବା ପାଇଁ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ଦୁର୍ଗାପୂଜା ସମୟରେ ମା’ ତାରିଣୀଙ୍କର ବିଶେଷ ସୁନାବେଶ ମହା ସପ୍ତମୀ, ମହା ଅଷ୍ଟମୀ, ମହା ନବମୀ ଏବଂ ବିଜୟା ଦଶମୀ ଦିନ ଅନୁଷ୍ଠିତ ହୋଇଥାଏ। ବିଶେଷ କରି ଦଶହରା ଦିନ ମା’ ସମ୍ପୂର୍ଣ୍ଣ ରାଜକୀୟ ସ୍ୱର୍ଣ୍ଣ ଅଳଙ୍କାରରେ ସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ମନ୍ଦିର ପରିସରରେ ମା’ ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି ତିଆରି କରାଯାଇ ଷୋଡ଼ଶ ଉପଚାରରେ ପୂଜା କରାଯାଇଥାଏ। ସକାଳୁ ମା’ଙ୍କର ମାଜଣ ନୀତି ସମ୍ପର୍ଣ୍ଣ ହୋଇ ସ୍ୱତନ୍ତ୍ର ପୂଜା କରାଯାଇଥାଏ। ପରେ ପରେ ମା’ଙ୍କର ପବିତ୍ର ସୁନାବେଶ କରାଯାଇଥାଏ।

● ହଂକଂ ସିକ୍ସେସ୍

ବାଦ୍ ପଡ଼ିଲେ ଭୁବନେଶ୍ୱର; ପାଣ୍ଡ୍ୟାଙ୍କୁ ନେତୃତ୍ୱ

ନୂଆଦିଲ୍ଲୀ, ୧୭ ।୧୦ (ଏଜେନ୍ସି): ଚଳିତ ମାସ ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ହଂକଂ ସିକ୍ସେସ କ୍ରିକେଟ ଟୁର୍ଣ୍ଣାମେଣ୍ଟରୁ ଭୁବନେଶ୍ୱର କୁମାରଙ୍କୁ ଭାରତୀୟ ଦଳରୁ ବାଦ୍ ଦିଆଯାଇଛି । ଅକ୍ଟୋବର ୨୨ରୁ ଆରମ୍ଭ ହେବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ ଲାଗି ଭୁବନେଶ୍ୱରଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି । ଫଳରେ ଭୁବନେଶ୍ୱର ଆଉ ହଂକଂ ସିକ୍ସେସ ଟୁର୍ଣ୍ଣାମେଣ୍ଟରେ ଖେଳିପାରିବେ ନାହିଁ। ପୂର୍ବରୁ ହଂକଂ ସିକ୍ସେସ ଲାଗି ଘୋଷିତ ଭାରତୀୟ ଦଳର ନେତୃତ୍ୱ ଭାର ଭୁବନେଶ୍ୱରଙ୍କୁ ଦିଆଯାଇଥିଲା । ଏବେ ଭୁବନେଶ୍ୱର ବାଦ୍ ପଡ଼ିବା ଫଳରେ ତାଙ୍କ ସ୍ଥାନରେ କ୍ରୁନାଲ ପାଣ୍ଡ୍ୟାଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଛି । ସେହିଭଳି କୁଲୱନ୍ତ ଖେଜରୋଲିଆଙ୍କୁ ଭୁବନେଶ୍ୱରଙ୍କ ସ୍ଥାନରେ ଦଳରେ ସାମିଲ କରାଯାଇଛି । ପୂର୍ବରୁ ହଂକଂ ସିକ୍ସେସ ଲାଗି ଘୋଷିତ ୭ଜଣିଆ ଦଳରେ ଶଶାଙ୍କ ସିଂହ, ନୀତୀଶ ରାଣା, ରାହୁଲ ତେୱାଟିଆ, ରାହୁଲ ତ୍ରିପାଠୀ ଓ ଟି. ନଟରାଜନ ସ୍ଥାନ ପାଇଥିଲେ । ଉଲ୍ଲେଖଯୋଗ୍ୟ ହଂକଂ ସିକ୍ସେସ୍ ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୩୦ରୁ ନଭେମ୍ବର ୧ ପର୍ଯ୍ୟନ୍ତ ଖେଳାଯିବ । ଏହି ଲିଗରେ ମୋଟ ୧୨ ଟି ଦଳ ଖେଳିବେ । ଛଅ ଓଭରବିଶିଷ୍ଟ ଏହି ମ୍ୟାଚରେ ପ୍ରତି ଦଳରେ ୬ଜଣ ଲେଖାଏ ଖେଳାଳି ରହିବେ ।

ମୁମ୍ବାଇ ଇଣ୍ଡିଆନ୍ସର ପ୍ରଶିକ୍ଷକ ପଦ ଛାଡ଼ିଲେ ଜୟବର୍ଦ୍ଧନେ

ମୁମ୍ବାଇ, ୧୭ ।୧୦: ଆଇପିଏଲ୍‌ର ଆଗାମୀ ୨୦ତମ ସଂସ୍କରଣ ପୂର୍ବରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି । ପାଞ୍ଚ ପାଞ୍ଚଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସର ମୁଖ୍ୟ ପ୍ରଶିକ୍ଷକ ପଦରୁ ମାହେଲା ଜୟବର୍ଦ୍ଧନେ ଇସ୍ତଫା ଦେଇଛନ୍ତି । ଶନିବାର ମୁମ୍ବାଇ ଫ୍ରାଞ୍ଚାଇଜ୍ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦିଆଯାଇଛି । ୪୯ ବର୍ଷୀୟ ଜୟବର୍ଦ୍ଧନେ ଦୁଇଟି ପର୍ଯ୍ୟାୟରେ ମୁମ୍ବାଇ ପାଇଁ ଗୁରୁଦାୟିତ୍ୱ ତୁଲାଇଥିଲେ । ମୁମ୍ବାଇ ଦଳ ସହ ତାଙ୍କର ପ୍ରଥମ କାର୍ଯ୍ୟକାଳ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ରହିଥିଲା । ଯେତେବେଳେ କି ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୪ରୁ ୨୦୨୬ ପର୍ଯ୍ୟନ୍ତ ସେ ମୁମ୍ବାଇର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ । ଜୟବର୍ଦ୍ଧନେଙ୍କ ୫ଟି ସଂସ୍କରଣର କାର୍ଯ୍ୟକାଳ ସମୟରେ ମୁମ୍ବାଇ ୨୦୧୭, ୨୦୧୯ ଓ ୨୦୨୦ରେ ଆଇପିଏଲ୍ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲା । କିନ୍ତୁ ୨୦୨୬ ସଂସ୍କରଣରେ ଦଳ ୯ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା । ଜୟବର୍ଦ୍ଧନେଙ୍କ ଇସ୍ତଫା ମୁମ୍ବାଇ ଇଣ୍ଡିଆନ୍ସରେ ହେବାକୁ ଥିବା ଏକ ବଡ଼ ପରିବର୍ତ୍ତନର ସୂଚନା ଦେଉଛି । ରିପୋର୍ଟ ଅନୁଯାୟୀ ମୁମ୍ବାଇ ଆଇପିଏଲ୍-୨୦ ପୂର୍ବରୁ ନିଜର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅନ୍ୟ ଦଳକୁ ପଠାଇବା (ଟ୍ରେଡ୍ କରିବା) ବିଷୟରେ ବିଚାର କରୁଛି ।

ଡିସେମ୍ବର ୧୬ରେ ହେବ ଆଇପିଏଲ୍ ନିଲାମୀ

ମୁମ୍ବାଇ, ୧୭ ।୧୦ (ଏଜେନ୍ସି): ଆଇପିଏଲର ଆଗାମୀ ୨୦ତମ ସିଜନ ପୂର୍ବରୁ ହେବାକୁ ଥିବା ମିନି ନିଲାମୀର ତାରିଖ ଏକ ପ୍ରକାର ସ୍ପଷ୍ଟ ହୋଇଛି । ଡିସେମ୍ବର ୧୬ରେ ଗୋଆର ଏକ ପଞ୍ଚତାରକା ହୋଟେଲରେ ଏହି ମିନି ନିଲାମୀ ଅନୁଷ୍ଠିତ ହେବ । ରିପୋର୍ଟ ଅନୁଯାୟୀ, ଲଜିଷ୍ଟିକ୍ସ ଦଳକୁ ବିସିସିଆଇ ଦ୍ୱାରା ପଠାଯାଇଥିବା ଏକ ହ୍ୱାଟ୍ସଆପ୍ ମେସେଜରୁ ନିଲାମୀ ତାରିଖ ଜଣାପଡ଼ିଥିଲା । ତେବେ ନିଲାମର ସ୍ଥାନ ଏବଂ ତାରିଖ ସମ୍ପର୍କରେ ଏପର୍ଯ୍ୟନ୍ତ ଫ୍ରାଞ୍ଚାଇଜ୍ ମାଲିକ କିମ୍ବା ସିଇଓଙ୍କୁ ବିସିସିଆଇ କୌଣସି ଆନୁଷ୍ଠାନିକ ଇମେଲ୍ ପଠାଇନାହିଁ । ଖୁବଶୀଘ୍ର ଏକ ଆନୁଷ୍ଠାନିକ ବିଜ୍ଞପ୍ତିରେ ବିସିସିଆଇ ପକ୍ଷରୁ ନିଲାମୀ ତାରିଖ ବିଧିବଦ୍ଧ ଭାବରେ ଘୋଷଣା କରାଯିବ ବୋଲି ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ଦୀର୍ଘ ୩ ବର୍ଷ ପରେ ଏଥର ଆଇପିଏଲ୍ ନିଲାମୀ ଭାରତରେ ହେବ । ଏଥିପୂର୍ବରୁ ୨୦୨୪, ୨୦୨୫ ଓ ୨୦୨୬ ସଂସ୍କରଣର ଖେଳାଳି ନିଲାମ ଯଥାକ୍ରମେ ଦୁବାଇ, ଯେଦ୍ଧା ଓ ଆବୁଧାବିରେ ଅନୁଷ୍ଠିତ ହୋଇଥିଲା ।

ବର୍ଷାରେ ଧୋଇଗଲା ନିର୍ଣ୍ଣାୟକ ମୁକାବିଲା; ହୋପ୍ ଶ୍ରେଷ୍ଠ ଖେଳାଳି

ଭାରତ-ୱେଷ୍ଟଇଣ୍ଡିଜ୍ ଟି-୨୦ ସିରିଜ୍ ବରାବର

ବେଙ୍ଗାଲୁରୁ,୧୭।୧୦(ଏଜେନ୍ସି)

କ୍ରମାଗତ ବର୍ଷା ଓ ଓଦା ପଡ଼ିଆ ଯୋଗୁଁ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଏଠାରେ ଖେଳାଯିବାକୁ ଥିବା ୫ମ ତଥା ନିର୍ଣ୍ଣାୟକ ମୁକାବିଲା ବାତିଲ ହୋଇଯାଇଛି । ଏହା ଫଳରେ ଏହି ସିରିଜ୍ ୨-୨ରେ ବରାବର ରହିଛି । ଏହା ପୂର୍ବରୁ ଖେଳାଯାଇଥିବା ଦିନିକିଆ ସିରିଜ୍‌ରେ ଭାରତ ୨-୧ରେ ୱେଷ୍ଟଇଣ୍ଡିଜ୍‌କୁ ହରାଇଥିଲା । ଭାରତ ବିପକ୍ଷରେ ୧୩୮ ବଲ୍‌ରୁ ୨୬୧ ରନ୍ କରିଥିବା ୱେଷ୍ଟଇଣ୍ଡିଜ୍‌ର ଅଧିନାୟକ ଶେ ହୋପ୍‌ଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଏହି ସିରିଜ୍ ଡ୍ର ରହିବା ଫଳରେ ଘରୋଇ ମାଟିରେ ଭାରତ ୨୦୧୯ ପରଠାରୁ କୌଣସି ଟି-୨୦ ସିରିଜ୍‌ରେ ପରାଜିତ ହୋଇନାହିଁ । ସେହିପରି ଏହି ହାଇସ୍କୋରିଂ ମୁକାବିଲାରେ ଓଭରପ୍ରତି ସର୍ବାଧିକ ୧୦.୯୮ ରନ୍ ସଂଗୃହୀତ ହୋଇଛି । ସେହିପରି ଦୁଇଟି ପୂର୍ଣ୍ଣସଦସ୍ୟ ବିଶିଷ୍ଟ ରାଷ୍ଟ୍ର ମଧ୍ୟରେ ଖେଳାଯାଇଥିବା ସିରିଜ୍‌ରେ ତୃତୀୟ ସର୍ବାଧିକ ୧୧୬ଟି ଛକା ମରାଯାଇଛି । ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍ ପରେ ଭାରତୀୟ ଦଳ ଆଉ ଏକ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ନ୍ୟୁଜିଲାଣ୍ଡ ଯିବ । ଏହି ସିରିଜ୍‌ର ମ୍ୟାଚ୍ ଗୁଡ଼ିକ ଅକ୍ଟୋବର ୨୨, ୨୪, ୨୭, ୩୦ ଓ ନଭେମ୍ବର ୧ରେ ଖେଳାଯିବ ।

ଆଜି ଖେଳାଯିବାକୁ ଥିବା ୫ମ ତଥା ନିର୍ଣ୍ଣାୟକ ମ୍ୟାଚ୍ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା । ବର୍ଷା ଛାଡିବା ପରେ ରାତି ୯ଟା ୧୫ରେ ୯ ଓଭର ବିଶିଷ୍ଟ ମ୍ୟାଚ୍ କରିବାକୁ ନିଷ୍ପତ୍ତି ହୋଇଥିଲା । ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୭.୪ ଓଭରରେ ୫ ୱିକେଟ ହରାଇ ୧୧୮ ରନ୍ କରିଥିଲାବେଳେ ପୁନର୍ବାର ବର୍ଷା ହେବାରୁ ମ୍ୟାଚ୍‌କୁ ବାତିଲ କରିବାକୁ ପଡ଼ିଥିଲା । ଫଳରେ ସିରିଜ୍ ଯଥାର୍ଥରେ ବରାବର ରହିଥିଲା । ଏହି ମୁକାବିଲା ପୂର୍ବରୁ ଉଭୟ ଦଳ ୨ଟି ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ । ସିରିଜର ପ୍ରଥମ ଟି-୨୦ରେ ଭାରତ ୮ ୱିକେଟରେ ଓ ତୃତୀୟ ଟି-୨୦ରେ ୧୪ ରନ୍‌ରେ ବିଜୟୀ ହୋଇଥିଲା । ସେହିପରି ଦ୍ୱିତୀୟ ମୁକାବିଲାକୁ ୱେଷ୍ଟଇଣ୍ଡିଜ୍ ୬ ୱିକେଟରେ ଓ ଚତୁର୍ଥକୁ ୨୪ ରନ୍‌ରେ ଜିତି ସିରିଜ୍‌କୁ ବରାବର ସ୍ଥିତିରେ ରଖିଥିଲା ।

ଭାରତ-ନ୍ୟୁଜିଲାଣ୍ଡ ଟି-୨୦ ଖେଳସୂଚୀ

ତାରିଖ	ମ୍ୟାଚ୍	ଭେନ୍ୟୁ
ଅକ୍ଟୋବର ୨୨	ପ୍ରଥମ ଟି-୨୦	ଖ୍ରୀଷ୍ଟଚର୍ଚ୍ଚ
ଅକ୍ଟୋବର ୨୪	ଦ୍ୱିତୀୟ ଟି-୨୦	ଖ୍ରୀଷ୍ଟଚର୍ଚ୍ଚ
ଅକ୍ଟୋବର ୨୭	ତୃତୀୟ ଟି-୨୦	ୱେଲିଂଟନ
ଅକ୍ଟୋବର ୩୦	ଚତୁର୍ଥ ଟି-୨୦	ଅକ୍‌ଲାଣ୍ଡ
ନଭେମ୍ବର ୦୧	ପଞ୍ଚମ ଟି-୨୦	ହାମିଲଟନ

ଆଜିଠାରୁ ୫ମ ପାରା ଏସିଆନ୍ ଗେମ୍ସ

ଟୋକିଓ,୧୭।୧୦(ଏଜେନ୍ସି): ପାରା ଏସିଆନ ଗେମ୍ସର ପଞ୍ଚମ ସଂସ୍କରଣ ଆସନ୍ତାକାଲିଠାରୁ ୨୪ ତାରିଖଯାଏ ଆଇଛଚି ନାଗୋୟାଠାରେ ଅନୁଷ୍ଠିତ ହେବ । ପ୍ରତି ୪ ବର୍ଷରେ ଏବେ ଆୟୋଜିତ ହେଉଥିବା ଏହି ମେଗା ଇଭେଣ୍ଟ ପାରା କ୍ରୀଡ଼ାରେ ସର୍ବଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଭାବେ ବିବେଚନା କରାଯାଇଛି । ସପ୍ତାହେ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ୪୮୯ଟି ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା ହେବ । ୧୯ଟି କ୍ରୀଡ଼ା ଶୃଙ୍ଖଳାରେ ଏସିଆ ମହାଦେଶରୁ ୪୫ଟି ଦେଶର ୩୦୦୦ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି । ୨୧ଟି ବିଭିନ୍ନ ଭେନ୍ୟୁରେ ଭିନ୍ନ ଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜିତ ହେବ । ନାଗୋୟାରେ ଥିବା ପାଲୋମା ମିଜୁହୋ ସ୍ପୋର୍ଟ୍ସ ପାର୍କରେ ପ୍ରତିଯୋଗିତାର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବ ସହ ଏକାଧିକ ପ୍ରତିଯୋଗିତା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି । ଭାରତୀୟ ସମୟ ସନ୍ଧ୍ୟା ୬ଟାରେ ଉଦ୍‌ଘାଟନୀ ଉତ୍ସବର କାର୍ଯ୍ୟକ୍ରମ ଆୟୋଜିତ ହେବ । ଡିଡି ସ୍ପୋର୍ଟ୍ସରେ ଏହା ସିଧାସଳଖ ପ୍ରସାରିତ ହେବାର କାର୍ଯ୍ୟକ୍ରମ ରହିଛି ।

ଏହା ମଧ୍ୟରୁ ଭାରତ ୧୧ଟି ଶୃଙ୍ଖଳାରେ ୧୬୮ଜଣ ପ୍ରତିଯୋଗୀଙ୍କୁ ପଠାଇଛି । ଗତଥର ଭାରତ ୨୭ଟି ସ୍ୱର୍ଣ୍ଣସହ ୧୦୮ଟି ମେଡାଲ ଜିତିଥିଲା । ଏଥର ସେହି ସଫଳତା ଦୋହରାଇବା ଆଶାରେ ରହିଛି । ପାରା ଆଥଲେଟିକ୍ସରେ ସର୍ବାଧିକ ୬୨ ଓ ପାରା ସାଇକ୍ଲିଂରେ ମାତ୍ର ଜଣେ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି । ଓଡ଼ିଶାରୁ ୪ଜଣ ଯଥା ପାରା ଆର୍ଚରୀରେ ପାୟଲ ନାଗ୍, ଆଥଲେଟିକ୍ସରେ ଜୟନ୍ତୀ ବେହେରା ଓ ସୁଚିତ୍ରା ପରିଡ଼ା, ବ୍ୟାଡ୍‌ମିଣ୍ଟନରେ ପ୍ରମୋଦ ଭଗତ ଅଂଶଗ୍ରହଣ କରୁଛନ୍ତି । ଉଦ୍‌ଘାଟନୀ ଉତ୍ସବ ପରେଡରେ ପ୍ରମୋଦ ଜାତୀୟ ପତାକା ଧରିବେ ବୋଲି ଘୋଷଣା କରାଯାଇଛି ।

ଦୁଇଟି ବିଭାଗରେ ହାରିଲେ ପ୍ରମୋଦ

ଓଡ଼ିଶାର ପ୍ରମୋଦ ଭଗତ ଆଜି ଖେଳାଯାଇଥିବା ରାଉଣ୍ଡ ରବିନ୍ ଲିଗ୍‌ର ପୁରୁଷ ଯୁଗଳ ଓ ମିଶ୍ରିତ ଯୁଗଳରେ ପରାଜିତ ହୋଇଛନ୍ତି । ପ୍ରତିଯୋଗିତାରେ ତିଷ୍ଠି ରହିବାକୁ ହେଲେ ପ୍ରମୋଦ ଓ ତାଙ୍କ ପାର୍ଟନରଙ୍କୁ ପରବର୍ତ୍ତୀ ମ୍ୟାଚ୍‌ରେ ଜିତିବା ନିହାତି ଜରୁରୀ ବୋଲି ଜଣାଯାଇଛି । କିନ୍ତୁ ଏକକ ବିଭାଗରେ ସେ ବିଜୟୀ ହୋଇଛନ୍ତି ।

ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ଲାଗି ୩୦ ଲକ୍ଷ

ନୂଆଦିଲ୍ଲୀ,୧୭।୧୦(ଏଜେନ୍ସି): ବିଭିନ୍ନ ଖେଳରେ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ ଲାଗି କେନ୍ଦ୍ର ସରକାର ସହାୟତାର ହାତ ବଢ଼ାଇଛନ୍ତି । ଆଜି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶାବଳୀରୁ ଏହା ଜଣାଯାଇଛି । ଏହି ନିର୍ଦ୍ଦେଶାବଳୀରେ କେଉଁ ପ୍ରକାର ଖେଳର ଜାତୀୟ ଚାମ୍ପିଅନସିପ୍ ଆୟୋଜନ ଲାଗି କେତେ ଆର୍ଥିକ ଅନୁଦାନ ଦିଆଯିବ ତାହା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି । ଏହାକୁ ଦେଖିଲେ ହାଇ ପ୍ରାୟୋରିଟି ସ୍ପୋର୍ଟ୍ସ ଡିସିପ୍ଲିନ୍ (ବର୍ଗୀକରଣ ଉଲ୍ଲେଖ ହୋଇନାହିଁ)ର ଜାତୀୟ ଚାମ୍ପିଅନସିପ୍ ଆୟୋଜନ ଲାଗି ସମ୍ପୃକ୍ତ ଜାତୀୟ କ୍ରୀଡ଼ା ସଂଗଠନକୁ ୩୦ ଲକ୍ଷ ଟଙ୍କାର ସହାୟତା ଦିଆଯିବ । ସାଧାରଣ ଶୃଙ୍ଖଳା ବା ଜେନେରାଲ ଡିସିପ୍ଲିନ୍ ଗେମ୍ସ ଆୟୋଜନ ଲାଗି ୨୫ ଲକ୍ଷ ଓ ପାରା ଅଲିମ୍ପିକ୍ସ ସଂଘ ଦ୍ୱାରା ସ୍ୱୀକୃତି ପାଇଥିବା ଶାରିରୀକ ଭିନ୍ନକ୍ଷମ କ୍ରୀଡ଼ାର ସମସ୍ତ କାଟାଗୋରୀ ଲାଗି ୨୦ ଲକ୍ଷ ଲେଖାଏଁ ଟଙ୍କା ଦେବାକୁ କ୍ରୀଡ଼ା ମନ୍ତ୍ରଣାଳୟ ନିର୍ଦ୍ଦେଶନାମା ଜାରି କରାଯାଇଛି । ସହାୟତା ରାଶି ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଯୋଗ୍ୟତା ଧାର୍ଯ୍ୟ କରାଯାଇଛି । ଯେଉଁ କ୍ରୀଡ଼ାରେ ୭୫ରୁ ୧୦୦ ଭାଗ ସ୍ୱୀକୃତିପ୍ରାପ୍ତ ସଂଗଠନ ଯୋଗଦେବେ ସେହି ଚାମ୍ପିଅନସିପ୍ ଲାଗି ଜାତୀୟ କ୍ରୀଡ଼ା ମହାସଂଘକୁ ୧୦୦ ଭାଗ ଆର୍ଥିକ ଅନୁଦାନ ଦିଆଯିବ । ୫୦ରୁ ୭୫ ଭାଗ ସଂଗଠନ ଯୋଗଦେଲେ ଅନୁଦାନ ୭୫ ଶତକଡ଼ା ମିଳିବ । ଅଂଶଗ୍ରହଣକାରୀ ସଂଗଠନ ସଂଖ୍ୟା ୫୦ଭାଗରୁ କମ୍ ହେଲେ କୌଣସି ଅନୁଦାନ ଦିଆଯିବ ନାହିଁ । ଏହି ଅନୁଦାନ ନିୟମ ସମସ୍ତ ସିନିଅର, ଜୁନିଅର ଓ ସବ୍‌ଜୁନିଅର କାଟାଗୋରୀ ପାଇଁ ଲାଗୁ ହେବ । କିନ୍ତୁ ଶାରିରୀକ ଭିନ୍ନକ୍ଷମଙ୍କ ଲାଗି ଏହା ଲାଗୁ ହେବ ନାହିଁ । ଏମାନଙ୍କୁ ଅତିକମ୍‌ରେ କେତେ ଶତକଡ଼ା ସଂଗଠନ ଯୋଗଦେଲେ ପୂର୍ଣ୍ଣଅନୁଦାନ ମିଳିବ ତାହା କ୍ରୀଡ଼ାର ଲୋକପ୍ରିୟତା ଓ ଦଳର ଅଂଶଗ୍ରହଣ ଉପରେ ଧାର୍ଯ୍ୟ କରାଯିବ ।

ସଙ୍ଗୀତ ନିର୍ଦ୍ଦେଶକ ଅନିରୁଦ୍ଧଙ୍କ ହାତ ଧରିବେ କାବ୍ୟା

ମୁମ୍ବାଇ, ୧୭ ।୧୦ (ଏଜେନ୍ସି): ଆଇପିଏଲ୍ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦରାବାଦର ମାଲିକାଣୀ କାବ୍ୟା ମାରାନ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି । କାବ୍ୟା ସଙ୍ଗୀତ ନିର୍ଦ୍ଦେଶକ ଅନିରୁଦ୍ଧ ରବିଚନ୍ଦରଙ୍କ ହାତ ଧରିବେ । ନଭେମ୍ବର ୨୧ ତାରିଖରେ ଚେନ୍ନାଇଠାରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହେବ । କାବ୍ୟାଙ୍କ ପିତା ତଥା ଗ୍ରୁପ୍ ଅଧ୍ୟକ୍ଷ କଲାନିଧି ମାରାନ ଏବଂ କାଭେରୀ ମାରାନ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେୱନ୍ତ ରେଡ୍ଡୀଙ୍କୁ ସାକ୍ଷାତ କରି ଝିଅର ବିବାଦ ଉତ୍ସବରେ ଯୋଗଦେବା ଲାଗି ନିମନ୍ତ୍ରଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ନିଜେ ମଧ୍ୟ ଏହି ସାକ୍ଷାତର କିଛି ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି ।

ଓଡ଼ିଶା-କେରଳ ରଣଜୀ ମୁକାବିଲା ଆଜିଠାରୁ

ଭୁବନେଶ୍ୱର,୧୭।୧୦ (ସମିସ): ଚଳିତ ରଣଜୀ ଋତୁର ଦ୍ୱିତୀୟ ରାଉଣ୍ଡ ମୁକାବିଲା ଆସନ୍ତାକାଲିଠାରୁ ଖେଳାଯିବ । ଏହି ରାଉଣ୍ଡରେ ଓଡ଼ିଶା ଓ କେରଳ ମଧ୍ୟରେ ତିରୁଅନନ୍ତପୁରମରେ ଏଲିଟ ଗ୍ରୁପ୍-ସି'ର ମୁକାବିଲା ଅନୁଷ୍ଠିତ ହେବ । ଏହା ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଥିବା ଓଡ଼ିଶା ଏବଂ ମ୍ୟାଚ୍ ଡ୍ର ରଖି ମାତ୍ର ଗୋଟିଏ ପଏଣ୍ଟ ପାଇଥିବା କେରଳ ଏହି ମୁକାବିଲାରୁ ପୂରା ପଏଣ୍ଟ ସଂଗ୍ରହ କରିବା ଲକ୍ଷ୍ୟରେ ନିଶ୍ଚିତ ରହିବେ । ଓଡ଼ିଶା ତାହାର ପ୍ରଥମ ମ୍ୟାଚ୍‌ରେ ଗୁଜରାଟ ନିକଟରୁ ୧୦ ୱିକେଟରେ ପରାଜିତ ହୋଇଥିଲାବେଳେ ଝାଡଖଣ୍ଡ ବିପକ୍ଷରେ ମ୍ୟାଚ୍ ଡ୍ର ରଖି କେରଳ ଗୋଟିଏ ପଏଣ୍ଟ ପାଇଛି । ଏଣୁ ଏହି ମୁକାବିଲା ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି । ବିଶେଷକରି ଘରୋଇ ମାଟିରେ ଖେଳୁଥିବା କେରଳ ପ୍ରତିଦ୍ୱନ୍ଦ୍ୱୀ ଓଡ଼ିଶାଠାରୁ ସାମାନ୍ୟ ଆଗରେ

ରହିଛି । ଅହମ୍‌ଦାବାଦ୍‌ରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଓଡ଼ିଶାର ବ୍ୟାଟରମାନେ ପ୍ରଥମରୁ ଭଲ ଆରମ୍ଭ କରିଥିଲେ । ବିଶେଷକରି ଓପନର ଗୌରବ ଚୌଧୁରୀଙ୍କ ଶତକ ଓ ସନ୍ଦୀପ ପଟ୍ଟନାୟକଙ୍କ ଉଭୟ ଇନିଂସରେ ଅର୍ଦ୍ଧଶତକ ଉଲ୍ଲେଖଯୋଗ୍ୟ । ଦ୍ୱିତୀୟ ଇନିଂସରେ ଆମଦାନୀ ଅଲରାଉଣ୍ଡର ନିନାଦ ରାଠୱାଙ୍କୁ ଛାଡ଼ିଦେଲେ ଅନ୍ୟ କେହି ବଡ଼ ସ୍କୋର କରିବାରେ ସଫଳ ହୋଇ ନ ଥିଲେ । ଯାହାଫଳରେ ଭଲ ଆରମ୍ଭ କରିଥିଲେ ମଧ୍ୟ ଓଡ଼ିଶା ଦଳ ଫାଇଦା ଉଠାଇ ପାରି ନ ଥିଲା । କେବଳ ବ୍ୟାଟିଂ ନୁହେଁ ବୋଲିଂରେ ମଧ୍ୟ ଦଳର ପ୍ରଭାବୀ ପ୍ରଦର୍ଶନ ଦେଖିବାକୁ ମିଳି ନ ଥିଲା । ବାମହାତୀ ସ୍ପିନର ବାଦଲ ବିଶ୍ୱାଳଙ୍କୁ ଛାଡ଼ିଦେଲେ ଅନ୍ୟ କେହି ସଫଳତା ପାଇ ନ ଥିଲେ । ଦୁଇ ପେସର ରାଜେଶ ମହାନ୍ତି ଓ ଆମଦାନି ଲଳିତ ଯାଦବଙ୍କଠାରୁ ଅନେକ କିଛି ଆଶା କରାଯାଉଥିଲେ ମଧ୍ୟ ସେମାନେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ । ଏଣୁ ଓଡ଼ିଶା ଭଲ ଆରମ୍ଭ କରି ମଧ୍ୟ ୧୦ ୱିକେଟରେ ହାରିଯାଇଥିଲା । ଏହି ପ୍ରଦର୍ଶନରୁ ଓଡ଼ିଶା କ'ଣ ପାଇଛି ତାହା ଆସନ୍ତାକାଲିଠାରୁ କେରଳ ବିପକ୍ଷ ମୁକାବିଲା ପରେ ଜଣାପଡ଼ିବ । ଝାଡଖଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିଥିବା କେରଳ ଫଲୋଅନ ହେବା ପରେ ମ୍ୟାଚ୍ ଡ୍ର ରଖି ଗୋଟିଏ ପଏଣ୍ଟ ପାଇଥିଲା । ଜାତୀୟ ପ୍ରଦର୍ଶନକୁ ଦେଖିଲେ ଓଡ଼ିଶା ଅପେକ୍ଷା କେରଳର ସ୍ଥିତି ଭଲ । ଦଳର ବ୍ୟାଟର ହୁଅନ୍ତୁ କି ବୋଲର ସମସ୍ତଙ୍କ ନିକଟରେ ବଡ଼ ଇନିଂସ ଖେଳିବାର ଦକ୍ଷତା ରହିଛି । ବ୍ୟାଟିଂରେ ଅଭିଷେକ ନାୟର, ରୋହନ କୁନ୍ନୁମଲ, ଭେଟେରାନ ସଚିନ ବେବି, ଅଧିନାୟକ ବିଷ୍ଣୁ ବିନୋଦ, ସଲମାନ ନିଜାର ଓ ମହମ୍ମଦ୍ ଆଝାରୁଦ୍ଦିନ ବଡ଼ ସ୍କୋର କରିବାର ଦକ୍ଷତା ରଖିଛନ୍ତି । ଦୁଇ ଆମଦାନୀ ସ୍ପିନର ତଥା ଅଲରାଉଣ୍ଡର ଜଲଜ ସାକ୍ସେନା ଓ ଆଦିତ୍ୟ ସରୱତେ ବେଶ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛନ୍ତି । ଏମ୍‌ଡି ନୀଧୀଶ, ବୈଶାଖ ଚନ୍ଦ୍ରନ ଏବଂ ଇଡେନ ଆପଲ ଟମ୍ କିପରି ଓଡ଼ିଶାର ବ୍ୟାଟିଂକୁ ପ୍ରଭାବିତ କରିବେ ତାହା ଦେଖିବାକୁ ବାକି ରହିଛି ।

ଇଣ୍ଡିଆନ ସୁପର୍ ଲିଗ୍-୧୩

ବିଜୟ ହାତଛଡ଼ା କଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୧୭ ।୧୦ (ସମିସ): ଚଳିତ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସଏଲ)ର ତ୍ରୟୋଦଶ ସଂସ୍କରଣରେ ଓଡ଼ିଶା ଏଫସି ପଏଣ୍ଟ ଖାତା ଖୋଲିଛି । ଶନିବାର ଉତ୍ତର ପ୍ରଦେଶର ଏକନା ଷ୍ଟାଡିୟମରେ ଇଣ୍ଟର କାଶୀ ବିପକ୍ଷରେ ଅନୁଷ୍ଠିତ ଲିଗ୍ ମ୍ୟାଚକୁ ଓଡ଼ିଶା ଏଫ୍‌ସି ୧-୧ ଗୋଲ୍‌ରେ ଡ୍ର' ରଖିଥିଲା । ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ରହିଥିଲା । ତେବେ

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଇଣ୍ଟର କାଶୀର ପ୍ରତୀକ ଚୌଧୁରୀ ଏକ ଆତ୍ମଘାତୀ ଗୋଲ୍ ଦେଇଥିଲେ । ଫଳରେ ଉପହାର ଆକାରରେ ପାଇଥିବା ଏହି ଗୋଲ୍ ବଳରେ ଓଡ଼ିଶା ଏଫସି ୧-୦ରେ ଅଗ୍ରଣୀ ରହିଥିଲା । କିନ୍ତୁ ଖେଳ ଶେଷ ହେବାକୁ ଗୋଟିଏ ମିନିଟ୍ ବାକି ଥିବାବେଳେ ଇଣ୍ଟର କାଶୀ ମ୍ୟାଚ୍‌କୁ ବରାବର‌ସ୍ଥିତିକୁ ଆଣିବାକୁ ସଫଳ ହୋଇଥିଲା । ଥୋଇ ସିଂ ଏହି ଗୋଲଟି ଦେଇ ମ୍ୟାଚକୁ ୧-୧ର ସମାନସ୍ଥିତିକୁ ଆଣିଥିଲେ । ଫଳରେ ମ୍ୟାଚ ଡ୍ର ରହିଥିବାବେଳେ ଓଡ଼ିଶା ଏକ ନିଶ୍ଚିତ ବିଜୟ ପଏଣ୍ଟ ହାତଛଡ଼ା କରିଥିଲା । ଉଭୟ ଦଳକୁ ଏକ ପଏଣ୍ଟ ଲେଖାଏରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି । ପୂର୍ବରୁ ପ୍ରଥମ ମ୍ୟାଚରେ ପଞ୍ଜାବ ଏଫ୍‌ସି ନିକଟରୁ ହାରିଥିବା ଓଡ଼ିଶା ଏହି ଡ୍ର ସହ ପଏଣ୍ଟ ଟେବୁଲରେ ମଧ୍ୟ ଖାତା ଖୋଲିଛି । ଓଡ଼ିଶା ଏଫସି ପରବର୍ତ୍ତୀ ମ୍ୟାଚରେ ଅକ୍ଟୋବର ୨୪ ତାରିଖରେ ନର୍ଥଇଷ୍ଟ ୟୁନାଇଟେଡକୁ ଭେଟିବ । ଏହି ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY